# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




ବଦଳିଯିବ ପାକିସ୍ତାନ ମାନଚିତ୍ର

ପୃଷ୍ଠା ୫


Vol. 34 | ISSUE 17 ଭାଗ ୩୪ | ସଂଖ୍ୟା ୧୭

Wednesday 8 April 2026 | Page 8 Rs. 5.00

ଭୁବନେଶ୍ୱର ବୁଧବାର ୮ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଆମେ ଜାଣିବା, ଆମ ବଜେଟ୍

# ଲୋକାଭିମୁଖୀ ଓ ପାରଦର୍ଶୀ ଶାସନର ପରିଚୟ



### ଉତ୍କଳ ଦିବସରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ସଚେତନତା ଅଭିଯାନ

### ପଡ଼ିଲା ସମୃଦ୍ଧ ଓଡ଼ିଶା ଭିଜନ ଲକ୍ଷ୍ୟ ହାସଲର ମୂଳଦୂଆ

### ବିଗତ ବର୍ଷର ଅଟକଳଠାରୁ ୭ ପ୍ରତିଶତ ଅଧିକ ବ୍ୟୟବରାଦ

### ଓଡ଼ିଶା ହେବ ପୂର୍ବ ଭାରତର ପ୍ରମୁଖ ଲଜିଷ୍ଟିକ ହବ

### ବିକାଶ ପାଇଁ ପ୍ରସ୍ତୁତ ହୋଇଛି ବୈପ୍ଲବିକ ରୋଡ୍‌ମ୍ୟାପ

ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ)ଃ ବଜେଟ କେବଳ ଆୟ-ବ୍ୟୟର ତାଲିକା ନୁହେଁ, ବରଂ ଏହା ଓଡ଼ିଶାର ସମଗ୍ର ଉନ୍ନତି ସହ ପ୍ରତ୍ୟେକ ନାଗରିକଙ୍କ ସ୍ୱପ୍ନ ପୂରଣର ଏକ ସୁଦୃଢ଼ ରୋଡମ୍ୟାପ୍ ବୋଲି ରାଜ୍ୟ ସ୍ତରୀୟ ବଜେଟ ସଚେତନତା କର୍ମଶାଳା 'ଆମେ ଜାଣିବା, ଆମ ବଜେଟ' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକସେବା ଭବନ କନଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି କର୍ମଶାଳାରେ ସେ କହିଥିଲେ ଯେ ଦେଶର ଭିଜନ୍ ସହ ତାଳ ମିଳାଇ ଆମ ସରକାର ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନ ଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା, ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ହାରାହାରି ଆୟୁଷକୁ ୮୦ ବର୍ଷରୁ ଅଧିକ କରିବା ଏବଂ ରକ୍ତହୀନତା ଓ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ରାଜ୍ୟର ଦୀର୍ଘମିଆଦୀ ଭିଜନ୍ ସହ ସମନ୍ୱିତ ହୋଇ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ମୂଳ ଭିତ୍ତିକୁ ସୁଦୃଢ଼ କରିବ। ଚଳିତ ବଜେଟରେ କାର୍ଯ୍ୟକ୍ରମ ଓ ଯୋଜନା ମିଶି ୩୧ଟି ନୂଆ ପଦକ୍ଷେପ ନିଆଯାଇଛି। ଏହି ବଜେଟ୍‌ରେ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ପୁଞ୍ଜି ବ୍ୟୟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷର ବଜେଟ୍ ବିଗତ ବର୍ଷର ବଜେଟ ଅଟକଳଠାରୁ ୭ ପ୍ରତିଶତ ଅଧିକ। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାରର ଅର୍ଥନୀତିରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ଏହା ଅସମ୍ଭବ ଲାଗୁଥିଲେ ମଧ୍ୟ ଅସମ୍ଭବକୁ ସମ୍ଭବ କରିବାର ସାମର୍ଥ୍ୟ ଓଡ଼ିଆଙ୍କ ପାଖରେ ଅଛି ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରେ ଏହା ନିଶ୍ଚିନ୍ତ ରୂପେ ସମ୍ଭବ ହେବ। ସେ କହିଥିଲେ ଯେ ଏହି ବଜେଟ୍‌ରେ ଭିତ୍ତିଭୂମି, ଶିଳ୍ପ, ପର୍ଯ୍ୟଟନ, କୃଷି, ନାରୀ ସଶକ୍ତିକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରାଥମିକତା ପୃଷ୍ଠା-୬

## ୨୧ରେ ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ)ଃ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୧ରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଗସ୍ତରେ ରାଷ୍ଟ୍ରପତି ଝାରସୁଗୁଡ଼ା ଓ ରାଇରଙ୍ଗପୁରରେ ଦୁଇଟି କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ଓଡ଼ିଶା ପୁଲିସର ପ୍ରସ୍ତାବିତ ରାଇରଙ୍ଗପୁର ପୁଲିସ ଜିଲ୍ଲାକୁ ରାଷ୍ଟ୍ରପତି ଶୁଭାରମ୍ଭ କରିବା ସହ ଏସ୍‌ପିଙ୍କ କାର୍ଯ୍ୟାଳୟ ମଧ୍ୟ ଉଦ୍‌ଘାଟନ କରିବେ। ସେହିପରି ଓଡ଼ିଶା ପୁଲିସକୁ ନୂତନ ଭାବେ ମିଳିଥିବା 'ରାଷ୍ଟ୍ରପତି ପୁଲିସ କଲର ସମ୍ମାନ' ମଧ୍ୟ ରାଷ୍ଟ୍ରପତି ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଗସ୍ତକୁ ନେଇ ପୁଲିସ ଡିଜିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୁଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଏଡିଜି ଆଇନଶୃଙ୍ଖଳା ସଞ୍ଜୟ କୁମାର, ଏଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି କମିଶନର ଦୟାଲ ଗଙ୍ଗୱାର, ଏଡିଜି ପୁଲିସ ହାଉସିଂ କର୍ପୋରେସନ ଅଧ୍ୟକ୍ଷ, ଆଣ୍ଟି-ନକ୍ସଲ ଅପରେସନର ଏଡିଜି ସଞ୍ଜୀବ ପଣ୍ଡା, ଏଡିଜି ଏସ୍‌ଏପି ରାଜେଶ କୁମାର, ଏଡିଜି ଆଇସିଏଡବ୍ଲ୍ୟୁ ଏସ୍. ସାଇନି, ଏଚ୍‌ଆର୍‌ପିସି ଯତୀନ୍ଦ୍ର କୋଏଲ, ପୁଲିସ ପୃଷ୍ଠା-୬

# ବିଜେଡି ସଂସଦୀୟ ଦଳରେ ବିଭାଜନ

### ସସ୍ମିତଙ୍କ ବିରୋଧରେ ନବୀନଙ୍କୁ ଫେରାଦ

### ୨୦୦୨ ସ୍ଥିତିର ପୁନରାବୃତ୍ତି ଆଶଙ୍କା

### ବିଭାଜନ ନିଆଁକୁ ହାୱା ଦେଉଛନ୍ତି ବିଦ୍ରୋହୀ



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ)ଃ ବିଜେଡିରେ ପୁଣିଥରେ ୨୦୦୨ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ବିଜେଡି ସଂସଦୀୟ ଦଳ ସମାନ୍ତରାଳ ବିଭାଜନ ମୁହଁରେ ଛିଡ଼ା ହୋଇଛି। ସେ ସମୟରେ ବି ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ବିରୋଧ କରି ସଂସଦୀୟ ଦଳ ଭାଗ ଭାଗ ହୋଇଥିଲା। ଆଉ ସମାନ ଢଙ୍ଗରେ ଏବେ ସଂସଦୀୟ ଦଳ ନେତା ସସ୍ମିତ ପାତ୍ରଙ୍କ ବିରୋଧରେ ଏକାଠି ହୋଇଛନ୍ତି କିଛି ରାଜ୍ୟସଭା ସାଂସଦ ଓ ପୂର୍ବତନ ସାଂସଦ। ଗତ ସପ୍ତାହରେ ବିଜେଡିର ୪ ଜଣ ବର୍ତ୍ତମାନର ରାଜ୍ୟସଭା ସାଂସଦ ଓ କିଛି ପୂର୍ବତନ ସାଂସଦ ଶ୍ରୀ ପାତ୍ରଙ୍କ ବିରୋଧରେ ଲିଖିତ ଭାବେ ଦଳର ସଭାପତିଙ୍କୁ ଜଣାଇଛନ୍ତି। ସସ୍ମିତଙ୍କୁ ସଂସଦୀୟ ଦଳ ନେତା ପଦରୁ ହଟେଇବା ସହ କାହାକୁ ନେତା କରାଯିବାର ଆବଶ୍ୟକତା ରହିଛି, ସେ ସମ୍ପର୍କରେ ମଧ୍ୟ ସଭାପତିଙ୍କୁ କୁହାଯାଇଛି। ନବୀନ ବିଦ୍ରୋହୀଙ୍କୁ ପରିବର୍ତ୍ତନର ଆଶ୍ୱାସନା ନ ଦେଇ କେବଳ ଏହାର ବିଚାର କରୁଛନ୍ତି ବୋଲି ଚିରାଚରିତ ଢଙ୍ଗରେ କହିଛନ୍ତି। ସସ୍ମିତଙ୍କ ବିରୋଧରେ ବିଜେଡି ସାଂସଦଙ୍କ ଅଭିଯୋଗ ହେଉଛି, ସେ କୁଆଡ଼େ ବିଜେପି ଲିଙ୍କ୍‌ରେ ଅଛନ୍ତି। ସଂସଦୀୟ ଦଳ ନେତା ଭାବେ ସସ୍ମିତ ବିଜେଡିର ଅନ୍ୟ ସାଂସଦଙ୍କ ସହ କୌଣସି ପ୍ରସଙ୍ଗରେ ଆଲୋଚନା କରନ୍ତି ନାହିଁ। ଏପିରିକି ବିଜୁବାବୁଙ୍କୁ ଅସମ୍ମାନ ପ୍ରସଙ୍ଗରେ ସେ ଏକୁଟିଆ ରାଜ୍ୟସଭାରେ ନିଜ ବିବୃତ୍ତି ରଖି କକ୍ଷତ୍ୟାଗ କରିଥିଲେ। ଦଳର ଅନ୍ୟ ସାଂସଦଙ୍କୁ ଏ ବାବଦରେ ସେ ଜଣାଇ ବି ନ ଥିଲେ। ଅବଶ୍ୟ ଏ ସମ୍ପର୍କରେ ସସ୍ମିତ ମଧ୍ୟ ନବୀନଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

୨୦୦୨ରେ ବିଜେଡିରେ ମଧ୍ୟ ଏଭଳି ଏକ ସ୍ଥିତି ଉପୁଜିଥିଲା। ସେ ସମୟରେ ଦଳର ୧୦ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ଅଲଗା ସଂସଦୀୟ ନେତା ଓ ମୁଖ୍ୟ ସଚେତକଙ୍କ ସହ ପୃଥକ୍ ଆସନ ଦାବି କରି ତତ୍କାଳୀନ ଲୋକସଭା ବାଚସ୍ପତି ମନୋହର ଯୋଶୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ସେ ସମୟରେ ବିଭାଜନ ପାଇଁ ଉଦ୍ୟମ କରିଥିବା ବିଜେଡି ସାଂସଦମାନେ ଥିଲେ ପ୍ରସନ୍ନ ପାଟଶାଣୀ, ଭର୍ତ୍ତୃହରି ମହତାବ, ପ୍ରଭାତ ସାମନ୍ତରାୟ, କୁମୁଦିନୀ ପଟ୍ଟନାୟକ, ଜଗନ୍ନାଥ ମଲ୍ଲିକ ଓ ପ୍ରସନ୍ନ ପୃଷ୍ଠା-୬





### ଶେଷ ୱାର୍ଣ୍ଣିଂ ଦେଲେ ଟ୍ରମ୍ପ

### ଘରୁ ନ ବାହାରିବାକୁ ଭାରତୀୟଙ୍କୁ ପରାମର୍ଶ

### ପ୍ରବାସୀଙ୍କ ପାଇଁ ୪୮ ଘଣ୍ଟାର ଆଡଭାଇଜରୀ

### ଟ୍ରେନରେ ଯାତ୍ରା ନ କରିବାକୁ ଜରୁରୀ ସୂଚନା

ନୂଆଦିଲ୍ଲୀ,୭।୪ଃ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଭବିଷ୍ୟତ ଅନିଶ୍ଚିତତା ଭିତରେ ଥିବା ବେଳେ ଆଜି ଇରାନରେ ଅବସ୍ଥାପିତ ଭାରତୀୟ ଦୂତାବାସ ପକ୍ଷରୁ ଆଡଭାଇଜରୀ ଜାରି କରାଯାଇଛି। ଇରାନରେ ରହୁଥିବା ଭାରତୀୟମାନେ ନିଜକୁ କିଭଳି ସୁରକ୍ଷିତ ରଖିବେ ସେନେଇ ନୂଆ ଆଡଭାଇଜରୀ ଜାରି କରିଛି ଭାରତୀୟ ଦୂତାବାସ। ଇରାନକୁ ଆମେରିକା ଦେଇଥିବା ୪୮ଘଣ୍ଟିଆ ଡେଡଲାଇନ ଆଉ କିଛି ଘଣ୍ଟା ପରେ ଶେଷ ହେଉଥିବାରୁ ଯେକୌଣସି ପ୍ରକାର ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ଦୂତାବାସ ଆଡଭାଇଜରୀ ଭାରତୀୟମାନଙ୍କୁ ଆସନ୍ତା ୪୮ ଘଣ୍ଟା ପାଇଁ ଘର ଭିତରେ ରହିବାକୁ ପରାମର୍ଶ ଦେଇଛି। ଗତ ମାସକ ମଧ୍ୟରେ ଇରାନରେ ରହୁଥିବା ବହୁ ଭାରତୀୟ ସ୍ୱଦେଶକୁ ଫେରିଆସିଛନ୍ତି। ତଥାପି ଇରାନ ଓ ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ଏବେ ବି ବହୁ ସଂଖ୍ୟାରେ ଭାରତୀୟ ଅଛନ୍ତି। ଆମେରିକା ଦେଇଥିବା ଅଲଟିମେଟମ୍‌ରେ ମୁଖ୍ୟତଃ ଶକ୍ତି ଓ ଯୋଗାଯୋଗ ଭିତ୍ତିଭୂମିକୁ ଟାର୍ଗେଟ କରିବାକୁ ଧମକ ଦେଇଛି, ତେଣୁ ଭାରତୀୟମାନେ କୌଣସି ପ୍ରକାର ବୈଦ୍ୟୁତିକ ଓ ସାମରିକ ଉପକରଣଠାରୁ ନିଜକୁ ଦୂରେଇ ରଖିବାକୁ ପରାମର୍ଶ ଦିଆଯାଇଛି। ଏଥିସହି ଉଚ୍ଚ ଆପାର୍ଟମେଣ୍ଟର ଉପର ମହଲାରେ ନ ରହିବାକୁ କୁହାଯାଇଛି। ଏଥିସହ ଜାତୀୟ ରାଜପଥରେ ଯାତାୟାତ ପୂର୍ବରୁ ଦୂତାବାସ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଭାରତୀୟ ଦୂତାବାସ ପକ୍ଷରୁ ଏଥିପାଇଁ ୪ଟି ଜରୁରୀ ଫୋନ୍ ନମ୍ବର ପୃଷ୍ଠା-୬

# ଓଡ଼ିଆ ନୂଆ ବର୍ଷରେ ଶ୍ରୀଜିଉଙ୍କ ନୂଆ ପଲଙ୍କ



### ଆଜିଠୁ ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି

### ପୂର୍ଣ୍ଣ ସହଯୋଗ ପାଇଁ ମୁଖ୍ୟ ପ୍ରଶାସକଙ୍କ ନିବେଦନ

ପୁରୀ,୭।୪(ସଂଚାର ବ୍ୟୁରୋ)ଃ ଆସନ୍ତାକାଲିଠାରୁ ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ ରତ୍ନଭଣ୍ଡାର ଗଣତିମଣତି। ଦ୍ୱିତୀୟ ପର୍ଯ୍ୟାୟରେ ରତ୍ନଭଣ୍ଡାର ଗଣତିମଣତି ଆସନ୍ତା ୧୧ ତାରିଖ ଯାଏ ଚାଲିବ। ଏହାପରେ ଏପ୍ରିଲ ୧୩ ଏବଂ ୧୬ରୁ ୧୮ ପର୍ଯ୍ୟନ୍ତ ଚାଲିବ ରତ୍ନଭଣ୍ଡାର ଗଣତିମଣତି। ଗଣତି ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ଶ୍ରୀଜିଉଙ୍କ ନୀତି ସମ୍ପାଦନ ଅବ୍ୟାହତ ରଖାଯିବ। ଏଥିସହ ଅଧିକୃତ ପାଳିଆ ସେବକମାନେ ଜଗମୋହନ ଓ ଗର୍ଭଗୃହକୁ ନୀତି ସମ୍ପାଦନ ନିମନ୍ତେ ସ୍ୱାଚ୍ଛନ୍ଦ୍ୟରେ ପ୍ରବେଶ କରିବେ। ସେହିଭଳି କଡ଼ା ସୁରକ୍ଷା ଦୃଷ୍ଟିରୁ ସର୍ବସାଧାରଣଙ୍କ ନିମନ୍ତେ ଉକ୍ତ ଦିନମାନଙ୍କରେ ଦର୍ଶନ ବ୍ୟବସ୍ଥା ଭିତର କାଠ ନିକଟରୁ ବନ୍ଦ ରଖାଯାଇ କେବଳ ବାହାର କାଠ ନିକଟରୁ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଣୁ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତି କାର୍ଯ୍ୟରେ ପୂର୍ବୋପରି ପୂର୍ଣ୍ଣ ସହଯୋଗ ନିମନ୍ତେ ନିବେଦନ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପୃଷ୍ଠା-୬

## ଗୋ-ମାଫିଆଙ୍କ ସହ ଜଡ଼ିତ ୩୨ଟି ସ୍ଥାନରେ ଏକକାଳୀନ ଚଢ଼ାଉ

# ୫୦ ଲକ୍ଷ ଟଙ୍କା, ସୁନାଗହଣା ଜବତ



### ୧୮ ପ୍ଲାଟୁନ୍ ପୁଲିସ ଫୋର୍ସ ନିୟୋଜିତ

ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଗୋ-ଚାଲାଣ ରୋକିବା ସକାଶେ ଓଡ଼ିଶା ପୁଲିସ୍ ପକ୍ଷରୁ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଏହି ବଡ଼ ଧରଣର ଚଢ଼ାଉରେ ୩୨ଟି ପୃଥକ୍ ସ୍ଥାନରେ ପୁଲିସ୍ ଟିମ୍ ଚଢ଼ାଉ କରି ବ୍ୟାପକ ମାତ୍ରାରେ ଟଙ୍କା ଓ ସୁନାଗହଣା ଆଦି ଜବତ କରିଛି। ଏହି ଚଢ଼ାଉରେ ବିଶେଷ ଭାବେ ପୂର୍ବାଞ୍ଚଳ ଉପରେ ଅଧିକ ଫୋକସ୍ କରାଯାଇଛି। ପୁଲିସ୍ ଟିମ୍ ପକ୍ଷରୁ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ପୁଲିସ୍ ଟିମ୍ ଉପରୋକ୍ତ ତିନିଟି ଜିଲ୍ଲାରେ ପାଖାପାଖି ୫୦ ଲକ୍ଷ ଟଙ୍କା ଜବତ କରିଥିବା ବେଳେ ବ୍ୟାପକ ମାତ୍ରାରେ ସୁନା ଓ ରୁପା ଗହଣା ଠାବ ହୋଇଛି। ବେଆଇନ ଗୋଚାଲାଣ ଓ ଏହା ସହ ଜଡ଼ିତ ମାଫିଆମାନଙ୍କୁ ଚେକ୍ ଦେବା ସକାଶେ ଏହି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ବାଙ୍ଗିରିପୋଷି, ଝାରପୋଖରିଆ, ବାଦାମପାହାଡ଼, ବାରିପଦା, ଶୁଳିଆପଦା, ବୈଶିଙ୍ଗା ଥାନାଞ୍ଚଳର ୧୫ଟି ସ୍ଥାନରେ ପୁଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ରାଇରଙ୍ଗପୁର ଥାନା ଅନ୍ତର୍ଗତ ଦେଓଗାଁ ଓ ସାତପଡଟିଆ ଅଞ୍ଚଳରୁ ପାଖାପାଖି ୧୧ ଲକ୍ଷ ଟଙ୍କାର ନଗଦ ଓ ପ୍ରାୟ ୧୨ ଲକ୍ଷ ଟଙ୍କାର ପୃଷ୍ଠା-୬

# ନମ୍ବର ପ୍ଲେଟ୍‌ରେ ଲାଗିବନି ପୁଲିସ ଲୋଗୋ

### ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ

### ଆଜିଠୁ ଆରମ୍ଭ ହେବ ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱରେ,୭।୪(ସଂଚାର ବ୍ୟୁରୋ)ଃ ଏଣିକି କୌଣସି ଗାଡ଼ିର ନମ୍ବର ପ୍ଲେଟରେ ପୁଲିସ ଲୋଗୋ ଲାଗିପାରିବ ନାହିଁ। ପରିବହନ ବିଭାଗ ପକ୍ଷରୁ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ସବୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏନେଇ ସତର୍କ କରାଇ ଦିଆଯାଇଛି। ନମ୍ବର ପ୍ଲେଟରେ ପୁଲିସ ଲୋଗୋ ଲଗାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। କିଛି ବ୍ୟକ୍ତି ନିଜର ଦୁଇଚକିଆ କିମ୍ବା ଚାରିଚକିଆ ଯାନର ନମ୍ବର ପ୍ଲେଟରେ ପୁଲିସ ଲୋଗୋ ଲଗାଇ ଧମକ ଦେଉଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ପରିବହନ ବିଭାଗ ପକ୍ଷରୁ ଏଭଳି ନିର୍ଦ୍ଦେଶାନାମା ଜାରି କରାଯାଇଛି। ଗାଡ଼ିର ନମ୍ବର ପ୍ଲେଟରେ ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଅପବାଦରୁ ବର୍ତ୍ତିବାକୁ ତୈଳ କମ୍ପାନୀଙ୍କ ପ୍ରଚାର

### ନିଜର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ଦର୍ଶାଉଛନ୍ତି

### ରାତି ପାହିଲେ ଲାଗୁଛି ଧାଡ଼ି

### ଛୋଟ ଦୋକାନରେ ତାଲା ଝୁଲିଲାଣି



ଭୁବନେଶ୍ୱର, ୭।୪ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ଦେଖାଦେଇଥିବା ଗ୍ୟାସ ସଙ୍କଟର ସମାଧାନ ବଦଳରେ ପର୍ଯ୍ୟାପ୍ତ ଗ୍ୟାସ ମହଜୁଦ ଥିବା ଦର୍ଶାଇ ତୈଳ କମ୍ପାନୀମାନେ ଏବେ ନିଜ ମୁଣ୍ଡରୁ ଦୋଷ ଖସାଇବାରେ ଲାଗିଛନ୍ତି। ଯଦି ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ରନ୍ଧନ ଗ୍ୟାସ ମହଜୁଦ ରହିଛି, ତା'ହେଲେ ରାତି ପାହିଲେ ଗାଁଠୁ ସହର ପର୍ଯ୍ୟନ୍ତ ସବୁଠି ସିଲିଣ୍ଡରଟିଏ ପାଇବା ପାଇଁ ଲୋକେ କାହିଁକି ଧାଡ଼ି ଲଗାଉଛନ୍ତି ବୋଲି ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରଠାରୁ ରାଜ୍ୟରେ ରନ୍ଧନ ଗ୍ୟାସ ସଙ୍କଟ ପରିଲକ୍ଷିତ ହୋଇଛି। ଲୋକେ ରାତି ପାହିଲେ ଖାଲି ଗ୍ୟାସ ସିଲିଣ୍ଡର ଧରି ଏଜେନ୍ସି ଦୁଆର ମୁହଁରେ ଧାରଣା ଦେଉଛନ୍ତି। ବହୁ ସ୍ଥାନରେ ଗ୍ୟାସ ସିଲିଣ୍ଡରକୁ ନେଇ ଗଣ୍ଡଗୋଳ ଉପୁଜିବାରୁ ସେଠାରେ ପୁଲିସ୍ ମୁତୟନ ହେବା ସହ ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ବାଧ୍ୟ ହେଉଛି। ଗ୍ୟାସ କଳାବଜାରୀ ଦିନକୁ ଦିନ ବଢ଼ିବା ସହ ଚୋରା ବଜାରରେ ଗୋଟିଏ ଗ୍ୟାସ ଭର୍ତ୍ତି ସିଲିଣ୍ଡରର ଦାମ୍ ଦୁଇରୁ ତିନି ଗୁଣ ଅଧିକ ଦାମରେ ବିକ୍ରି ହେଉଥିବା କୁହାଯାଉଛି। ତେବେ ସବୁଠାରୁ ବଡ଼ କଥା ହେଉଛି, ଗ୍ୟାସ ଅଭାବରୁ ଏବେ ସହରାଞ୍ଚଳରେ ଛୋଟ ଛୋଟ ହୋଟେଲ ଓ ଜଳଖିଆ ଦୋକାନରେ ତାଲା ପଡ଼ିଗଲାଣି। ଯେଉଁଠାରେ ବି ଖୋଲା ରହୁଛି, ସେଠାରେ ଖାଦ୍ୟ ସାମଗ୍ରୀର ଦର ବଢ଼ିବା ସହ ବିଭିନ୍ନ ଖାଦ୍ୟଦ୍ରବ୍ୟ ପରିମାଣ ମଧ୍ୟ କମିବାରେ ଲାଗିଛି। ପୃଷ୍ଠା-୬

## ସରସ୍ୱତୀ ଶିଶୁ ମନ୍ଦିରର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ



ଆଳି,୭।୪(ସଂଚାର ବ୍ୟୁରୋ): ଆଳିର ଭୂଇଁପୁର ସରସ୍ୱତୀ ଶିଶୁ ମନ୍ଦିର ଓ ଚଣ୍ଡିଆଗଡି ସରସ୍ୱତୀ ଶିଶୁ ଵିଦ୍ୟା ମନ୍ଦିରରେ ନୂତନ ଶ୍ରେଣୀଗୃହ ଉଦଘାଟିତ ହୋଇଯାଇଛି। ସାଂସଦଙ୍କ ପାଣ୍ଠିରୁ ଦୁଇଟି ସରସ୍ୱତୀ ଶିଶୁ ମନ୍ଦିରର ନୂତନ ଶ୍ରେଣୀ ପାଇଁ ଅନୁଦାନ ମିଳିଥିଲା ୧୬ଲକ୍ଷ ଟଙ୍କା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ଉପ-ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହି ଦୁଇଟି ସରସ୍ୱତୀ ଶିଶୁ ମନ୍ଦିରର ନୂତନ ଶ୍ରେଣୀ ଗୃହକୁ ଉଦଘାଟନ କରିଥିଲେ। ଭୁଇଁପୁର ସରସ୍ୱତୀ ଶିଶୁ ମନ୍ଦିର ଓ ଚଣ୍ଡିଆଗଡି ସରସ୍ୱତୀ ଶିଶୁ ଵିଦ୍ୟା ମନ୍ଦିରରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ ଗୃହ ନଥିବାରୁ ଛାତ୍ରଛାତ୍ରୀମାନେ ପାଠ ପଢିବାରେ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଥିଲେ।ଏ ସମ୍ପର୍କରେ ସ୍କୁଲ କମିଟିର ସଦସ୍ୟମାନେ କେନ୍ଦ୍ରାପଡା ସାଂସଦ ବୈଜନ୍ତ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ଏନେଇ ସାଂସଦ ବୈଜନ୍ତ ପଣ୍ଡା ତାଙ୍କ ଉନ୍ନୟନ ପାଣ୍ଠିରୁ ଦୁଇଟି ଶିଶୁ ମନ୍ଦିରରକୁ ୮ଲକ୍ଷ ଲେଖାଏଁ ଅନୁଦାନ ପ୍ରଦାନ କରିଥିଲେ।

## କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା




ପଟ୍ଟାମୁଣ୍ଡାଇ,୭।୪(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଣ୍ଡପଡା- ବାଛରା ୟୁପି ସ୍କୁଲ ଓ ଭଜନେଶ୍ୱର ହାଇସ୍କୁଲର ଛାତ୍ର ଛାତ୍ରୀମାନେ ଗତ ୩ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଇଣ୍ଟର ସ୍କୁଲ କିକ ବକ୍ସିଂ ପ୍ରତିଯୋଗିତାରେ ୪ ଟି ସ୍ୱର୍ଣ୍ଣ,୪ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ଜିତି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏଇ ଅବସରରେ ପ୍ରଧାନଶିକ୍ଷକ ଗୋଲକ ବିହାରୀ ଭୂୟାଁଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କିକ ବକ୍ସିଂ ଶାଖା ସଭାପତି ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର ସାମଲ, ସମ୍ପାଦକ ସୁଶୀଲ ସାମଲ ୟୁପି ସ୍କୁଲ ପ୍ରଧାନଶିକ୍ଷକ ଅମରେନ୍ଦ୍ର କୁମାର ଜେନା, ରୋହିତ କୁମାର ସ୍ୱାଇଁ, ତରୁଣ କୁମାର ଜେନା ସଂଗୀତା ମଲ୍ଲିକ, ଜୟଶ୍ରୀ ଦାସ ନିରୋଦ ନଳିନୀ ମହାନ୍ତି ଓ ଅକ୍ଷୟ କୁମାର ଦାସ ପ୍ରମୁଖ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଜବରଦଖଲ ଉଚ୍ଛେଦ



ନିଶ୍ଚିନ୍ତକୋଇଲି,୭।୪ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ଅସୁରେଶ୍ୱର ବଜାରର ୪୧ଟି ଦୋକାନ ସମେତ ୫ଟି ବାସଗୃହକୁ ଉଚ୍ଛେଦ କରାଯାଇଛି। କଟିକଟା-ଜୟପୁର ରାସ୍ତା ବାମ ପାର୍ଶ୍ୱରେ ଥିବା ଅସୁରେଶ୍ୱର ବଜାର ନିକଟସ୍ଥ ୧୦ ନମ୍ବର କେନାଲଠାରୁ ନୃସିଂହ ଅବତାର ପୂଜା ମଣ୍ଡପ ପର୍ଯ୍ୟନ୍ତ ୪୧ ଗୋଟି ଦୋକାନ ଗୃହ ସହିତ ୫ ଟି ପରିବାରର ବାସଗୃହକୁ ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ବହୁ ବର୍ଷ ହେବ ଏହି ଦୋକାନୀ ଓ ପରିବାର ଲୋକମାନେ ଗୋଚର କିସମର ଜାଗା ଏବଂ ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ ଜାଗାକୁ ଜବରଦଖଲ କରି ସ୍ଥାୟୀ ଘର ନିର୍ମାଣ କରିଥିଲେ। ଫଳରେ ରାସ୍ତାରେ ଯାତାୟାତ ପାଇଁ ସମସ୍ୟା ଉପୁଜୁଥିଲା ବେଳେ ରାଜସ୍ୱ କାର୍ଯ୍ୟାଳୟ ମଧ୍ୟ ସଠିକ୍ ଭାବେ ନିର୍ମାଣ କରାଯାଇନଥିଲା। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ପରେ ଏବଂ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଥିଲା। ଏନେଇ ଜବରଦଖଲକାରୀମାନଙ୍କୁ ସ୍ୱଇଚ୍ଛାରେ ଜବରଦଖଲରୁ ହଟିଯିବା ପାଇଁ ନୋଟିସ ମଧ୍ୟ କରାଯାଇଥିଲା। ହେଲେ ଜବରଦଖଲକାରୀମାନେ ସେମାନଙ୍କର ଘରକୁ ନଭାଙ୍ଗିବାରୁ ମଙ୍ଗଳବାର ଦିନ ନିଶ୍ଚିନ୍ତକୋଇଲି ଅତିରିକ୍ତ ତହସିଲଦାର ଶିବରାମ ସ୍ୱାଇଁଙ୍କ ନେତୃତ୍ୱରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରିଣୀ ଅନିତା ସାହୁ ଓ ନିଶ୍ଚିନ୍ତକୋଇଲି ଥାନା ପୋଲିସ ସହାୟତାରେ ଦୁଇଟି ଜେସିବି ମେସିନ ଦ୍ୱାରା ୪୧ ଗୋଟି ଦୋକାନ ଗୃହ ଓ ୫ ଟି ପରିବାରର ବାସଗୃହକୁ ଭଙ୍ଗାଯାଇଛି।

### ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ନିଷ୍କ୍ରିୟତାର ପ୍ରତିବାଦ

# ସୁରକ୍ଷା ଦାବି ନେଇ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



କେନ୍ଦ୍ରାପଡ଼ା,୭।୪ (ସଂଚାର ବ୍ୟୁରୋ): ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ମାର୍ଶାଘାଇ ଥାନା ପୁଲିସର ନିଷ୍କ୍ରିୟତା ଓ ପରିବାରର ସୁରକ୍ଷା ଦାବିରେ କେନ୍ଦ୍ରାପଡା ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଛନ୍ତି ମାନସରଞ୍ଜନ ଆଚାର୍ଯ୍ୟ।

ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜ ଗ୍ରାମର ନଳିନୀ କୁମାର ଆଚାର୍ଯ୍ୟଙ୍କ ପୁତ୍ର ମାନସରଞ୍ଜନ ଆଚାର୍ଯ୍ୟ ସେହି ପାୟତରେ ଚାଲିଥିବା ରାସ୍ତା ମରାମତି, ପୋଖରୀ ସଫେଇ, ଓମଫେଡ କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇ ଦୁର୍ନୀତି କରାଯାଉଥିବା ଏବଂ ଓପିଟିସିଏଲର ସିମେ ଓ ରଡ ଚୋରୀ ଭଳି ଘଟଣାର ଚୁପ ରହିବାକୁ ବାଧ୍ୟ କରି ଏକ ରାଜନୈତିକ ଗୋଷ୍ଠିର କେତେକ ଯୁବକ ସଙ୍ଘବଦ୍ଧ ହୋଇ ଚଳିତମାସ ୧୭ତାରିଖରେ ମାନସରଞ୍ଜନଙ୍କୁ ଧମକ ଦେବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମାନସରଞ୍ଜନଙ୍କ ବାମହାତଟି ଭାଙ୍ଗିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଏସମ୍ପର୍କରେ ମାନସରଞ୍ଜନ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେବି ମାର୍ଶାଘାଇ ଥାନା ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା।

ପୁଲିସର ନିଷ୍କ୍ରିୟତା ଯୋଗୁଁ ଭବିଷ୍ୟତରେ ମାନସରଞ୍ଜନଙ୍କ ପରିବାରଜନଙ୍କ ଜୀବନହାନୀ ହେବାର ସମ୍ଭାବନା ରହିଥିବାରୁ ପରିବାରବର୍ଗଙ୍କୁ ସୁରକ୍ଷା ଯୋଗାଇଦେବା ସହିତ ଘଟଣାର ନିରପେକ୍ଷ ତଦନ୍ତ ପୂର୍ବକ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ସେ ଜିଲ୍ଲାପାଳ ଓ ଏସପିଙ୍କୁ ଲିଖିତ ଭାବେ ନିବେଦନ କରିଥିଲେ। ଏହାପରେବି ମାର୍ଶାଘାଇ ଥାନା ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସେ ଏସପିଙ୍କୁ ଭେଟି ଏସମ୍ପର୍କରେ ଲିଖିତ ଭାବେ ଜଣାଇବା ସହ ତାଙ୍କ ପରିବାରୁ ସୁରକ୍ଷା ଯୋଗାଇଦେବାକୁ ପୂର୍ବରୁ ନିବେଦନ କରିଥିଲେ। ଯଦି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ସେ ପରିବାରଜନଙ୍କ ଜୀବନର ସୁରକ୍ଷା ଦୃଷ୍ଟିରୁ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଏସପିଙ୍କୁ ଲିଖିତ ଭାବେ ଜଣାଇଥିଲେ। ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦିଆନଯିବାରୁ ସେ ବାଧ୍ୟ ହୋଇ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଲେ। ତାଙ୍କୁ ସମର୍ଥନ କରି କେତେକ ସାମାଜିକ କର୍ମୀ ଓ ସୂଚନା ଅଧିକାର ଅଭିଯାନର କର୍ମକର୍ତ୍ତାମାନେ ମଧ୍ୟ ଧାରଣାରେ ସାମିଲ ହେଲେ।

କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡା ମାନସଙ୍କ ଠାରୁ ଦାବିପତ୍ର ଗ୍ରହଣ କରିବା ସହ ଖୁବଶୀଘ୍ର ପୁଲିସ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରତିଶୃତି ଦେବା ପରେ ମାନସ ଧାରଣାକୁ ପ୍ରତ୍ୟାହାର କରିନେଇଛନ୍ତି। ପୁଲିସ ଯଦି ପଦକ୍ଷେପ ଗ୍ରହଣ ନକରେ ତେବେ ପୁନର୍ବାର ନ୍ୟାୟ ପାଇବା ନିମନ୍ତେ ସେ ଧାରଣା ଦେବେ ବୋଲି ମାନସ କହିଛନ୍ତି।

### ଶୁଭଲକ୍ଷ୍ମୀ ମୃତ୍ୟୁ ଘଟଣା

## ବେନୁଙ୍କ ପତ୍ନୀ, ଝିଅ ଓ ବୋହୂଙ୍କୁ ପଚରାଉଚରା

ରାଜନଗର,୭।୪ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅନ୍ତର୍ଗତ ବଡ଼କୋଲ୍ଲା ଗାଁରେ ୨ ତାରିଖ ଦିନ ନିଖୋଜ ଥିବା ଶିଶୁକନ୍ୟାଙ୍କ ମୃତଦେହ ୩ ତାରିଖ କେନାଲ୍‌ରୁ ଉଦ୍ଧାର କରାଯାଇଛି। ମୃତ ଶିଶୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ମାଳିପୁର ଗାଁର ମାନଗୋବିନ୍ଦ ସେନାପତିଙ୍କ ଝିଅ ଶୁଭଲକ୍ଷ୍ମୀ (୭ବର୍ଷ)। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିନଥିବାରୁ ପୋଲିସ ହାତ ବାନ୍ଧି ବସିଛି | ପାରିପାର୍ଶିକ ଘଟଣା ଶୁଭଲକ୍ଷ୍ମୀକୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ ବଢାଇଛି। ଏହାକୁ ନେଇ ସମଗ୍ର ରାଜନଗର ଅଞ୍ଚଳରେ ପତିକ୍ରିୟା ବଢୁଥିବାରୁ ପୋଲିସ ତଦନ୍ତ ପରିସରକୁ ବଢାଇଛି | ଆଜି ଆଇଆଇସି ନରେଶ କୁମାର ସାହୁ, ସବଇନିସପେକ୍ଟର ଚନ୍ଦ୍ରିକା ମହାପାତ୍ର, ଏଏସଆଇ ନରେଶ କୁମାର ସାହୁ ଦୀର୍ଘ ୩ ଘଣ୍ଟା କାଳ ବଡ଼କୋଲ୍ଲା ଗାଁରେ ତଦନ୍ତ କରିଛନ୍ତି।

ପରିବାର ଲୋକେ ଶୁଭଲକ୍ଷ୍ମୀଙ୍କୁ ହତ୍ୟା କରାଯାଇଥିବା ନେଇ ୪ ତାରିଖ ଠାରୁ ରିପୋର୍ଟ ଦେଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରିନଥିଲେ ମଧ୍ୟ ରିପୋର୍ଟରେ ଥିବା ଅଭିଯୁକ୍ତମାନଙ୍କୁ ଜେରା କରିବା ଆରମ୍ଭ କରିଛି। ପୋଲିସ ଦୁଇ ଦିନ କାଳ ବେନୁ ଚରଣ ଦାସ ଓ ତାଙ୍କ ପୁଅକୁ ଥାନାରେ ଅଟକ ରଖୀ ଛାଡି ଦେଇଥିଲା | ଆଜି ବଡ଼କୋଲ୍ଲା ଗାଁରେ ପହଞ୍ଚି ପ୍ରଥମେ ଗାଁ ମୁଣ୍ଡରୁ ବେନୁ ଦାସଙ୍କ ଘର ଯାଏଁ କେନାଲ କୂଳେ କୂଳେ ଛାନଭିନ କରିଥିଲା | ପରେ ମୃତ ୭ ବର୍ଷର ଶିଶୁ ଶୁଭଲକ୍ଷ୍ମୀର ମାଆ ସୁଷମା ନାୟକ , ଅଜା କାଳନ୍ଦି ନାୟକ , ଆଇ ଦମୟନ୍ତୀ ନାୟକ ଓ କାଳନ୍ଦିଙ୍କ ଭାଇ ହଲଧର ନାୟକଙ୍କୁ ପଚରା ଉଚରା କରିଥିଲା | କାର୍ତିକ ପୁର୍ନିମା ଦିନ ବେନୁ ଦାସଙ୍କ ନାତି କିପରି ମରିଥିଲା , ବେନୁ ଦାସ କଣ ଧମକ ଦେଉଥିଲା , ଗାଁରେ ସମାଧାନ ବୈଠକ ବସିଥିବା ବେଳେ କାହିଁକି ପୋଲିସକୁ ଜଣାଇଲ ନହିଁ ବୋଲି ପ୍ରଶ୍ନ କରିବା ସହ ୨ ତାରିଖ ଘଟିଥିବା ଘଟଣା ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ |

ଏହାପରେ ବେନୁ ଦାସଙ୍କ ଘରେ ପହଞ୍ଚି ତାଙ୍କ ସ୍ତ୍ରୀ ଅହଲ୍ୟା ଦାସ , ବିବାହିତା ଝିଅ ଯାହାଙ୍କ ପୁଅ କାର୍ତିକ ପୁର୍ନିମା ଦିନ ପୋଖରୀରେ ବୁଡି ମୃତ୍ୟୁ ବରଣ କରିଥିଲା ସତ୍ୟଭାମା ପାତ୍ର , ସାନବୋହୁ ବର୍ଷାଙ୍କୁ ଜେରା କରିଛି | ଶୁଭଲକ୍ଷ୍ମୀ ତମ ଘରକୁ କେବେଠୁ ଆସୁନଥିଲା , ଶୁଭଲକ୍ଷ୍ମୀ କେମିତି ମଲା , ସନ୍ଧାନୀ କୁକୁର ତମ ଘରକୁ ବାରମ୍ବାର ଆସିବା ଓ ତମ ଘର ଦେଇ କେନାଲ ପାଖକୁ ଯାଇଥିବା ନେଇ ପଚରା ଉଚରା କରିଛି | ଏପରିକି ଶୁଭଲକ୍ଷ୍ମୀଙ୍କ ପରିବାର ସହ ବିବାଦ କଣ ଥିଲା , ଗାଁରେ ସମାଧାନ ବୈଠକ କାହିଁକି ବସିଥିଲା ସେ ନେଇ ପଚରାଉଚରା କରିଥିବା ଜଣାପଡିଛି |

## ସାମ୍ବାଦିକ ଅଜିତ ବେହୁରିଆଙ୍କୁ 'ବୈତରଣୀ ଗୌରବ' ସମ୍ମାନ



ରାଜକନିକା,୭।୪ (ସଂଚାର ବ୍ୟୁରୋ): : ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଏବଂ ଖବରକୁ ସଠିକ ଢଙ୍ଗରେ ପ୍ରତିପାଦିତ କରୁଥିବା ରାଜକନିକା ବ୍ଲକର" ସମାଜ" ଖବର କାଗଜର ସାମ୍ବାଦିକ ଅଜିତ କୁମାର ବେହୁରିଆଙ୍କୁ "ବୈତରଣୀ ଗୌରବ" ସମ୍ମାନ ରେ ସମ୍ମାନିତ କରାଯାଇଛି। ବୈତରଣୀ ଉପକୂଳ ଅଞ୍ଚଳର ପ୍ରକୃତି କଳା ସଂସ୍କୃତି, ଐତିହ୍ୟ ଓ ନଦୀ ସୁରକ୍ଷାର ପର୍ବ ବୈକୁଣ୍ଠ ବର୍ଣ୍ଣାଳୀ ତୁଲ୍ୟ ଭିନଏକ ବାଲିଯାତ୍ରା କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ-୨୦୨୬ ଅବସରରେ ରେ ଯୁବ ବିଜେଡି ରାଜ୍ୟ ଉପସଭାପତି ପ୍ରିନ୍ସ ରାକେଶ ନାୟକଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ଼କ୍ଟ ବାମକେଶ ରାୟ,ମୁଖ୍ୟ ବକ୍ତା ଭାବେ ଖଦି ବୋଡ଼ର ଅଧକ୍ଷ ପ୍ରତାପ ଚନ୍ଦ୍ର ଧଳ,ସ୍ୱତନ୍ତ୍ର ଅତିଥି ଭାବେ ଚାନ୍ଦବାଲି ମୁନିସିପାଲିଟି ର ଅଧକ୍ଷା ଶାନ୍ତିଲତା ସେଠି,ସମ୍ମାନିତ ଅତିଥି ଭାବେ ସମାଜ ସେବୀ ସତ୍ୟନାନ୍ଦା ରାଉତଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗଦେଇ ସାମ୍ବାଦିକ ଅଜିତ କୁମାର ବେହୁରିଆଙ୍କୁ ଉତ୍ତରୀୟ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ, ଏହି କାର୍ଯ୍ୟକ୍ରମ ରେ ବୈତରଣୀ ମୋହତ୍ସବ କମିଟି ର ସହ ଆୟୋଜକ ମଙ୍ଗୁଳି ଚରଣ ବେହେରା ସମ୍ବର୍ଦ୍ଧନା ସଭା ଆୟୋଜନ କରିଥିଲା ବେଳେ କାର୍ଯ୍ୟକାରୀ ସଦସ୍ୟ ରଘୁନାଥ ସାହୁ ସ୍ୱାଗତ ଭାଷଣ, କାର୍ଯ୍ୟକାରୀ ସଦସ୍ୟ ଆମୟ ସାହୁ ଅତିଥି ପରିଚୟ,ଓ ଗଙ୍ଗାଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ,କମିଟିର ମୁଖ୍ୟ ଆୟୋଜକ ବିଶ୍ୱ କେଶରୀ ମହାନ୍ତି ଙ୍କ ଆବାହକତ୍ୱରେ ଚାନ୍ଦବାଲି ଦୁର୍ଗା ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ କଳାକାର ସୋମ୍ୟ କାନ୍ତ ନାୟକଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

## ମହିଳାଙ୍କୁ ଅସଦାଚରଣ ଓ ମାଡ: ପୁଲିସ ମାମଲା ରୁଜୁ କରୁନଥିବା ଅଭିଯୋଗ

ରାଜନଗର,୭।୪ (ସଂଚାର ବ୍ୟୁରୋ): ରାଜନଗର ଥାନା ଅନ୍ତର୍ଗତ ଭିତରଗଡ ଗାଁରେ ପୁଅକୁ ହରାଇଥିବା ଜଣେ ମହିଳାଙ୍କୁ ଅସଦାଚରଣ କରାଯିବା ସହ ତାଙ୍କ ସମ୍ପର୍କୀୟଙ୍କୁ ଗାଁର କିଛି ଯୁବକ ମାଡ ମାରିଛନ୍ତି ବୋଲି ୪ ତାରିଖ ଠାରୁ ଅଭିଯୋଗ ହୋଇଥିଲେ ବି ପୁଲିସ ମାମଲା ରୁଜୁ କରିନଥିବା ଅଭିଯୋଗ କରିଛନ୍ତି |

ଭିତରଗଡ ଗାଁର ବିଧବା ମହିଳା ସବିତା ସବିତା ମଣ୍ଡଳଙ୍କ ଅଭିଯୋଗ ମୁତାବକ ତାଙ୍କ ୨୦ ବର୍ଷର ପୁଅ ଅନୁପ ଟ୍ରାକ୍ଟର ଡାଲା ପଲଟି ପ୍ରାଣ ହରାଇଥିଲେ | ତାଙ୍କର ପୁସ୍କରା ଛଡାଇବା ପାଇଁ ୩ ତାରିଖ ଦିନ ରାତି ପ୍ରାୟ ୨ ଘଟିକା ସମୟରେ ପଣା ନେଇ ଆମ ବିଲ ପାଖକୁ ଗାଁ ରାସ୍ତା ଦେଇ ଯାଉଥିବା ସମୟରେ ଗାଁର ୯ ଜଣ ଯୁବକ ରାସ୍ତାରେ ଅଟକାଇ ଗାଳି ଗୁଲଜ କରିବା ସହିତ ଟଣା ଭିଡା କରି ଠାକୁର ପୂଜା ସାମଗ୍ରୀ ଏଣେ ତେଣେ ଫୋପାଡି ଦେଲେ।

ବିଧବା ମହିଳାଙ୍କୁ ମାଡ ମାରିବା ସହିତ ତାଙ୍କ ଶାଢୀ, ବ୍ଲାଉଜ ଚିରି ଅସଦାଚରଣ କରିଥିଲେ। ମହିଳାଙ୍କ ସହିତ ଥିବା ପୁସ୍କରା ଛଡାଇବାକୁ ଯାଇଥିବା ପଣ୍ଡିତ ଓ ଗାଁର ୪ଜଣଙ୍କୁ ମଧ୍ୟ ମାଡ ମାରିଥିବା ନେଇ ୪ ତାରିଖ ଦିନ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା। ଗତ ୪ ତାରିଖ ଠାରୁ ୪ ଦିନ ହେଲା ପୁଅକୁ ହରାଇଥିବା ବିଧବା ମହିଳା ଥାନାକୁ ଆସୁଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରୁନଥିବା ସବିତା ମଣ୍ଡଳ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଆଇଆଇସି ନରେଶ କୁମାର ସାହୁଙ୍କୁ ପଚାରିଥିଲେ ମଧ୍ୟ କୌଣସି ଉତ୍ତର ଦେଇ ନାହାନ୍ତି |

## କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



### ୭୩ ୟୁନିଟ ରକ୍ତ ସଂଗୃହୀତ

କେନ୍ଦ୍ରାପଡ଼ା,୭।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ରେଡକ୍ରସ ୟୁନିଟ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର କଲେଜ ଗାନ୍ଧୀ ଭବନ ପରିସରରେ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟ ଯୁବରେଡକ୍ରସର ପରାମର୍ଶଦାତା ତଥା ଜିଲ୍ଲା ରେଡକ୍ରସ ସମ୍ପାଦକ ଅଧ୍ୟାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରି କହିଲେ ରକ୍ତଦାନ ହେଉଛି ମହତଦାନ। ଜଣେ ରକ୍ତଦାନ କଲେ ଦୁଇଟି ଜୀବନ ରକ୍ଷା ହୋଇଥାଏ । ତେଣୁ ପ୍ରତ୍ୟେକ ପିଲା ସ୍ୱେଚ୍ଛାକୃତ ରକ୍ତଦାନ କରିବା ଉଚିତ ବୋଲି ଜିଲ୍ଲାପାଳ କହିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା କଲେଜ ପରିଚାଳନା ପରିଷଦ ସଭାପତି ନବକ୍ରିଷ୍ଣ ଜେନା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ । ଏହି ଶିବିରଟି ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ଚିକିତ୍ସାଳୟ ଓ ମେଡିକାଲ କଲେଜ ରକ୍ତଭଣ୍ଡାର କର୍ମଚାରୀଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା। ଶିବିରଟି ଯୁବରେଡକ୍ରସର ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

### କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଗତି ବୈଠକ

## ବଡ଼ ବଡ଼ ପ୍ରକଳ୍ପଗୁଡିକୁ ତୁରନ୍ତ ସାରିବା ପାଇଁ ନିର୍ଦ୍ଦେଶ



କେନ୍ଦ୍ରାପଡ଼ା, ୭।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ଚାଲୁ ରହିଥିବା ବଡ ବଡ ପ୍ରକଳ୍ପ ଗୁଡିକର ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ରାସ୍ତା ଓ ପୋଲ ଗୁଡିକର ତୁରନ୍ତ କାର୍ଯ୍ୟ ସାରି ଜନହିତରେ ଲଗାଇବା ପାଇଁ ଏହି ସମୀକ୍ଷା ବୈଠକରେ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲାର ବିଭିନ୍ନ ଅଂଚଳରେ ଚାଲୁ ରହିଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟରେ କୌଣସି ବାଧା ବିଘ୍ନ ଅସିଲେ ତୁରନ୍ତ ଅଧିକାରୀ ମାନେ ଏହି ସମସ୍ୟା ଗୁଡିକୁ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବାଇପାସ ରସ୍ତା ନୂଆ ବସଷ୍ଟାଣ୍ଡ ଠାରୁ ତିନିମୁହାଣୀ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ କରିବା ସହିତ ଏହି କାର୍ଯ୍ୟକୁ ଆରମ୍ଭ କରିବା ପାଇଁ ବିଧାୟକ ଶ୍ରୀ ଗଣେଶ୍ୱର ବେହେରା ମତାମତ ଦେଇଥିଲେ । ଜିଲ୍ଲାରେ ଚାଲୁ ରହିଥିବା ପୋଲ ନିର୍ମାଣରେ ଅହେତୁକ ବିଳମ୍ବ ହେବାରୁ ଏହାକୁ ନେଇ ବୈଠକରେ ଚିନ୍ତାର ବିଷୟ ହୋଇଥିଲା । ଅଳପୁଆ କଣ୍ଡିଆ ନାଳ ସେତୁ, ପଟ୍ଟାମୁଣ୍ଡଇର ବାଲିପାଟଣା ପୋଲ, ପତ୍ରପୁରର ଦ୍ୱିତୀୟ ପୋଲ, ଖରସ୍ରୋତାର ଦ୍ୱିତୀୟ ପୋଲ, ରାଜନଗରର ହଂସୁଆର ଦ୍ୱିତୀୟ ପୋଲ, ବଟୀଘର ପୋଲ ଆଦି ଗୁଡିକର ସମୀକ୍ଷା କରାଯାଇଥିଲା । ଏହି ପୋଲ ଗୁଡିକୁ ତୁରନ୍ତ ସମାପ୍ତ କରି ଜନ ହିତରେ ଲଗାଇବା ପାଇଁ ଉକ୍ତ ବୈଠକରେ ବିଧାୟକ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ । ଠିକାଦାର ମାନେ ନିଜ ମନ ମୁତାବକ କାମ କରୁ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଚୁକ୍ତି କରିଥିବା ସମୟସୀମା ଭିତରେ ଠିକାଦାର ମାନେ କାମ ସମାପ୍ତ କରି ବିଭାଗୀୟ ଅଧିକାରୀ ମାନଙ୍କୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଗ୍ରାମ୍ୟ ଉନୟନ ବିଭାଗର ନିମ୍ନମାନର କାର୍ଯ୍ୟ

## ମାସକରେ ରାସ୍ତା ଫାଟି ଆଁ



ଆଳି,୭।୪(ସଂଚାର ବ୍ୟୁରୋ): ଆଳି ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନରେ ଥିବା ଆଳି ଭୂଇଁପୁର ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର ହୋଇଥିବା ଦେଖିବାକୁ ମିଳିଛି । ମାସେ ପୂର୍ବରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ମରାମତି ହୋଇଥିବା ରାସ୍ତାର କେଉଁଠି ପିଚୁ ଉଠିଗଲାଣି ତ ଆଉ କେଉଁଠି ରାସ୍ତା ଫାଟି ଆଁ କଲାଣି । ଯାହାକି କଂକ୍ରିଟ ଉପରେ ପିଚୁ ନେଶି ଠିକାଦାର କାମ ସରିଦେଇଥିଲା।

ସୂଚନା ଅନୁଯାୟୀ ଆଳି ଠାରୁ ଭୂଇଁପୁର ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଦେଇ ପ୍ରତିଦିନ ଆଳିକୁ ବହୁ ଲୋକମାନେ ବ୍ଲକ ତହସିଲ ଥାନା କୋର୍ଟ କୁ ଯିବା ଆସିବା କରିଥାନ୍ତି । ଏହି ରାସ୍ତାରେ ଦୈନିକ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଯାତାୟତ କରିବା ସହ ଦୈନିକ ଶତାଧିକ କାର, ଲକ୍ଷ୍ମୀ ବସ ସହିତ ବାଲି ବୋଝେଇ ହାଇୱା ଯାତାୟତ କରିଥାଏ । ଯାହାଫଳରେ ଏହି ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଥିଲା । ମଦଦୋକାନ ଠାରୁ ବିଏନଏନଆର ସ୍କୁଲ ପର୍ଯ୍ୟନ୍ତ ଥିବା ଢ଼ଳେଇ ରାସ୍ତା ପୂର୍ବରୁ ଫାଟି ଆଁ କରିଥିବା ବେଳେ ମରାମତି କାର୍ଯ୍ୟ ମାସେ ନପୂରୁଣୁ ରାସ୍ତା ଅବସ୍ଥା ପୂର୍ବାବସ୍ଥାକୁ ଫେରି ଆସିଛି । ପୂର୍ବରୁ ଯେମିତି ରାସ୍ତା ଫଟା ଥିବା ଏବେ ସେମିତି ଫଟା ରହିଛି । ସ୍କୁଲ ଛାତ୍ରଛାତ୍ରୀ ମାନେ ଖଣ୍ଡିଆ ରାସ୍ତାରେ ପଡି ଖଣ୍ଡିଆ ଖାବରା ହେଉଛନ୍ତି।

ଏଠାରେ ପ୍ରଶ୍ନ ଉଠୁଛି ଯେ ସରକାର ସାଧାରଣ ଲୋକଙ୍କ ଗମନା ଗମନରେ ସୁବିଧା ଆଣିବା ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟରେ ରାସ୍ତା ମରାମତି କରାଉଛନ୍ତି ମାତ୍ର ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକରେ ଏହି ଅର୍ଥକୁ ବାଟ ମାରଣ ହେଉଥିବା ଜଳ ଜଳ ଦେଖା ଯାଉଛି। ଏ ନେଇ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନି ।

### ପୁଅର ଅପରାଧ ବିରୋଧରେ ବାପାଙ୍କ ସାହସିକ ପଦକ୍ଷେପ

## ପୁଅକୁ ଦେଲେ ପୁଲିସ ଜିମା

କେନ୍ଦ୍ରାପଡା,୭।୪ (ସଂଚାର ବ୍ୟୁରୋ): ଜିଲ୍ଲାରେ ଏକ ଅଲଭ୍ୟ ଘଟଣା ସମାଜକୁ ଗଭୀର ସନ୍ଦେଶ ଦେଇଛି । ନିଜ ପୁଅର ଅପରାଧୀ କାର୍ଯ୍ୟକଳାପକୁ ସହିବାରେ ଅସମର୍ଥ ହୋଇ ଶେଷରେ ବାପା ନିଜେ ପୋଲିସ୍‌ଙ୍କ ହାତରେ ପୁଅକୁ ସମର୍ପଣ କରିଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇପଡ଼ିଛି ।

କୁଦାନଗରୀ ଥାନା ଅଧିନ ହରିପୁର ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଆବୁଆ ମିଶ୍ର ନାମକ ବ୍ୟକ୍ତି ତାଙ୍କ ପୁଅ ଟିକିନା ମିଶ୍ର (୨୮)ଙ୍କୁ ବ୍ରାଉନସୁଗର ବେପାରରେ ଜଡିତ ଥିବା ସନ୍ଦେହରେ ପୋଲିସ୍‌ଙ୍କୁ ଡାକି ଧରାଇଦେଇଥିଲେ। ପୋଲିସ୍ ତଦନ୍ତ ସମୟରେ ଟିକିନାଙ୍କ ନିକଟରୁ କିଛି ପୁଡିଆ ବ୍ରାଉନସୁଗର ଜବତ କରିଥିବା ସୂଚନା ମିଳିଛି ।

ଘଟଣା ପରେ ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରାଉଚରା କରାଯାଇଥିଲା। ଏହା ପଛରେ କୌଣସି ବଡ଼ ରାକେଟ ଜଡିତ ଅଛି କି ନାହିଁ, ସେନେଇ ପୋଲିସ୍ ତଦନ୍ତକୁ ତେଜ କରିଥିବା ଜଣାପଡ଼ିଛି । ତଥାପି, ପରବର୍ତ୍ତୀ ସମୟରେ ଆପୋଷ ବୁଝାମଣାରେ ପୋଲିସ୍ ଟିକିନାଙ୍କୁ ଛାଡ଼ିଦେଇଥିବା ଖବର ମିଳିଛି, ଯାହାକୁ ନେଇ ସ୍ଥାନୀୟ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି ।

ଏହି ଘଟଣା ସମାଜ ପାଇଁ ଏକ ଦୃଢ଼ ସନ୍ଦେଶ— ଅପରାଧ କେତେ ନିକଟର ଲୋକଙ୍କ ମଧ୍ୟରେ ଥାଉନା କାହିଁକି ସତ୍ୟ ଓ ନ୍ୟାୟ ପାଇଁ ଠିଆ ହେବା ଅତ୍ୟାବଶ୍ୟକ । ବାପାଙ୍କର ଏହି ସାହସିକ ପଦକ୍ଷେପକୁ ସମାଜର ବିଭିନ୍ନ ମହଲରୁ ପ୍ରଶଂସା ମିଳୁଛି, ଯେଉଁଥିରେ ଯୁବପିଢ଼ୀଙ୍କୁ ନିଶା ଛାଡ଼ିବା ପାଇଁ ଏକ ସଚେତନତାର ସନ୍ଦେଶ ମଧ୍ୟ ଦିଆଯାଇଛି ।

# ନିର୍ମଳ ଯୋଜନାରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

ଯାଜପୁର ଟାଉନ,୭।୪ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ପୁଣିଥରେ ଉଠିଛି ଗୁରୁତର ପ୍ରଶ୍ନ। "ନିର୍ମଳ ଯୋଜନା" ଅଧୀନରେ ସଫାଇ କାର୍ଯ୍ୟ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାକୁ ନେଇ ଆସିଛି ଟେଣ୍ଡର ଫିକ୍ସିଂ ଓ ଜାଲିଆତିର ଗଭୀର ଅଭିଯୋଗ। ସମସ୍ତ ଆଙ୍ଗୁଳି ଏବେ ଯାଜପୁରର "ମା' ବିରଜା ଟ୍ରେଡର୍ସ" ଦିଗକୁ ଉଠିଛି।

ସୂଚନାନୁସାରେ, ସଂସ୍ଥାଟି ବିଭିନ୍ନ ମିଥ୍ୟା ଓ ଜାଲିଆତି ଦଲିଲ୍ ଦେଇ ଟେଣ୍ଡର ଜିତିଛି। ଯାହା ମଧ୍ୟରେ ରହିଛି— କର୍ମଚାରୀ ସଂଖ୍ୟା ବଢ଼ାଇ ଦେଖାଇବା, ବାର୍ଷିକ କାରବାର ଆକୃତିକୁ ବଢ଼ାଇବା, ଅନୁଭବ ନଥିଲେ ମଧ୍ୟ ଉଚ୍ଚ ମାର୍କ୍ସ ପାଇବା। ଏହା ସହିତ, ଟେଣ୍ଡର ପାଇଁ ଆବଶ୍ୟକ ୧୦ ବର୍ଷର ଅନୁଭବ ନିୟମକୁ ମଧ୍ୟ ଅଣଦେଖା କରାଯାଇଥିବା ଅଭିଯୋଗ ରହିଛି। ଟେଣ୍ଡର ପ୍ରକ୍ରିୟାରେ ସରକାରୀ ମାର୍ଗଦର୍ଶିକାକୁ ଅନୁସରଣ ନକରି, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିଜସ୍ୱ "ସ୍ୱତନ୍ତ୍ର ନିୟମ" ତିଆରି କରିଥିବା ଅଭିଯୋଗ ଆସିଛି। ଏହା ଫଳରେ କେତେକ ଯୋଗ୍ୟ ଟେଣ୍ଡରଦାର ବଞ୍ଚିତ ନିୟମ ପରିବର୍ତ୍ତନରେ ଅଧିକାରୀଙ୍କ ଭୂମିକା ଉପରେ ପ୍ରଶ୍ନ ଉଠିଛି।

ମା' ବିରଜା ଟ୍ରେଡର୍ସ ବିରୋଧରେ ଏହା ପ୍ରଥମ ଅଭିଯୋଗ ନୁହେଁ। ୨୦୧୮- ୨୦୨୪ ମଧ୍ୟରେ କର୍ମଚାରୀଙ୍କୁ ଠିକ୍ ଦରମା ନ ଦେବା, ଇପିଏଫ୍ ଓ ଇଏସଆଇ ଜମାରେ ଅନିୟମିତତାପୂର୍ବତନ ସିଡିଏମଓ ଦ୍ୱାରା କାରଣଦର୍ଶାଅ ନୋଟିସ୍ ସବୁ ସତ୍ତ୍ୱେ ଏହି ସଂସ୍ଥାକୁ ପୁଣିଥରେ କାମ ମିଳିବା ଉପରେ ଗଭୀର ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ଓଡ଼ିଶା ଠିକା କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଲେଖିତ ଅଭିଯୋଗ ଦିଆଯାଇଛି।

ସେପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଛି,ସମସ୍ତ କାଗଜପତ୍ରର ଯାଞ୍ଚ ଚାଲିଛି, ସବୁଠାରୁ ବଡ଼ ପ୍ରଶ୍ନ ଯଦି ଅଭିଯୋଗ ସତ୍ୟ, ତେବେ କିଏ ଦାୟୀ, କେତେ ଦୂର ପର୍ଯ୍ୟନ୍ତ ପହଞ୍ଚିଛି ଏହି ଘୋଟାଲା, ଲୋକଙ୍କ ଟଙ୍କାର ସୁରକ୍ଷା କିଏ କରିବ, ନିର୍ମଳ ଯୋଜନା ଭଳି ସମ୍ବେଦନଶୀଳ ପ୍ରକଳ୍ପରେ ଯଦି ଏପରି ଅନିୟମିତତା ହୁଏ, ତେବେ ଏହା କେବଳ ପ୍ରଶାସନୀୟ ବିଫଳତା ନୁହେଁ ଏହା ସାଧାରଣ ଲୋକଙ୍କ ଆସ୍ଥା ଉପରେ ସିଧା ଆଘାତ। ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ୨.୮ ଟନ୍ ଗଞ୍ଜେଇ ଜବତ କଲା ଗଜପତି ପୁଲିସ୍



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ): ଗଞ୍ଜେଇବିରୋଧୀ ଅଭିଯାନରେ ଗଜପତି ଜିଲ୍ଲା ପୁଲିସ ବଡ଼ ସଫଳତା ପାଇଛି। ଅଡ଼ବା ଥାନା ଅନ୍ତର୍ଗତ କାରିଗେଜୁ ଗ୍ରାମରେ ଚଢ଼ାଉ କରି ପୁଲିସ ପ୍ରାୟ ୨,୮୧୧ କେଜି (୨.୮ ଟନ୍) ଗଞ୍ଜେଇ ଜବତ କରିଛି। ଗତ କିଛି ମାସ ମଧ୍ୟରେ ଜିଲ୍ଲା ପୁଲିସ ବିଭିନ୍ନ ଥାନାଞ୍ଚଳରେ ଚଢ଼ାଉ କରି ୧୨ ଟନ୍‌ରୁ ଊର୍ଦ୍ଧ୍ୱ ଓଜନର ଗଞ୍ଜେଇ ଜବତ କରିଛି।

ଉଲ୍ଲେଖଯୋଗ୍ୟ ଯେ ଗତକାଲି ଭୋର ସମୟରେ ଆର୍. ଉଦୟଗିରି ଏସଡିପିଓ ରାକେଶ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଅଡ଼ବା ଥାନା ଅନ୍ତର୍ଗତ କାରିଗେଜୁ ଗ୍ରାମ ନିକଟସ୍ଥ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ସର୍ଚ୍ଚ ଅପରେସନ ଚଲାଇଥିଲା। ଏହି ଅପରେସନ ସମୟରେ ଲୁଚାଇ ରଖାଯାଇଥିବା ମୋଟ ୧୧୩ଟି ପ୍ଲାଷ୍ଟିକ୍ ବ୍ୟାଗ ଜବତ କରାଯାଇଥିଲା। ସେଥିରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ତେବେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ସେମାନଙ୍କୁ ଚିହ୍ନଟ କରି ଶୀଘ୍ର ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି। ଏ ସଂକ୍ରାନ୍ତରେ ଅଡ଼ବା ଥାନାରେ ୭୦/୨୬ରେ ଏନ୍‌ଡିପିଏସ୍ ଆଇନର ଧାରା ୨୦(ବି)(ଖ)(ଗ)ଅନୁସାରେ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ ଯେ ଅଡବା ଓ ଆର ଉଦୟଗିରି ଥାନା ଅଞ୍ଚଳରେ ଗତବର୍ଷ ନଭେମ୍ବର ୧୮ରୁ ଗତକାଲି ପର୍ଯ୍ୟନ୍ତ ପୁଲିସ ନିଶା କାରବାର ବିରୋଧରେ ବ୍ୟାପକ ସଫଳତା ହାସଲ କରିଛି। ଏହି ସମୟ ମଧ୍ୟରେ ଅଡ଼ବା ଥାନାଞ୍ଚଳରେ ୧୧ଟି ମାମଲା ରୁଜୁ କରାଯାଇ ମୋଟ ୯,୬୭୬ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ଆର୍ ଉଦୟଗିରି ଥାନାଞ୍ଚଳରେ ୪ଟି ମାମଲାରେ ୨,୮୨୫ କେଜିରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ସର୍ବମୋଟ ୧୫ଟି ମାମଲାରେ ଜିଲ୍ଲା ପୁଲିସ ପକ୍ଷରୁ ଅଦ୍ୟାବଧି ୧୨,୫୦୧ କେଜିରୁ ଅଧିକ (ପ୍ରାୟ ୧୨.୫୦୧ ଟନ୍) ବେଆଇନ ଗଞ୍ଜେଇ ଜବତ କରାଯାଇଛି। ବିଶେଷକରି କେଶରୀଗୁଡ଼ା ଅଞ୍ଚଳରୁ ୪,୦୪୦ କେଜି, ବୁରିପଦର ଅଞ୍ଚଳରୁ ୧୮୩୦ କେଜି ଓ କାରିଗେଜୁ ଜଙ୍ଗଲରୁ ୨,୮୧୧ କେଜି ଗଞ୍ଜେଇ ଜବତ କରାଯିବା ସହ ନିଶା ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ନାଟକ 'ଅଶାନ୍ତର ଅବବୋଧ' ମଞ୍ଚସ୍ଥ



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ): ସମସାମୟିକ ପ୍ରସିଦ୍ଧ ଲେଖିକା ସ୍ୱାଗତିକା ସେଠୀଙ୍କ ଲିଖିତ ଏବଂ ମହୁଆ ମହାରଣାଙ୍କ ନିର୍ଦ୍ଦେଶିତ ନାଟକ 'ଅଶାନ୍ତର ଅବୋବାଧ' ଗତ ୪ ତାରିଖରେ ସ୍ଥାନୀୟ ଭଞ୍ଜ କଳା ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକଟି ମଣିଷର ମାନସିକ ଜଟିଳତା, ସାମାଜିକ ଓ ଧାର୍ମିକ କୁସଂସ୍କାର, ପରିବେଶ ସମସ୍ୟା ଉପରେ ବିଶ୍ଲେଷଣ କରାଇବା ସହ ମଣିଷ କିଭଳି ଆତ୍ମବିଶ୍ୱାସ ଦ୍ୱାରା ସ୍ୱାଧୀନତା ଓ ମୁକ୍ତି ଲାଭ କରେ, ତାହା ଉପରେ ଆଧାରିତ। ସ୍ଥାନୀୟ ପ୍ରଥା ଉପରେ ଗଭୀର ଭାବେ ଆଧାରିତ ଏହି ନାଟ୍ୟଟି ଦୁଇ ଘଣ୍ଟା ମଧ୍ୟରେ ଦର୍ଶକଙ୍କୁ କଥା କହୁଥିବା ବୃକ୍ଷ, ଅସ୍ଥିର ଆତ୍ମା ଓ ପାରମ୍ପରିକ ନୀତିନିୟମ ଓ ପର୍ବପର୍ବାଣୀ ମଧ୍ୟରେ ଏକ ଦୁଇ ଶତାବ୍ଦୀ ବ୍ୟାପ୍ତ କାଳକ୍ରମର ମାୟାବୀ ଯାତ୍ରାରେ ନେଇଯାଇଥିଲା। ୩୦ ଜଣ କଳାକାର ଓ ୧୦ ଜଣ ନୃତ୍ୟଶିଳ୍ପୀ ଏହି ନାଟକରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସାଂସ୍କୃତିକ ବିଭାଗ ଦ୍ୱାରା ସ୍ୱୀକୃତ ବନଲତା କ୍ରିଏଟିଭ କମ୍ୟୁନିଟି ଭୁବନେଶ୍ୱରର ଏକ ପ୍ରମୁଖ ସାଂସ୍କୃତିକ ସମାଜ। ଗତ ୨୦୨୩ ସେପ୍ଟେମ୍ବରରେ ସ୍ଥାପିତ ଏହି ସଂସ୍ଥା ସୃଜନଶୀଳତା, ତାତ୍ପର୍ଯ୍ୟପୂର୍ଣ୍ଣ ନାଟକ, କଳା ଓ ସାମାଜିକ ପ୍ରାସଙ୍ଗିକତା ଉପରେ ଗଳ୍ପ କଥନକୁ ପ୍ରୋତ୍ସାହନ କରିଆସୁଛି।

## 'ତୃଣମୂଳ ଶାସନ ପାଇଁ ଦକ୍ଷତା ବିକାଶର ପୁନଃକଳ୍ପନା' କର୍ମଶାଳା

# ଶକ୍ତିଶାଳୀ ପଞ୍ଚାୟତ ସ୍ଥାୟୀ ବିକାଶର ଆଧାରଃମନ୍ତ୍ରୀ

**'ବିକଶିତ ପଞ୍ଚାୟତ' ହ୍ୱାଟ୍ସଆପ୍ ଚାଟବଟ୍ ଓ ସ୍ୱତନ୍ତ୍ର ଇ-ଲର୍ଣ୍ଣିଂ ମଡ୍ୟୁଲ ଉନ୍ମୋଚିତ**



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ): ସାରା ଦେଶରେ ପାଳିତ ହେଉଥିବା 'ସାଧନା ସପ୍ତାହ' (୨ରୁ ୮ ଏପ୍ରିଲ) ଅଭିଯାନର ଅଂଶସ୍ୱରୂପ ଆଜି ସ୍ଥାନୀୟ କୃଷି ଭବନଠାରେ 'ତୃଣମୂଳ ଶାସନ ପାଇଁ ଦକ୍ଷତା ବିକାଶର ପୁନଃକଳ୍ପନା' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଛି। କ୍ୟାପାସିଟି ବିଲଡିଂ କମିଶନ (ସିବିସି), କର୍ମଚାରୀ ଚୟନ ଓ ପ୍ରଶିକ୍ଷଣ ବିଭାଗ, କର୍ମଯୋଗୀ ଭାରତ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରେ 'ପ୍ରଯୁକ୍ତି ବିଦ୍ୟା, ପରମ୍ପରା ଓ ବାସ୍ତବ ପରିଣାମ' ଆଧାରରେ ତୃଣମୂଳ ସ୍ତରର ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ ସାମଗ୍ରିକ ଓ ସ୍ଥାୟୀ ବିକାଶ ପାଇଁ ଶକ୍ତିଶାଳୀ ପଞ୍ଚାୟତ ହେଉଛି ମୂଳଦୁଆ। ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ସଶକ୍ତ କରିବା ପାଇଁ ଏକ ନିରନ୍ତର ଓ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିଛି। କର୍ମଯୋଗୀ ସରକାରୀ ଅଧିକାରୀଙ୍କ ସହାୟତାରେ ପଞ୍ଚାୟତ ସ୍ତରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ସେ ସଂକଳ୍ପବଦ୍ଧ ବୋଲି ଶ୍ରୀ ନାଏକ କହିଛନ୍ତି।

ସେହିପରି କାପାସିଟି ବିଲଡିଂ କମିଶନର ସଦସ୍ୟ (ଏଚଆର) ଡଃ ଆର. ବାଲା ସୁବ୍ରମଣ୍ୟମ 'ମିଶନ କର୍ମଯୋଗୀ'ର ପରିକଳ୍ପନା ଓ ସରକାରୀ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିବିସିର ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଶାସନ ବ୍ୟବସ୍ଥାକୁ 'ନିୟମ-ଭିତ୍ତିକ'ରୁ 'ଭୂମିକା-ଭିତ୍ତିକ'କୁ ପରିବର୍ତ୍ତନ କରିବା ଓ ନାଗରିକ-କେନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରାଜେଶ କୁମାର ସିଂ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ସଚିବ ଗିରିଶ ଏସ୍‌ଏନ୍, ଏସଆଇଆରଡି ନିର୍ଦ୍ଦେଶିକା ମଧୁସ୍ମିତା ସାମଲଙ୍କ ସହ ପଞ୍ଚାୟତିରାଜ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। କର୍ମଶାଳାରେ 'ବିକଶିତ ପଞ୍ଚାୟତ କର୍ମଯୋଗୀ' ଅଭିଯାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ପଞ୍ଚାୟତିରାଜ କର୍ମଚାରୀଙ୍କ ପାଇଁ ଏକ କୃତ୍ରିମ ପ୍ରଜ୍ଞା-ଆଧାରିତ (ଏଆଇ ବେସ୍‌ଡ) 'ବିକଶିତ ପଞ୍ଚାୟତ' ହ୍ୱାଟ୍ସଆପ୍ ଚାଟବଟ୍ ଓ ସ୍ୱତନ୍ତ୍ର ଇ-ଲର୍ଣ୍ଣିଂ ମଡ୍ୟୁଲ ଉନ୍ମୋଚିତ ହୋଇଛି। ଆଇଗଟ କର୍ମଯୋଗୀ ପ୍ଲାଟଫର୍ମ ମାଧ୍ୟମରେ ଏହି ସୁବିଧା ଉପଲବ୍ଧ ହେବ, ଯାହା ଗ୍ରାମ ପଞ୍ଚାୟତ ପ୍ରତିନିଧିମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଓ ସମସ୍ୟାର ତୁରନ୍ତ ସମାଧାନ କ୍ଷେତ୍ରରେ ସହାୟତା କରିବ।

ସୂଚନାଯୋଗ୍ୟ ଯେ ଏହି ଅଭିଯାନ ଅଧୀନରେ କୋରାପୁଟ ଜିଲ୍ଲାର ବୈପାରିଗୁଡା ବ୍ଲକ ଓ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ୍‌ର ପଞ୍ଚାୟତଗୁଡ଼ିକୁ ପାଇଲଟ ପ୍ରକଳ୍ପ ଭାବେ ଚୟନ କରାଯାଇଛି। ଦେଶର ମୋଟ ୬୦ଟି ପଞ୍ଚାୟତରେ ଚାଲିଥିବା ଏହି ପାଇଲଟ ପ୍ରକଳ୍ପ ମାଧ୍ୟମରେ ତୃଣମୂଳ ସ୍ତରରେ ଡିଜିଟାଲ ଶିକ୍ଷା, ଗ୍ରାମସଭାରେ ସକ୍ରିୟ ଅଂଶଗ୍ରହଣ ଓ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ବିକାଶମୂଳକ ଯୋଜନା ପ୍ରସ୍ତୁତ କରାଯାଉଛି। ଶେଷରେ ବିକଶିତ ଭାରତ ବିକଶିତ ଓଡ଼ିଶା ଗଠନ ପାଇଁ ବିକଶିତ ପଞ୍ଚାୟତର ଗୁରୁତ୍ୱକୁ ସମସ୍ତ ପ୍ରତିନିଧି ସ୍ୱୀକାର କରିଥିଲେ।

# ବିଏମ୍‌ସି କାର୍ଯ୍ୟକୁ କର୍ଣ୍ଣାଟକ ସହରାଞ୍ଚଳ ଟିମ୍‌ର ପ୍ରଶଂସା



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ): ବିଏମସିର ସଶକ୍ତ ବର୍ଜ୍ୟ ପରିଚାଳନା ପଦ୍ଧତି ବିଶେଷକରି ମଧ୍ୟମ ବର୍ଗର ଲୋକଙ୍କ ପାଇଁ ବର୍ଜ୍ୟ ପରିଚାଳନାର ବିକେନ୍ଦ୍ରୀକରଣ ପଦ୍ଧତି ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଭୁବନେଶ୍ୱରକୁ ବର୍ଜ୍ୟ ପରିଚାଳନାର ଏକ ଶିକ୍ଷା କେନ୍ଦ୍ର ଭାବେ ଦେଶର ଅନ୍ୟ ମହାନଗର ନିଗମଗୁଡ଼ିକ ବିବେଚନା କରୁଛନ୍ତି। ତେଣୁ ଦେଶର ବିଭିନ୍ନ ମହାନଗର ନିଗମରୁ ବର୍ଜ୍ୟ ପରିଚାଳନା ସମ୍ପର୍କରେ ଶିକ୍ଷାଲାଭ କରିବା ପାଇଁ ବିଏମ୍‌ସିକୁ ବହୁ ରାଜ୍ୟର ଅଧିକାରୀ, କର୍ମଚାରୀ, ଆସୁଛନ୍ତି। ଆଜି କର୍ଣ୍ଣାଟକର ବିଭିନ୍ନ ସ୍ୱାୟତ୍ତ ଶାସନ ସଂସ୍ଥାର ୧୬ଜଣିଆ ପ୍ରତିନିଧି ଦଳ, ବିଏମ୍‌ସିର ଏମଆରଏଫ୍, ଏମସିସି ଆଦି ଦେଖିବା ସହ ଓଦା ଓ ଶୁଖିଲା ବର୍ଜ୍ୟ ସଂଗ୍ରହ ଓ ପ୍ରକ୍ରିୟାକରଣ ସଂପର୍କରେ ଜ୍ଞାନ ଆହରଣ କରିଛନ୍ତି। ବ୍ୟାବସାୟିକ ଅଞ୍ଚଳରୁ କିପରି ବର୍ଜ୍ୟ ସଂଗ୍ରହ ହେଉଛି, ତାହା ବୁଲି ଦେଖିଥିଲେ। ପ୍ରତି ଘରୁ ବର୍ଜ୍ୟ ସଂଗ୍ରହ, ବର୍ଜ୍ୟ ପୃଥକୀକରଣ ଓ ପ୍ରକ୍ରିୟାକରଣ ଦେଖିବା ସହ ବର୍ଜ୍ୟକୁ କିପରି ସମ୍ପଦରେ ରୂପାନ୍ତର କରାଯାଉଛି, ତା' ବି ପଚାରି ବୁଝିଥିଲେ।

# ନବୀନଙ୍କୁ ଭେଟିଲେ ଯାଜପୁରର ବିଜେଡି ବିଧାୟକ ଓ ଜନପ୍ରତିନିଧି



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ବିଜେଡିର ବିଧାୟକ ତଥା ନେତୃବୃନ୍ଦ ଆଜି ସକାଳେ ନବୀନ ନିବାସରେ ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଜିଲ୍ଲାର ରାଜନୈତିକ ପରିସ୍ଥିତି ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

ନୂଆ ସରକାର ଦାୟିତ୍ୱ ନେବା ପରେ ଜିଲ୍ଲାରେ ବିକାଶ କାମରେ ସ୍ଥାଣୁତା ଦେଖାଦେଇଥିବାରୁ ଶ୍ରୀ ପଟ୍ଟନାୟକ ଉଦବେଗ ପ୍ରକାଶ କରିଥିଲେ। ଏଥିସହ ପଞ୍ଚାୟତ ଓ ପୌରାଞ୍ଚଳର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ବିଜେପି ସରକାର ସଂକୁଚିତ କରିଦେଇଥିବାରୁ ପରିସ୍ଥିତି କିପରି ଅଧିକ ଗମ୍ଭୀର ହୋଇଛି, ସେ ସମ୍ପର୍କରେ ବିଧାୟକ ଓ ଅନ୍ୟ ନେତାମାନେ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିଥିଲେ। ସେହିପରି ବ୍ୟାପକ ରାଜନୈତିକ ହସ୍ତକ୍ଷେପ ଯୋଗୁଁ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତିରେ ଅବନତି ଘଟିଛି ଓ ଜନସାଧାରଣ ବିଶେଷକରି ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି ବୋଲି ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ବିଷୟ ମଧ୍ୟରେ ଜିଲ୍ଲାରେ ବିଜେଡିର ସାଙ୍ଗଠନିକ ସ୍ଥିତିକୁ କିପରି ଆହୁରି ମଜବୁତ କରାଯାଇପାରିବ, ସେ ସମ୍ପର୍କରେ ଶ୍ରୀ ପଟ୍ଟନାୟକ ଜିଲ୍ଲାର ନେତାମାନଙ୍କ ସହ ଆଲୋଚନା କରିଥିଲେ।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ସମେତ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼ାଇ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ କ୍ୟାପଟେନ ଏସକେ ମହାପାତ୍ର ନବୀନଙ୍କୁ ଭେଟିବା ସହ ଆଲୋଚନା କରିଥିଲେ।

**ବ୍ୟବସାୟୀ ସଂଘ ସହ ଯୋଗାଣ ମନ୍ତ୍ରୀଙ୍କ ବୈଠକ**

# ଜରୁରୀ ସାମଗ୍ରୀ ଯୋଗାଣ ଅବ୍ୟାହତ ରଖିବାକୁ ପରାମର୍ଶ



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ): ରାଜ୍ୟରେ ସବୁ ସମୟରେ ଖାଉଟିମାନଙ୍କ ପାଇଁ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ କରାଇବା ଓ ଯୋଗାଣ ଶୃଙ୍ଖଳକୁ ଅବ୍ୟାହତ ରଖିବା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାର ବ୍ୟବସାୟୀ ସଂଘର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ଜିଲ୍ଲାର ବ୍ୟବସାୟୀ ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବିଭିନ୍ନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି ନିୟନ୍ତ୍ରଣ, ଖାଦ୍ୟ ସାମଗ୍ରୀର ବଜାର ଉପଲବ୍ଧତା, ସାମଗ୍ରୀର ଅନାବଶ୍ୟକ ମହଜୁଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଏଥିନିମନ୍ତେ ସରକାରଙ୍କୁ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିଲେ।

ଏଥିସହ ବ୍ୟବସାୟୀ ଓ ଖାଉଟିମାନଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସରକାରଙ୍କ ସହ ସମନ୍ୱୟ ରଖିବା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଆହୁରି ପ୍ରତି ଜିଲ୍ଲାରେ ପରିବା ମଣ୍ଡି ପ୍ରତିଷ୍ଠା, ସ୍ୱତନ୍ତ୍ର ବ୍ୟାବସାୟିକ ପେଣ୍ଠସ୍ଥଳୀ ନିର୍ମାଣ ଉପରେ ପ୍ରତିନିଧିମାନଙ୍କ ଦାବିକୁ ଗୁରୁତର ଭାବେ ଗ୍ରହଣ କରି ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଏ ଦିଗରେ ଆଲୋଚନା କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ପୁରନ୍ଦର ଧରୁଆ, ରାଜ୍ୟର ବିଭିନ୍ନ ବ୍ୟବସାୟୀ ସଂଘର ପ୍ରତିନିଧି ସୁଧାକର ପଣ୍ଡା, ଶକ୍ତିଶଙ୍କର ମିଶ୍ର, କବିରାଜ ସ୍ୱାଇଁଙ୍କ ସମେତ କଟକ, ବାଲେଶ୍ୱର, ଗଞ୍ଜାମ ତଥା ବଲାଙ୍ଗୀର ଆଦି ଜିଲ୍ଲାର ବ୍ୟବସାୟୀ ପ୍ରତିନିଧି ଏହି ବୈଠକରେ ଉପସ୍ଥିତ ଥିଲେ।

**ସହରାଞ୍ଚଳ ଜଳ ଭିତ୍ତିଭୂମିରେ ଉଲ୍ଲେଖନୀୟ ସଫଳତା**

# ଅମୃତ ୨.୦ କାର୍ଯ୍ୟକାରିତାରେ ଓଡ଼ିଶା ପ୍ରଥମ



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ): ସହରାଞ୍ଚଳ ବିକାଶ କ୍ଷେତ୍ରରେ ଓଡ଼ିଶା ଆଉ ଏକ ଗୌରବମୟ ସଫଳତା ହାସଲ କରିଛି। 'ଅଟଳ ମିଶନ ଫର ରିଜୁଭେନେସନ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେସନ' (ଅମୃତ) ୨.୦ ର ସଫଳ କାର୍ଯ୍ୟକାରିତାରେ ସମଗ୍ର ଦେଶରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରି ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ସହରାଞ୍ଚଳର ପ୍ରତିଟି ପରିବାରକୁ ପାନୀୟ ଜଳ ଯୋଗାଣ ଏବଂ ଜଳାଶୟଗୁଡ଼ିକର ପୁନରୁଦ୍ଧାର କ୍ଷେତ୍ରରେ ରାଜ୍ୟର ଏହି ପ୍ରଦର୍ଶନ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି।

୨୦୨୧ ଅକ୍ଟୋବରରେ ଆରମ୍ଭ ହୋଇଥିବା ଏହି ମିଶନ ମାଧ୍ୟମରେ ରାଜ୍ୟର ୮୯ଟି ପୌରସଂସ୍ଥାରେ ବ୍ୟାପକ ପ୍ରଗତି ପରିଲକ୍ଷିତ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୦୩୦.୧୮ କୋଟି ଟଙ୍କା ବ୍ୟୟ ଅଟକଳରେ ୩୪୫ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିମଧ୍ୟରୁ ୯୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅନ୍ୟଗୁଡ଼ିକର ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟ ଜାରିରହିଛି। ଆର୍ଥିକ ପରିଚାଳନା କ୍ଷେତ୍ରରେ ମଧ୍ୟ ଓଡ଼ିଶା ଦୃଢ଼ ପ୍ରଦର୍ଶନ କରିବା ସହ ଅନୁଦାନ ଅର୍ଥର ସଠିକ ବିନିଯୋଗ କରିବାରେ ସଫଳ ହୋଇଛି। ଅମୃତ ୨.୦ ଜରିଆରେ ରାଜ୍ୟର ଜଳ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ୭ଟି ଜଳ ବିଶୋଧନ ପ୍ଲାଣ୍ଟ ମାଧ୍ୟମରେ ଦୈନିକ ୪୩ ଏମଏଲଡି ଜଳ ବିଶୋଧନ କ୍ଷମତା ସୃଷ୍ଟି କରାଯାଇଛି। ଏହାଦ୍ୱାରା ପ୍ରାୟ ୨.୮୩ ଲକ୍ଷ ନାଗରିକ ଉପକୃତ ହୋଇଛନ୍ତି। ପ୍ରମୁଖ ସହରଗୁଡ଼ିକରେ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ ହେବା ସହ ୨.୭ ଲକ୍ଷରୁ ଅଧିକ ପରିବାରକୁ ପାଇପ୍ ଯୋଗେ ଜଳ ସଂଯୋଗ ଦିଆଯାଇଛି। ମୋଟାମୋଟି ଭାବେ ୫ ଲକ୍ଷରୁ ଅଧିକ ସହରବାସୀ ଏହି ସେବା ଦ୍ୱାରା ସିଧାସଳଖ ଉପକୃତ ହୋଇଛନ୍ତି।

# ସମାଜସେବୀଙ୍କୁ ସଙ୍ଘବଦ୍ଧ ଆକ୍ରମଣ

● ଖବର ପାଇ ବି ଆସିଲାନି ପୁଲିସ ଓ ଆମ୍ବୁଲାନ୍ସ



କଟକ,୭।୪(ସଂଚାର ବ୍ୟୁରୋ): କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକର ବ୍ରହ୍ମପୁର ପଞ୍ଚାୟତସ୍ଥିତ କାଞ୍ଜିଆଠାରେ ଆୟୋଜିତ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବେ ଯୋଗ ଦେଇଥିବା ଅନନ୍ତପୁର ଗ୍ରାମର ପିଙ୍କନ ସାହୁ ଓ ତାଙ୍କର କେତେକ ସହଯୋଗୀଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ସ୍ଥାନୀୟ ପଦା ଗାଁଠାରେ ସେମାନଙ୍କ ଗାଡ଼ିକୁ ଅଟକାଇବା ସହ ଜନୈକ ବିଜେପି ନେତା ନାମରେ କାହିଁକି ସୋସିଆଲ ମିଡିଆରେ ଅପପ୍ରଚାର କରୁଛନ୍ତି ବୋଲି ଦୁର୍ବୃତ୍ତମାନେ କହିବା ସହ ବନ୍ଧୁକ ଦେଖାଇ କାର ଭିତରକୁ ଟାଣି ନେଇଥିଲେ। ସେଠାରେ ଉକ୍ତ ଦୁର୍ବୃତ୍ତମାନେ ଶ୍ରୀ ସାହୁ ଓ ତାଙ୍କର ସହଯୋଗୀଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସମାଜସେବୀ ଶ୍ରୀ ସାହୁଙ୍କ ହାତ, ମୁହଁ ଓ ପେଟରେ ଗଭୀର ଆଘାତ ଲାଗିଛି। ତାଙ୍କ ସହ ଥିବା ଯୁବ ସାମ୍ବାଦିକଙ୍କ ସାନ ଭାଇ ଦିଲ୍ଲୀପ ନାୟକଙ୍କୁ ତଣ୍ଟି ଚିପି ମାରିବାକୁ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଶ୍ରୀ ସାହୁ ଓ ତାଙ୍କ ସହଯୋଗୀମାନେ ପୁଲିସ ଓ ଆମ୍ବୁଲାନ୍ସକୁ ଫୋନ କରିଥିଲେ ମଧ୍ୟ କେହି ବି ସେଠାରେ ପହଞ୍ଚି ନ ଥିଲେ। ପରେ ସ୍ଥାନୀୟ ଲୋକେ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ଖବର ପାଇ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମେଡିକାଲ୍‌ରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ପରେ ଚୌଦ୍ୱାର ଥାନାରେ ଏତଲା ଦିଆଯାଇଛି। ତେବେ ପୁଲିସ୍ କୌଣସି ପଦକ୍ଷେପ ନେଇ ନ ଥିବାରୁ ୧୨ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଥାନା ଘେରାଉ କରିବାକୁ ଶ୍ରୀ ସାହୁ କହିଛନ୍ତି।

**ଓଡ଼ିଆ ପକ୍ଷଃ ରାଜ୍ୟବ୍ୟାପୀ ଶିଶୁକଥା ଦିବସ ପାଳିତ**

# ବଣ୍ଟାଗଲା ୧୮ ହଜାର ବର୍ଣ୍ଣବୋଧ ଓ ଶିଶୁଲେଖା ପୁସ୍ତକ



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚାଲିଥିବା 'ଓଡ଼ିଆ ପକ୍ଷ' ପାଳନର ସପ୍ତମ ଦିନଟିକୁ 'ଶିଶୁକଥା ଦିବସ' ଭାବେ ପାଳନ କରାଯାଇଛି। ଆଜି ଶିଶୁ କଥା ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ବର୍ଣ୍ଣବୋଧ ଓ ଶିଶୁଲେଖା ପୁସ୍ତକ ପ୍ରଦାନ କରାଯାଇଛି। ଏଥିସହ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ବରିଷ୍ଠ ନାଗରିକମାନଙ୍କୁ ଭାଗବତ ପୁସ୍ତକ ମଧ୍ୟ ଦିଆଯାଇଥିଲା।

ଆଜି ଶିଶୁକଥା ଦିବସରେ ରାଜ୍ୟର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୧୮ ହଜାର ବର୍ଣ୍ଣବୋଧ ଏବଂ ଶିଶୁଲେଖା ପୁସ୍ତକ ବଣ୍ଟନ କରାଯାଇଛି। ଏଥିସହ ୨ ହଜାର ଭାଗବତ ପୁସ୍ତକ ବି ବଣ୍ଟାଯାଇଛି। ଆଜି ନବରଙ୍ଗପୁର ଜିଲ୍ଲା ଉମରକୋଟର ପିଏମ୍ ଶ୍ରୀ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଶିଶୁକଥା ଦିବସ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁକଥା ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବର୍ଣ୍ଣବୋଧ ଓ ଶିଶୁଲେଖା ପୁସ୍ତକ ବଣ୍ଟନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

ରାଜ୍ୟରେ ରହିଥିବା ବିଭିନ୍ନ ବେସରକାରୀ ବିଦ୍ୟାଳୟ, ବେସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ମଧ୍ୟ ଆଜି ଶିଶୁକଥା ଦିବସ ପାଳିତ ହୋଇଛି। ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର ସହ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ବିଭିନ୍ନ ଲୋକବାଣୀ ସମ୍ବନ୍ଧରେ ଯେପରି ଛାତ୍ରଛାତ୍ରୀମାନେ ଅବଗତ ହୋଇପାରିବେ, ସେଥିସକାଶେ ରାଜ୍ୟବ୍ୟାପୀ ଆଜି ଶିଶୁକଥା ଦିବସ ପାଳନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

# ଅବସର ପରେ ନିଯୁକ୍ତିରେ ବିଜେପିର ଦୋମୁହାଁ ନୀତି

● ପୂର୍ବରୁ ବିରୋଧ କରୁଥିଲେ, ଏବେ ସ୍ୱାଗତ କରୁଛନ୍ତି:ବିଜେଡି

● ସୁଶାସନ ପ୍ରଦାନ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ବିଫଳ



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ): ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ବିଜେପି ବିରୋଧ କରି ଆସୁଥିଲା ବେଳେ ରାଜ୍ୟରେ କ୍ଷମତାକୁ ଆସିବା ପରେ ଅଧିକରୁ ଅଧିକ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃନିଯୁକ୍ତି ଦେବା ପାଇଁ ବାଟ ଖୋଲୁଛନ୍ତି, ଯାହା ଦଳର ଦୋମୁହାଁ ନୀତି ବୋଲି ବିଜେଡି ଅଭିଯୋଗ କରିଛି। ଗତ ନିର୍ବାଚନରେ ନିଜର ସଙ୍କଳ୍ପପତ୍ରରେ ୫ ବର୍ଷରେ ରାଜ୍ୟର ଖାଲି ପଡ଼ିଥିବା ସାଢ଼େ ୩ ଲକ୍ଷ ପଦବୀରେ ରାଜ୍ୟର ଯୁବକଯୁବତୀମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ବିଜେପି ଦେଇଥିବା ପ୍ରତିଶ୍ରୁତି ଏବେ ପ୍ରହସନରେ ପରିଣତ ହୋଇଛି ବୋଲି କୁହାଯାଇଛି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗତ ୨୦୨୪ ସେପ୍ଟେମ୍ବର ୧୨ରେ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗତ ୨ ତାରିଖରେ ଏକ ବିଜ୍ଞପ୍ତିରେ ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ପୁନଃନିଯୁକ୍ତି ପାଇଁ ପୂର୍ବ ବିଜ୍ଞପ୍ତିରେ ଥିବା ନିୟମକୁ ଅଧିକ କୋହଳ ମଧ୍ୟ କରାଯାଇଛି। ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଦଳ ବିରୋଧ କରୁଥିଲା। କିନ୍ତୁ କ୍ଷମତାକୁ ଆସିବା ପରେ ଏବେ ଅଧିକରୁ ଅଧିକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବା ପାଇଁ ପଦକ୍ଷେପ ନିଆଯାଉଛି। ଏହା ରାଜ୍ୟ ବିଜେପି ସରକାରଙ୍କର ଦୋମୁହାଁ ନୀତି। ଡବଲ ଇଞ୍ଜିନ ସରକାରଙ୍କର ଡବଲ ନୀତି। ଗୋଟିଏ ନିଷ୍ପତ୍ତି ନିଆଯାଉଛି ଆଉ ତା'ପରେ ସେଥିରେ ପରିବର୍ତ୍ତନ କରାଯାଉଛି। ୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଏଏସ୍‌ମାନଙ୍କ ନିଯୁକ୍ତି ପାଇଁ ବ୍ୟବସ୍ଥା କରାଗଲା। ପୂର୍ବ ବିଜ୍ଞପ୍ତିରେ ଶେଷ ୫ ବର୍ଷର ସିସିଆର ଆଉଟଷ୍ଟାଣ୍ଡିଂ ଥିବା ଜରୁରୀ ରଖାଯାଇଥିଲା ଓ ଅବସର ପରେ ସରକାରୀ କ୍ୱାର୍ଟର୍ସ ଛାଡ଼ିଥିବା ଜରୁରୀ ଥିଲା, ଯାହାକୁ ନୂତନ ବିଜ୍ଞପ୍ତିରେ ହଟାଇ ଦିଆଯାଇଛି। ଓଏଏସ ଅଧିକାରୀଙ୍କୁ ନିଯୁକ୍ତି ବ୍ୟତୀତ ୮୦୦ ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କୁ ଏସଆଇ ଓ ଏଏସଆଇ ଭାବେ ନିଯୁକ୍ତି ଦିଆଯାଇଛି। ୧୮୬ ଜଣ ସିଭିଲ ଇଞ୍ଜିନିୟରଙ୍କୁ ମଧ୍ୟ ପୁନଃନିଯୁକ୍ତି ମିଳିଛି। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ସମୁଦାୟ ୩୯,୫୦୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେଥିମଧ୍ୟରୁ ପ୍ରାୟ ୩୩,୮୬୭ ନିଯୁକ୍ତିର ପ୍ରକ୍ରିୟା ପୂର୍ବ ସରକାରଙ୍କ ସମୟରେ ହୋଇଥିଲା। ତେଣୁ ଗତ ଦୁଇ ବର୍ଷରେ ସରକାର ମାତ୍ର ୫,୬୩୮ ନିଯୁକ୍ତି ଦେଇଛନ୍ତି। ଏହି ହାରରେ ନିଯୁକ୍ତି ଦେଲେ ସରକାରଙ୍କୁ ସାଢ଼େ ୩ ଲକ୍ଷ ନିଯୁକ୍ତି ପାଇଁ ୧୨୪ ବର୍ଷ ଲାଗିବ ବୋଲି ସେ କହିଛନ୍ତି।

# ସ୍ୱଳ୍ପ ସଞ୍ଚୟ ଲଟେରୀ, ଦୁଇ ବର୍ଷ ହେଲା ବନ୍ଦ

ଭୁବନେଶ୍ୱର,୭।୪: ସ୍ୱଳ୍ପ ସଞ୍ଚୟ ଯୋଜନାରେ ପ୍ରଚଳନ ହେଉଥିବା ଲଟେରୀ ବ୍ୟବସ୍ଥା ଦୁଇବର୍ଷ ହେଲା ବନ୍ଦ ହୋଇ ଯାଇଛି। ଏଥିଯୋଗୁଁ ଏହି ଲୋକପ୍ରିୟ ଯୋଜନାରେ ଜମା ପରିମାଣ ହ୍ରାସ ପାଉଥିବା କୁହାଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ଜମା ପରିମାଣ ଢେର କମିଛି।

ବିଗତ ୫ ବର୍ଷର ସ୍ୱଳ୍ପ ସଞ୍ଚୟ ଜମା ସଂଗ୍ରହରୁ ଜଣାଯାଇଛି ଯେ ୨୦୨୩-୨୪ ବର୍ଷରେ ରାଜ୍ୟ ସରକାର ୮୦୮୨ କୋଟି ଟଙ୍କାର ଜମା ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବାବେଳେ ସେହିବର୍ଷ ଅର୍ଥ ଜମା ପରିମାଣ ୧୦ ହଜାର କୋଟି ଟଙ୍କାକୁ ଟପିଯାଇଥିଲା। ଏତେ ପରିମାଣର ଜମା ଦେଖି ରାଜ୍ୟ ସରକାର ୨୦୨୪-୨୫ ବର୍ଷରେ ୧୧ ହଜାର କୋଟି ଟଙ୍କାର ଜମା ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ କରିଥିବାବେଳେ ଜମା ପରିମାଣ କିନ୍ତୁ ୧୦ ହଜାର ଟଙ୍କା ତଳକୁ ଖସି ଆସିଛି।

ତେବେ ୨୦୨୪-୨୫ ବର୍ଷରେ ଜିଲ୍ଲା ସ୍ତରରେ ହୋଇଥିବା ସ୍ୱଳ୍ପ ସଞ୍ଚୟ ଜମା ସଂଗ୍ରହରୁ ମିଳିଥିବା ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୦୭୩ କୋଟି ଟଙ୍କାର ଜମା ସଂଗ୍ରହ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଏହା ୧୦୦୯ କୋଟି ରହିଛି। ଅନ୍ୟ ସମସ୍ତ ଜିଲ୍ଲାରେ ଏହା ହଜାରେ କୋଟି ତଳେ ଥିବାବେଳେ ସବୁଠାରୁ କମ୍ ୭ କୋଟି ୨୨ଲକ୍ଷ ଟଙ୍କାର ଜମା ମାଲକାନଗିରି ଜିଲ୍ଲାରୁ ସଂଗୃହୀତ ହୋଇଛି। ତେବେ ପୂର୍ବବର୍ଷ ତୁଳନାରେ ଏହା ଜିଲ୍ଲାରେ ଢେର କମ୍ ରହିଥିବା ଜଣାପଡ଼ିଛି। ତେବେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ପ୍ରଚଳିତ ହୋଇଥିବା ଲଟେରୀ ବ୍ୟବସ୍ଥା ପ୍ରତି ଆଗ୍ରହୀ ହୋଇ ଲୋକେ ଅଧିକରୁ ଅଧିକ ପରିମାଣରେ ଅର୍ଥ ଜମା କରିଥାନ୍ତି। ପ୍ରତିବର୍ଷ ଗୋଟିଏ ସିରିଜ ନମ୍ବରରେ ଲଟେରୀ ଟିକଟ ଜାରି ହେଉଥିବାବେଳେ ଧାର୍ଯ୍ୟ ସମୟରେ ଲଟେରୀ ଉଠାଣ ହୋଇଥାଏ। ବର୍ଷକୁ ୨ହଜାର ଟଙ୍କାର ଜମା ପାଇଁ ହିତାଧିକାରୀଙ୍କୁ ଗୋଟିଏ ଲଟେରୀ ଟିକଟ ମିଳିଥାଏ।

ତେବେ ହିତାଧିକାରୀମାନଙ୍କ କହିବାକଥା ପୂର୍ବରୁ ହିତାଧିକାରୀମାନେ ସ୍ୱଳ୍ପ ସଞ୍ଚୟ ଅଧିକାରୀମାନଙ୍କ ଠାରୁ ଲଟେରୀ ଟିକଟ ସଂଗ୍ରହ କରୁଥିବାବେଳେ ଗତ ୨୦୨୨ରୁ ତାହାକୁ ଅନଲାଇନ୍‌ରେ ଉପଲବ୍ଧ ହେଉଥିଲା। ତେବେ ପ୍ରତିବର୍ଷ ଲଟେରୀ ପାଇଁ ନୂତନ ସିରିଜ ପ୍ରଚଳନ ବ୍ୟବସ୍ଥା ୨୦୨୪ ଠାରୁ ହୋଇପାରି ନାହିଁ। ଉଲ୍ଲେଖନୀୟ ଯେ ଲଟେରୀ ପ୍ରତି ଆକର୍ଷିତ ହୋଇ ଗାଁଗହଳର ଜମାକାରୀମାନେ ଡାକଘରେ ଏହି ଯୋଜନାରେ ବିପୁଳ ପରିମାଣର ଅର୍ଥ ଜମା କରୁଥିଲେ। ଜମା ଅର୍ଥରୁ ରାଜ୍ୟ ସରକାର ମଧ୍ୟ ଆବଶ୍ୟକ ମୁତାବକ ଅର୍ଥ ଋଣ ଆକାରରେ ଉଠାଣ କରିଥାନ୍ତି। କେବଳ ଲଟେରୀ ନୁହେଁ, ଆକର୍ଷଣୀୟ ସୁଧ ଓ ଅର୍ଥର ଶତ ପ୍ରତିଶତ ସୁରକ୍ଷିତ ଦୃଷ୍ଟିରୁ ଲୋକେ ଏହି ଯୋଜନା ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିଥାନ୍ତି। (ତଥ୍ୟ)

**ନରସିଂହପୁର ଥାନା ହାଜତ ମୃତ୍ୟୁ ମାମଲା**

# ୬ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଗିରଫ

ନରସିଂହପୁର,୭।୪(ସଂଚାର ବ୍ୟୁରୋ): ୨୦୧୬ ନରସିଂହପୁର ଥାନା ହାଜତ ମୃତ୍ୟୁ ଘଟଣାରେ ୬ ଜଣ ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅବସରପ୍ରାପ୍ତ ଏଏସଆଇ ଭଗବାନ ସାହୁ, ଅବସରପ୍ରାପ୍ତ ହାବିଲଦାର ପ୍ରମୋଦ କୁମାର ପାତ୍ର, ହୋମ ଗାର୍ଡ ଯୋଗୀନାଥ ନାୟକ, ଭିକାରୀ ନାୟକ, ଭ୍ରମର ରଣା ଓ ମହେଶ୍ୱର ଦେବତା। ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଏକ ପାରିବାରିକ ମାମଲାକୁ କେନ୍ଦ୍ର କରି ମାଳିସାହି ଗାଁର ସରୋଜ ସେନାପତିଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ସରୋଜଙ୍କୁ ଥାନାକୁ ଆଣି ପଚରାଉଚରା କରିବା ବେଳେ ପୁଲିସ ତାଙ୍କୁ ଅକଥନୀୟ ନିର୍ଯାତନା ଦେଇଥିଲା। ଫଳରେ ହାଜତରେ ହିଁ ସରୋଜଙ୍କ ମୃତ୍ୟୁ ହୋଇଥିଲା।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



ବୁଧବାର ୮ ଏପ୍ରିଲ ୨୦୨୬, ଭୁବନେଶ୍ୱର
Wednesday 8 April 2026, Bhubaneswar

# ଏକ ଅନିଶ୍ଚିତ ଓ ବିପଦସଙ୍କୁଳ ଭବିଷ୍ୟତ

ଫେବ୍ରୁଆରୀ ୨୮, ୨୦୨୬ରେ ଆରମ୍ଭ ହୋଇଥିବା ଆମେରିକା ଓ ଇସ୍ରାଏଲର ଆକ୍ରମଣ ଏବଂ ଇରାନର ପ୍ରତିଶୋଧମୂଳକ ଯୁଦ୍ଧ ଏବେ ଏକ ମାସରୁ ଅଧିକ ସମୟ ଧରି ଜାରି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଇରାନର ସୁପ୍ରିମ ଲିଡର ଆଲି ଖାମେନେଇଙ୍କ ସମେତ ଅନେକ ଶୀର୍ଷ ନେତାଙ୍କ ହତ୍ୟା, ସାମରିକ ସ୍ଥାପନା ଉପରେ ବ୍ୟାପକ ଆକ୍ରମଣ ଏବଂ ହର୍ମୁଜ ପ୍ରଣାଳୀ ଖୋଲିବାର ଅଲ୍ଟିମେଟମ ଏହି ସଂଘର୍ଷକୁ ଏକ ନୂତନ ଉତ୍ତେଜନା ଦେଇଛି। ଇରାନ ପକ୍ଷରୁ ମିସାଇଲ ଓ ଡ୍ରୋନ ଆକ୍ରମଣ, ଇସ୍ରାଏଲ ଓ ଆମେରିକୀୟ ଘାଟି ଏବଂ ତେଲ କେନ୍ଦ୍ର ଖାର୍ଗ ଦ୍ୱୀପ ଉପରେ ଆଘାତ ଏହି ଯୁଦ୍ଧକୁ ଆଞ୍ଚଳିକ ସ୍ତରରୁ ବିଶ୍ୱସ୍ତରକୁ ନେଇ ଯାଉଛି। ହଜାର ହଜାର ଲୋକ ପ୍ରାଣ ହରାଇଛନ୍ତି, ଲକ୍ଷ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି ଏବଂ ମଧ୍ୟପ୍ରାଚ୍ୟର ସ୍ଥିରତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଏହି ଯୁଦ୍ଧର ଭାଗ୍ୟ କଣ ହେବ? ଏହା ଏକ ଅନିଶ୍ଚିତ ପ୍ରଶ୍ନ ଯାହା ବିଶ୍ୱର ଭବିଷ୍ୟତକୁ ପ୍ରଭାବିତ କରିପାରେ।

ସାମରିକ ଦୃଷ୍ଟିରୁ ଆମେରିକା ଓ ଇସ୍ରାଏଲର ଉନ୍ନତ ପ୍ରଯୁକ୍ତି, ଏୟାର ଫୋର୍ସ ଓ ନିର୍ଦ୍ଦେଶିତ ଆକ୍ରମଣ ଇରାନର ପ୍ରତିରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରି ଦେଇଛି। କିନ୍ତୁ ଇରାନ ଏକ ବିସ୍ତୃତ ଦେଶ ଏବଂ ତାର କ୍ଷେପଣାସ୍ତ୍ର ଶକ୍ତି, ହୁଥି, ହିଜବୁଲ୍ଲା ଭଳି ପ୍ରକ୍ସି ଗୋଷ୍ଠୀ ମାଧ୍ୟମରେ ଦୀର୍ଘକାଳୀନ ପ୍ରତିରୋଧ କରିପାରିବ। ଟ୍ରମ୍ପଙ୍କ ସର୍ବନାଶକାରୀ ଧମକ ସତ୍ତ୍ୱେ ଇରାନ ପକ୍ଷରୁ "ଚୂର୍ଣ୍ଣକାରୀ ପ୍ରତିକ୍ରିୟା"ର ଚେତାବନୀ ଦିଆଯାଇଛି। ଯଦି ଯୁଦ୍ଧ ଦୀର୍ଘସ୍ଥାୟୀ ହୁଏ ତେବେ ଆମେରିକାର ଅର୍ଥନୈତିକ ଓ ସୈନ୍ୟ କ୍ଷତି ବଢ଼ିବ। ହର୍ମୁଜ୍ ପ୍ରଣାଳୀରେ ଇରାନର ନିୟନ୍ତ୍ରଣ ଏବଂ ତେଲ ସଙ୍କଟ ସୃଷ୍ଟି ହୋଇଛି ଯାହା ବିଶ୍ୱ ତେଲ ମୂଲ୍ୟକୁ ଆକାଶଛୁଆଁ କରିଦେଇଛି। ଏହା କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସମଗ୍ର ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି।

ଭାରତ ପାଇଁ ଏହି ଯୁଦ୍ଧର ପ୍ରଭାବ ଅତ୍ୟନ୍ତ ଗମ୍ଭୀର। ଆମ ଦେଶ ତେଲ ଆମଦାନିର ପ୍ରାୟ ୬୦ ପ୍ରତିଶତ ମଧ୍ୟପ୍ରାଚ୍ୟରୁ ଆସେ। ତେଲର ମୂଲ୍ୟ ବୃଦ୍ଧି ମୁଦ୍ରାସ୍ଫୀତି ବଢ଼ାଇବ, ପେଟ୍ରୋଲ-ଡିଜେଲ୍ ମୂଲ୍ୟ ବଢ଼ିବ ଏବଂ ସାଧାରଣ ମଧ୍ୟବିତ୍ତ ପରିବାରର ଜୀବନଯାତ୍ରା କଷ୍ଟକର ହେବ। ମୁମ୍ବାଇ ଭଳି ବନ୍ଦର ନଗରୀ ଓ ଓଡ଼ିଶାର ଶିଳ୍ପ କ୍ଷେତ୍ର, କୃଷି ଓ ପରିବହନ କ୍ଷେତ୍ର ପ୍ରଭାବିତ ହେବ। ଏହା ବ୍ୟତୀତ ଯୁଦ୍ଧର ମାନବୀୟ କ୍ଷତି ଅତ୍ୟନ୍ତ ବିଧ୍ୱଂସୀ।



ଇରାନ, ଲେବାନନ୍, ଇସ୍ରାଏଲ୍ ଓ ଆରବ ରାଷ୍ଟ୍ରଗୁଡ଼ିକରେ ହଜାର ହଜାର ନିରୀହ ଲୋକ ମୃତ୍ୟୁ ବରଣ କରୁଛନ୍ତି। ପରିବେଶ ପ୍ରଦୂଷଣ, ସାମାଜିକ ଅସ୍ଥିରତା ଓ ଆଞ୍ଚଳିକ ଯୁଦ୍ଧର ଆଶଙ୍କା ବଢ଼ୁଛି। ରୁଷିଆ ଓ ଚୀନ୍ ଭଳି ଦେଶର ସମ୍ଭାବ୍ୟ ଜଡ଼ିତତା ଏହି ସଂଘର୍ଷକୁ ବିଶ୍ୱଯୁଦ୍ଧର ଆକାର ଦେଇପାରେ।

ଏହି ଯୁଦ୍ଧର ସମ୍ଭାବ୍ୟ ଫଳାଫଳ କେତେକ ମୁଖ୍ୟ ପଥରେ ବିଭକ୍ତ। ପ୍ରଥମତଃ, କୂଟନୀତିକ ଆଲୋଚନା ମାଧ୍ୟମରେ ଅସ୍ଥାୟୀ ଯୁଦ୍ଧବିରତି ହୋଇପାରେ ଏବଂ ଇରାନ ହର୍ମୁଜ୍ ପ୍ରଣାଳୀ ଖୋଲିବାର ସର୍ତ୍ତ ମାନିପାରେ। ଦ୍ୱିତୀୟତଃ, ଯୁଦ୍ଧ ଦୀର୍ଘସ୍ଥାୟୀ ହୋଇ ୨୦୨୭ ପର୍ଯ୍ୟନ୍ତ ଚାଲିପାରେ ଏବଂ ଆମେରିକା ସ୍ଥଳସୈନ୍ୟ ପ୍ରେରଣ କରି ଇରାନର ଶାସନ ପରିବର୍ତ୍ତନ କରିବାର ଚେଷ୍ଟା କରିପାରେ। ତୃତୀୟତଃ, ଇରାନର କଠିନପନ୍ଥୀ ଶାସନ ଆହୁରି ଦୃଢ଼ ହୋଇ ପ୍ରତିରୋଧ ଜାରି ରଖିପାରେ ଏବଂ ଯୁଦ୍ଧ ଏକ ଅସ୍ଥିର ସ୍ଥିରତାରେ ପରିଣତ ହୋଇପାରେ। କିନ୍ତୁ ସମସ୍ତ କ୍ଷେତ୍ରରେ ଏକ କଥା ସ୍ପଷ୍ଟ – ଯୁଦ୍ଧ କେବଳ ବିନାଶ ଆଣେ, ଶାନ୍ତି ଆଣେ ନାହିଁ। ଭାରତର ଦୃଷ୍ଟିରୁ ଏହି ପରିସ୍ଥିତି ଏକ ବଡ଼ ପ୍ରତିଦ୍ୱନ୍ଦ୍ୱିତା। ଆମେ ଇରାନ ସହିତ ଐତିହାସିକ ସମ୍ପର୍କ ରଖୁଛୁ ଏବଂ ଆମେରିକା ସହିତ କୌଶଳଗତ ସହଯୋଗ ବଢ଼ାଉଛୁ। ଏହି ସମୟରେ ଭାରତ ଦୁଇ ପକ୍ଷ ମଧ୍ୟରେ ସମତୁଲ ରଖି କୂଟନୀତିକ ପ୍ରୟାସ କରିବା ଉଚିତ୍। ଜାତିସଂଘ ଓ ଅନ୍ୟାନ୍ୟ ଆନ୍ତର୍ଜାତିକ ମଞ୍ଚରେ ଶାନ୍ତି ଆଲୋଚନା ପାଇଁ ଭାରତ ନେତୃତ୍ୱ ନେବା ଉଚିତ୍। ଯୁଦ୍ଧ ଯଦି ବଢ଼େ ତେବେ ଆମର ଅର୍ଥନୈତିକ ସ୍ଥିରତା, ଶକ୍ତି ନିରାପତ୍ତା ଓ ବିଦେଶ ନୀତି ସବୁ ପ୍ରଭାବିତ ହେବ।

ଉପସଂହାରରେ କହିବାକୁ ହେଲେ, ଆମେରିକା-

# ବୈକୁଣ୍ଠ ସମାନ ଘର ଓ ପାରିବାରିକ ହିଂସା



ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା

ପରିବାର ଗଠନର ମୂଳ ଉଦ୍ଦେଶ୍ୟ ହେଉଛି ସାମାଜିକ ଶୃଙ୍ଖଳା ଓ ସୁରକ୍ଷା। ଯେଉଁଠି ସମସ୍ତେ ନିରନ୍ତର ପରସ୍ପର ସ୍ନେହ ଓ ମମତାର ରଜ୍ଜୁରେ ବାନ୍ଧିହୋଇ ସୁରକ୍ଷିତ ରହିଥାନ୍ତି। ମନୁଷ୍ୟ ଜୀବନର ସୁଖ ଓ ଶାନ୍ତିର ଏକ ସଫଳ ମାଧ୍ୟମ ରୂପେ ପରିବାରର ଭୂମିକା ବହୁତ ଯୁଗରୁ ସ୍ୱୀକୃତ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏହି ପ୍ରତ୍ୟାସାରେ ଏକ ବିରାଟ ବାଧା ସୃଷ୍ଟି ହୋଇଛି। ବାହ୍ୟ ଜଗତରେ ରାସ୍ତା ପାର୍ଶ୍ୱର ହିଂସା ଆମର ସାମଗ୍ରିକ ଜୀବନକୁ ଅଶାନ୍ତ କରିବା ସହିତ ପାରିବାରିକ ହିଂସା ମଧ୍ୟ ଉଦବେଗର କାରଣ ହୋଇଛି। ଦିନକୁ ଦିନ ଘରୋଇ ନିର୍ଯାତନା ମାମଲା ବଢ଼ିବାରେ ଲାଗିଛି। ଯାହାକୁ ନେଇ ସମାଜର ସବୁ ମହଲରୁ ଚିନ୍ତା ପ୍ରକଟ ହେଉଛି। ମହିଳା ମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୦୫ ମସିହାରେ ଘରୋଇ ହିଂସା ଆଇନ ପ୍ରଣୟନ ହୋଇଛି। 'ଦି ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ (ଘର୍‌ଐଝ-୫, ୨୦୧୯-୨୧) ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଭାରତର ପ୍ରାୟ ୩୨% ବିବାହିତ ମହିଳା (୧୮ରୁ ୪୯ ବର୍ଷ ବୟସର) ନିଜ ଜୀବନକାଳ ମଧ୍ୟରେ ଅନ୍ତତଃ ଥରେ ସ୍ୱାମୀଙ୍କ ଦ୍ୱାରା ଘରୋଇ ହିଂସାର ଶିକାର ହୋଇଥାନ୍ତି। ୨୯% ମହିଳାଙ୍କ ସ୍ୱାମୀ ସେମାନଙ୍କ ଉପରେ ଶାରୀରିକ ଓ ଯୌନ ହିଂସାର ପ୍ରୟୋଗ କରିଥାନ୍ତି। ପ୍ରାୟ ୨୫% ବିବାହିତ ମହିଳା ଆଖିରେ ଆଘାତ, ହାତ-ଗୋଡ଼ ମକଚି ହେବା, ସେ ସବୁର ହାଡ଼ ଖସିଯିବା (ୟସଗ୍ବକ୍ଷକ୍ଟମବଗ୍ବସକ୍ଟଭ) କିମ୍ବା ଭାଙ୍ଗି ଯିବା ତଥା ଦାନ୍ତ ଭାଙ୍ଗିଯିବା ଭଳି ହିଂସାର ଶିକାର ହେବା ନେଇ ରିପୋର୍ଟ କରିଥାନ୍ତି। ଦେଶର ୧୨.୫% ଅବିବାହିତା ମହିଳା ମଧ୍ୟ ଘରୋଇ ଶିକାର ହୋଇଥାନ୍ତି। 'ନ୍ୟାସନାଲ କ୍ରାଇମ ରେକର୍ଡ଼ସ ବ୍ୟୁରୋର ୨୦୨୨ର ପରିସଂଖ୍ୟାନ ଅନୁଯାୟୀ୧, ୪୦, ୦୧୯ ମହିଳା ସେମାନଙ୍କ ସ୍ୱାମୀ କିମ୍ବା ସ୍ୱାମୀଙ୍କ ପରିବାର ଦ୍ୱାରା ଘରୋଇ ହିଂସା ଶିକାର ହୋଇଥିଲେ। ରାଜ୍ୟ ଗୁଡ଼ିକ ଦୃଷ୍ଟିରୁ ବିଚାର କଲେ କର୍ଣ୍ଣାଟକ, ବିହାର, ମଣିପୁର, ତେଲେଙ୍ଗାନ ଓ ତାମିଲନାଡୁ ଆଦି ରାଜ୍ୟରେ ସର୍ବାଧିକ ଘରୋଇ ହିଂସା ସମ୍ପର୍କିତ ଘଟଣା ଘଟିଥାଏ। ଘରୋଇ ହିଂସା ସମୁଦାୟ ଲିଙ୍ଗଗତ ହିଂସାର ପ୍ରାୟ ୪୦%। କିନ୍ତୁ ରିପୋର୍ଟ କରାଯାଏ ମାତ୍ର ୮% କିମ୍ବା ତା ଠାରୁ କମ ସଂଖ୍ୟକ ମାମଲା।

ଭକ୍ତକବି ମଧୁସୂଦନ ରାଓ ଭାଷାରେ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁଥାଏ ନିରନ୍ତର।' ଆମ ସଂସ୍କୃତିରେ ପରିବାରର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ସନ୍ତାନର ପାଳନ ପୋଷଣ ଠାରୁ ଆରମ୍ଭ କରି ବୟସ୍କଙ୍କୁ ସ୍ନେହ ଆଦର, ସେବାଯତ୍ନ ଯୋଗାଇଦେବା ଓ ଭାଇ ଭଉଣୀ ତଥା ଭାଇ ଭାଇ ଭିତରେ ପାରସ୍ପରିକ ସହାନୁଭୂତି ଓ ସହଯୋଗ ପର୍ଯ୍ୟନ୍ତ ସବୁକିଛି ପରିବାର ଗଠନର ମୂଳ ଭିତ୍ତିବୋଲି କୁହାଯିବ। ଶିଶୁର ଲାଳନପାଳନରେ ବାପା-ମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେ ବି ପରିବାରର ଅନ୍ୟାନ୍ୟ ସଦସ୍ୟଯଥା ଜେଜେ, ଜେଜେ ମାଆ ଓ ଅନ୍ୟମାନଙ୍କ ଭୂମିକା ବି କିଛି କମ ନୁହେଁ। ସେଥିପାଇଁ ଆଗକାଳରେ ଯୌଥ ପରିବାରର ବଡ଼ ଭୂମିକା ଥିଲା। ସମ୍ପର୍କର ବିଭିନ୍ନ ଭାଗମାପ ବଜାୟ ରହିଥଲା। ସାନମାନେ ବଡ଼ ମାନଙ୍କୁ ଆଦର ସମ୍ମାନ କରୁଥିବାବେଳେ ବଡ଼ମାନେ ସ୍ନେହ ଓ ଅନୁଶାସନରେ ସାନ ମାନଙ୍କ ଚରିତ୍ର ଗଠନ କରୁଥିଲେ। ଉଦାରତା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଦ୍ୱାରା ବୃହତ ପରିବାର ଗୁଡ଼ିକ ତିଷ୍ଠି ରହୁଥିଲା। କାଳକ୍ରମେ ସେଥିରେ ସ୍ୱାର୍ଥପରତା, ଛଳନା, କୁଟିଳତା ପରିଲକ୍ଷିତ ହେବାରୁ ଯୌଥ ପରିବାର ଏକାନ୍ନବର୍ତ୍ତୀ ପରିବାରରେ ପରିଣତ ହେଲା। ଯେଉଁଠି ନା ରହିଲା ପାରସ୍ପରିକ ସାହାଯ୍ୟ କିମ୍ବା ସହଯୋଗ। ଅଧିକ ସୁଖୀ ପାଇବାକୁ ଯାହା କରାଗଲା ସେଥିରେ ବି ସୁଖୀ ହୋଇପାରିଲେନି କେହି। ଫଳରେ ଦିନକୁ ଦିନ ପରିବାରଗୁଡ଼ିକ ବିଶୃଙ୍ଖଳିତ ହେବାରେ ଲାଗିଛି। ତେଣୁ ଘରୋଇ ହିଂସା ମଧ୍ୟ ବଢ଼ି ବଢ଼ି ଚାଲିଛି।

ଆଜିର ବସ୍ତୁବାଦୀ ସମାଜରେ ବୃଦ୍ଧାବସ୍ଥାରେ ସନ୍ତାନମାନେ ପିତାମାତାଙ୍କ ଦାୟିତ୍ୱ ନେବାକୁ କୁଣ୍ଠାବୋଧକରନ୍ତି। ଏକକ ପରିବାର ଜନ୍ମିତ ଯୁବକ ବା ଯୁବତୀ ବେକାରୀ, ଦରଦାମ ବୃଦ୍ଧି, ଅଶିକ୍ଷା, ସାମାଜିକ ଚାପ, ସମ୍ବେଦନଶୀଳତା ଅଭାବ, ଅତ୍ୟନ୍ତ ସ୍ୱାର୍ଥପରତା ଆଦିକଳୁଷିତ ପରମ୍ପରାରେ ଜନ୍ମିତ ସେମାନେ କେବଳ ନିଜର ସ୍ୱାର୍ଥ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ମନ ଦେଇନଥାନ୍ତି। ପ୍ରାପ୍ତବୟସ୍କରେ ସେମାନେ ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ପୈତୃକ ସମ୍ପତ୍ତିକୁ ସେମାନଙ୍କ ନାମରେ ଲେଖିଦେବାକୁ କହିଥାଆନ୍ତି, ସେଥିପାଇଁ ବିଭିନ୍ନ ଉପାୟରେ ଚାପ ପକାନ୍ତି, ଯଦି ପିତାମାତା ସେଥିରେ ରାଜି ନହୁଅନ୍ତି, ତେବେ ସେମାନେ ଅବହେଳାକରିବା ଆରମ୍ଭ କରିନ୍ତି। ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଏବଂ କଲ୍ୟାଣ ଆଇନ ୨୦୦୭ ଅନୁସାରେ ପିତାମାତାଙ୍କ ପାଇଁ ପିଲାମାନଙ୍କ ଠାରୁ ଭରଣାପୋଷଣ ଦାବୀ କରିବାର ଆଇନଗତ ଅଧିକାର। ଭାରତୀୟ ପରିବାରରେ ଦ୍ୱନ୍ଦ୍ୱର ସାଧାରଣ ଉତ୍ସ ସମ୍ପତ୍ତି କିମ୍ବା ଆର୍ଥିକ ବିବାଦ, ଜୀବନଶୈଳୀ ଏବଂ ବ୍ୟକ୍ତିଗତ ପସନ୍ଦ, ଯୌଥ ପରିବାରରୁ ହସ୍ତକ୍ଷେପ, ସ୍ୱାସ୍ଥ୍ୟ ଏବଂ ଯତ୍ନ ନେବା ଚାପ ସାଂସ୍କୃତିକ କିମ୍ବା ପିଢ଼ିଗତ ପାର୍ଥକ୍ୟ ଆଦି ଭିନ୍ନ ଭିନ୍ନ କାରଣ। ପ୍ରକୃତ କାରଣକୁ ବୁଝିବା ଏବଂ ଛୋଟ ଛୋଟ ସମସ୍ୟା ଉପରେ ଯୁକ୍ତିକୁ ଏଡ଼ାଇବା ସହିତ ସମାଧାନ ଉପରେ ଧ୍ୟାନ ଦେବା ଜରୁରୀ। ସହାନୁଭୂତି ଏବଂ ବୁଝାମଣା ସହିତ କ୍ରୋଧପୂର୍ଣ୍ଣ ଯୁକ୍ତିତର୍କ ସମୟରେ ନିଜକୁ ଦୂରେଇ ରଖନ୍ତୁ ଓ ପିତାମାତା ସ୍ୱାମୀ, ସ୍ତ୍ରୀ, ଭାଇ ଭଉଣୀ, ଭାଇ ଭାଇଙ୍କ ସହିତ ସୁସମ୍ପର୍କ ରଖି ଖୁସିରେ ରହିବାର କଳାକୁ ଅକ୍ତିଆର କଲେ ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ
ଚହଟା ନଗର, ଲେନ୍-୬, କଟକ-୧୪
ମୋବାଇଲ୍:୭୦୦୮୪୭୮୯୮୬

# ମଧ୍ୟପ୍ରାଚ୍ୟ ସଙ୍କଟ ଓ ବୈଶ୍ୱିକ ସାର ସମସ୍ୟା



ଡାକ୍ତର ରାଜକିଶୋର ପଣ୍ଡା

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲମ୍ବା ଚାଲିବା ସହିତ ଏହାର ସମ୍ଭାବନା ମଧ୍ୟ ବଢ଼ିଯାଉଛି କି, ସମଗ୍ର ବିଶ୍ୱର ଜନସାଧାରଣ ଖାଦ୍ୟ-ପଦାର୍ଥ ପାଇଁ ଅଧିକ ମୂଲ୍ୟ ଦେବାକୁ ବାଧ୍ୟ ହେବେ। ପାରସ୍ୟ ବା ମଧ୍ୟପ୍ରାଚ୍ୟ ଅଞ୍ଚଳ କୃଷିରେ ଆବଶ୍ୟକ ପଡୁଥିବା ସାରର ଉତ୍ପାଦନ ପାଇଁ ସମୃଦ୍ଧ। ଯଦିଓ ତୈଳ ଓ ଗ୍ୟାସ୍‌ର ବହୁଳତା ସକାଶେ ଏହି ଅଞ୍ଚଳ ଜନମାନସରେ ସୁବିଦିତ, ଏହା ମଧ୍ୟ ସତ୍ୟ ଯେ ଶକ୍ତିର ସୁଲଭତା ହେତୁ ହିଁ ଏଠାରେ ବିଭିନ୍ନ୍ ସାରର ପ୍ରସ୍ତୁତିରେ ଆବଶ୍ୟକ ପଡୁଥିବା କଞ୍ଚାମାଲର ଉତ୍ପାଦନ ନିମନ୍ତେ ଅନେକଗୁଡ଼ିଏ କଳକାରଖାନା ଗଢ଼ିଉଠିଛି, ବିଶେଷତଃ ନାଇଟ୍ରୋଜେନ୍ (ଯବକ୍ଷାରଜାନ) ସାର। ନାଇଟ୍ରୋଜେନ ଆଧାରିତ ସାର ଫସଲ ପାଇଁ ନିତାନ୍ତ ଅବଶ୍ୟକ ହୋଇଥାଏ। ଏହାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ହେଉଛି "ୟୁରିଆ"। ବର୍ତ୍ତମାନ ପାଇଁ ମଧ୍ୟପ୍ରାଚ୍ୟରେ ଅଧିକାଂଶ ସାର କାରଖାନାରେ ଉତ୍ପାଦନ ଯଦିଓ ସୁଚାରୁ ଭାବରେ ହେଉଅଛି, ରପ୍ତାନୀ କାର୍ଯ୍ୟରେ କିନ୍ତୁ ବାଧା ସୃଷ୍ଟି ହେଉଛି। ଏହାର କାରଣ ହୋରମୁଜ୍ ଜଳପଥର ଅବରୋଧ। ଏହି ସ୍ଥିତି ବଜାୟ ରହିଲେ ୟୁରିଆ ସହିତ ସାର ନିର୍ମାଣରେ ବ୍ୟବହୃତ ହେଉଥିବା କଞ୍ଚାମାଲର ମଧ୍ୟ ମୂଲ୍ୟବୃଦ୍ଧି ଘଟିବ। ଫଳରେ ସମଗ୍ର ବିଶ୍ୱରେ ଖାଦ୍ୟଶସ୍ୟର ଉତ୍ପାଦନରେ ମଧ୍ୟ ବ୍ୟାପକ ହ୍ରାସ ଘଟିବ। ଏହା ଉପରେ ନିଜର ମତବ୍ୟକ୍ତ କରି ଏହାକୁ "ଦୁର୍ଭାଗ୍ୟଜନକ" ବୋଲି କହିଛନ୍ତି, ଲଣ୍ଡନରେ ଥିବା ଗବେଷଣା ସଂସ୍ଥା "ସି.ଆର.ୟୁ"ର ଉପସଭାପତି "କ୍ରିସ ଲସନ୍"। ସେ ଆହୁରି ମଧ୍ୟ କହିଛନ୍ତି କି, ସାରା ବିଶ୍ୱ ମଧ୍ୟପ୍ରାଚ୍ୟର ସାର ଓ ଏହାର ନିର୍ମାଣରେ ଦରକାର ହେଉଥିବା କଞ୍ଚାମାଲ ଉପରେ ବ୍ୟାପକ ଭାବରେ ନିର୍ଭରଶୀଳ।

ଚାରିବର୍ଷ ତଳେ ରୁଷିଆ-ୟୁକ୍ରେନ ଯୁଦ୍ଧ ସମୟରେ ମଧ୍ୟ ସମଗ୍ର ବିଶ୍ୱ, କୃଷି ଓ ଖାଦ୍ୟଦ୍ରବ୍ୟକୁ ନେଇ ଏହିପରି ଗୋଟିଏ ଶିକ୍ଷା ପାଇଥିଲା। ଉଭୟ ଗହମର ଦୁଇ ବୃହତ୍ ରପ୍ତାନୀକାରୀ ଦେଶ ହୋଇଥିବାରୁ, ଆଫ୍ରିକାଠାରୁ ଆରମ୍ଭ କରି ଏସିଆ ପର୍ଯ୍ୟନ୍ତ ରୁଟିର ଅଭାବ ଦେଖାଗଲା। ସେହିପରି ରୁଷିଆ ଓ ୟୁକ୍ରେନ୍ ସାର ମଧ୍ୟ ପ୍ରଚୁର ପରିମାଣରେ ଉତ୍ପାଦନ କରିଥାନ୍ତି। ଯୁଦ୍ଧ ଯୋଗୁଁ ସାରର ଅଭାବ ଦେଖାଗଲା ଏବଂ ଚାଷୀମାନେ ଏହାର ବ୍ୟବହାର ସୀମିତ ପରିମାଣରେ କରିବାରୁ ଫସଲ ଅମଳରେ ମଧ୍ୟ ହ୍ରାସ ଘଟିଲା। ସାରକୁ ମୁଖ୍ୟତଃ ଆମେ ତିନିଭାଗରେ ବିଭକ୍ତ କରିପାରିବା। ସେଗୁଡ଼ିକ ହେଉଛନ୍ତି 'ନାଇଟ୍ରୋଜେନ', 'ଫସ୍‌ଫରସ୍' ଏବଂ 'ପୋଟାସିୟମ' ଆଧାରିତ। ପାଞ୍ଚ ପ୍ରମୁଖ ସାର ଉତ୍ପାଦନକାରୀ ଦେଶ ଯେଉଁମାନେ "ହୋରମୁଜ୍" ପଥକୁ ବ୍ୟବହାର କରନ୍ତି, ସେମାନେ ହେଉଛନ୍ତି ଇରାନ୍, ସାଉଦି ଆରବ, କାତାର, ବାହାରିନ, ୟୁଏଇ। ସମ୍ମିଳିତ ଭାବେ ଉପରୋକ୍ତ ପାଞ୍ଚଟି ଦେଶ ବିଶ୍ୱର ଏକ-ତୃତୀୟାଂଶରୁ ଅଧିକ ୟୁରିଆ, ଏକ-ଚତୁର୍ଥାଂଶ ଆମୋନିଆ ଏବଂ ଏକ-ପଞ୍ଚମାଂଶ ଫସ୍‌ଫେଟ୍ ଆଧାରିତ ସାର ପ୍ରସ୍ତୁତ କରିଥାନ୍ତି ବୋଲି ଲଣ୍ଡନସ୍ଥିତ ଇଣ୍ଟରନ୍ୟାସନାଲ ଫର୍ଟିଲାଇଜର୍ ଆସୋସିଏସନ୍‌ର ରିପୋର୍ଟରୁ ଜଣାପଡ଼ିଛି। ୟୁରିଆର ଏକ ପ୍ରମୁଖ ପ୍ରସ୍ତୁତକର୍ତ୍ତା କମ୍ପାନୀ "କାତାର ଏନର୍ଜି" ମଧ୍ୟ ପ୍ରାକୃତିକ ଗ୍ୟାସ (ଏଲ.ଏନ.ଜି)ର ଅଭାବରୁ ଉତ୍ପାଦନ ସ୍ଥଗିତ ରଖିଛି। ଆନ୍ତର୍ଜାତିକ ରାଜନୀତିର ବିଶେଷଜ୍ଞମାନେ ମତ ପ୍ରକାଶ କରି କହିଛନ୍ତି କି, ସାର ପାଇଁ ଅଳ୍ପ କେତୋଟି ମଧ୍ୟପ୍ରାଚୀୟ ଦେଶ ଉପରେ ନିର୍ଭର କରିବା ହେତୁ ହିଁ ସମଗ୍ର ବିଶ୍ୱରେ ଆଜି ଏହି ସମସ୍ୟା ସୃଷ୍ଟି ହୋଇଛି। ମୋଟ ଉପରେ କହିଲେ, କୌଣସି ଗୋଟିଏ ଦ୍ରବ୍ୟ ସକାଶେ ନିର୍ଦ୍ଦିଷ୍ଟ ଗୋଟିଏ ଅଞ୍ଚଳ ଉପରେ ସଦାସର୍ବଦା ନିର୍ଭରଶୀଳ ରହିଲେ, ଏହାର ପରିଣତି କେତେ ଭୟଙ୍କର ହୁଏ, ଆଜି ଏହି ଶିକ୍ଷା ମଧ୍ୟପ୍ରାଚ୍ୟ ସଙ୍କଟ ସମଗ୍ର ବିଶ୍ୱକୁ ଦେଇଛି। ଗଲଫ୍ ଦେଶ ଉପରେ ତୈଳ ଓ ଗ୍ୟାସ ପାଇଁ ସଦାବେଳେ ନିର୍ଭର ନକରି ଅକ୍ଷୟ ଶକ୍ତି (ସୂର୍ଯ୍ୟ, ପବନ)ର ବିନିଯୋଗ କରିବା ପାଇଁ ମଧ୍ୟ ବିଭିନ୍ନ ଦେଶ ଉଦ୍ୟମ ଆରମ୍ଭ କଲେଣି।

ସାର ସମସ୍ୟା ଉପରେ ମତ ଦେଇ ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଗବେଷକ ରାଜ୍ ପଟେଲ୍ କହିଛନ୍ତି, ଭାରତ ହୋରମୁଜ୍ ଦେଇ ଆସୁଥିବା ସାର ଉପରେ ନିଜର ନିର୍ଭରଶୀଳତା କମ୍ କରୁ। ନିକଟ ଅତୀତରେ ଭାରତ ଓ ବ୍ରାଜିଲ୍ ସ୍ୱ ସ୍ୱ ଦେଶର କୃଷକମାନଙ୍କୁ ଦେଶୀୟ ବା ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ସାରର ବହୁଳ



ବ୍ୟବହାର କରିବା ନିମନ୍ତେ ପ୍ରୋତ୍ସାହନ ଦେଉଛନ୍ତି। ଏହାକୁ ପଟେଲ୍ ପ୍ରଶଂସା କରିବା ସହିତ ମଧ୍ୟପ୍ରାଚ୍ୟ ଉପରେ ନିର୍ଭରଶୀଳତା କମାଇବା ପାଇଁ ଏକ ଭଲ ଉପାୟ ବୋଲି ମଧ୍ୟ କହିଛନ୍ତି। ଏହି ଲେଖକର ମତରେ କିନ୍ତୁ ଏହି ସମାଧାନ ପଦ୍ଧତି ଦୀର୍ଘକାଳୀନ ହୋଇପାରେ, ବର୍ତ୍ତମାନ ସମୟ ପାଇଁ ସମ୍ଭବ ନୁହେଁ।

ଅନ୍ୟତମ ପ୍ରମୁଖ ସାର ରପ୍ତାନୀକର୍ତ୍ତା ଦେଶ ଭାବେ ପରିଚିତ ଚାଇନା ମଧ୍ୟ ବର୍ତ୍ତମାନର ଅଶାନ୍ତ ଭୂରାଜନୀତିରୁ ନିଜ କୃଷକମାନଙ୍କୁ ରକ୍ଷା କରିବା ପାଇଁ ନିକଟରେ ସାରର ରପ୍ତାନୀ ଉପରେ କଟକଣା ଲଗାଇଛି। ଏ ମଧ୍ୟରେ ଇଜିପ୍ଟରେ ୟୁରିଆ ଟନ୍ ପିଛା ୪୮୫ ଡଲାରରୁ ୬୬୫ ଡଲାରକୁ ବୃଦ୍ଧି ପାଇଛି, ଯାହାକି ପାଖାପାଖି ସଇଁତିରିଶ ପ୍ରତିଶତ।

ସାରର ମୂଲ୍ୟ ବୃଦ୍ଧି ହେତୁ ଅଧିକାଂଶ ଆଫ୍ରିକୀୟ ଓ ଏସୀୟ ଦେଶ ଖାଦ୍ୟଦ୍ରବ୍ୟ ଉପରେ ସବ୍‌ସିଡି ଦେବାପାଇଁ ବାଧ୍ୟ ହେବେ, ଯାହା ଫଳରେ ସମ୍ପୃକ୍ତ ଦେଶଗୁଡ଼ିକର ଆର୍ଥିକ ପରିସ୍ଥିତି ଦୁର୍ବଳ ହୋଇପଡ଼ିବ।

ଆନ୍ତର୍ଜାତିକ ବଜାରରେ ସାରର କିଣାବିକା ମୁଖ୍ୟତଃ ଡଲାର ମାଧ୍ୟମରେ ହୋଇଥାଏ। ତେଣୁ ମୂଲ୍ୟବୃଦ୍ଧି ହେଲେ ଡଲାର ଶକ୍ତିଶାଳୀ ହେବ ଓ ଅନ୍ୟାନ୍ୟ ଦେଶର ମୁଦ୍ରା ଦୁର୍ବଳ ହୋଇପଡ଼ିବ। ସେହିପରି ସାରର ମୂଲ୍ୟବୃଦ୍ଧି ହେଲେ ଖାଦ୍ୟ-ପଦାର୍ଥର ମଧ୍ୟ ମୂଲ୍ୟବୃଦ୍ଧି ଘଟିବ, ଯାହା ଫଳରେ ବିଭିନ୍ନ ଗରିବ ଦେଶମାନଙ୍କରେ ଅପପୁଷ୍ଟି (ଗବକ୍ଷଭଙ୍ଗଗ୍ବକ୍ସସଗ୍ବସକ୍ଟଭ) ର ପ୍ରାବଲ୍ୟ ଦେଖାଯିବ।

ଅନ୍ୟ ଗୋଟିଏ ଧ୍ୟାନ ଦେବା ଭଳି ଦ୍ରବ୍ୟ ହେଉଛି "ସଲଫର"। ଏହା ତୈଳ ବିଶୋଧନ ପ୍ରକ୍ରିୟାର ଏକ ଉପଜାତ ଦ୍ରବ୍ୟ। ବିଶ୍ୱର ଅଧା ସଲଫର ବର୍ତ୍ତମାନ ହୋରମୁଜ୍‌ରେ ଅଟକି ରହିଛି। ଏହାର ଏକ-ତୃତୀୟାଂଶ ଚାଇନା ପାଇଁ ଉଦ୍ଦିଷ୍ଟ ଯେଉଁଠାରେ ଫସଫେଟ ସାର ପ୍ରସ୍ତୁତ କରାଯାଇଥାଏ। ଇଣ୍ଡୋନେସିଆକୁ ମଧ୍ୟ ଏହି ସଲଫର୍ ଯାଇଥାଏ, ଯାହାଦ୍ୱାରା ସେଠାରେ 'ନିକେଲ' ପ୍ରସ୍ତୁତ କରାଯାଇଥାଏ। ଉପରୋକ୍ତ ସମସ୍ତ ପ୍ରକ୍ରିୟା ବର୍ତ୍ତମାନ ବାଧାପ୍ରାପ୍ତ ହେବାକୁ ଯାଉଛି।

ବର୍ତ୍ତମାନ ଏହି ସାର ସନ୍ଦର୍ଭରେ ଭାରତ କଥା ଆଲୋଚନା କରିବା। ଭାରତ ମଧ୍ୟ ଆଗାମୀ ସମୟରେ ଏହି ସମସ୍ୟାଦ୍ୱାରା ପୀଡ଼ିତ ହେବା ପାଇଁ ଯାଉଛି, କାରଣ ଦେଶର ପାଖାପାଖି ଚାଳିଶ ପ୍ରତିଶତ ୟୁରିଆ ଓ ଫସଫେଟ ସାର ମଧ୍ୟପ୍ରାଚ୍ୟରୁ ଅଣାଯାଉଛି। ଭାରତରେ ପ୍ରାକୃତିକ ଗ୍ୟାସ (ଏଲ.ଏନ.ଜି) ମୁଖ୍ୟତଃ ଆମୋନିଆ ପ୍ରସ୍ତୁତିରେ ବ୍ୟବହୃତ ହୋଇଥାଏ। ପରେ ଏହି ଆମୋନିଆ, ବିଭିନ୍ନ ପ୍ରକାରର ସାରର ଉତ୍ପାଦନରେ ଲାଗିଥାଏ। ଆର୍ଥିକ ବର୍ଷ ୨୦୨୫-୨୬ ରେ ଭାରତକୁ ଆସିଥିବା ଏଲ.ଏନ.ଜି ର ପ୍ରାୟ ତିରିଶ ପ୍ରତିଶତ ସାର ଉତ୍ପାଦନରେ ଲାଗିଛି।

ଆମ ଦେଶରେ ସବୁଠାରୁ ବେଶି ବ୍ୟବହୃତ ହେଉଥିବା ସାର ହେଉଛି "ୟୁରିଆ" ଓ ଏହାର ପ୍ରସ୍ତୁତିରେ ପ୍ରମୁଖ କଞ୍ଚାମାଲ ହେଉଛି ଏଲ.ଏନ.ଜି। ଚିରାଚରିତ ଭାବରେ ଆଗରୁ ଦେଶର ପ୍ରାୟ ୟୁରିଆ କାରଖାନାରେ "ନାପଥା"କୁ ହିଁ କଞ୍ଚାମାଲ ରୂପେ ବ୍ୟବହାର କରାଯାଉଥିଲା। ଏହାଦ୍ୱାରା କିନ୍ତୁ ପ୍ରଦୂଷଣ ହେବାରୁ ଏବେ ମୁଖ୍ୟତଃ ଏଲ.ଏନ.ଜି ର ବ୍ୟବହାର କରାଯାଉଛି। ୨୦୨୫ରେ ଦେଶରେ ୩୮୭ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆର ଉପଯୋଗ ହୋଇଥିଲା, ଯେବେ କି ସେହି ସମୟରେ ଦେଶରେ ଉତ୍ପାଦିତ ହୋଇଥିବା ୟୁରିଆର ପରିମାଣ ଥିଲା ୩୦୬ ଲକ୍ଷ ମେଟ୍ରିକ୍ ଟନ୍। ତେଣୁ ଆବଶ୍ୟକତା ଅଧିକ ଥିବାରୁ ଭାରତକୁ ୟୁରିଆର ଆମଦାନୀ କରିବା ପାଇଁ ପଡୁଛି। ମଧ୍ୟପ୍ରାଚ୍ୟ ସଂଘର୍ଷ ଯୋଗୁଁ ଭାରତରେ ୟୁରିଆର ଉତ୍ପାଦନ ଯୋଗାଣ ଓ ଆମଦାନୀ ଏସବୁ ବାଧାପ୍ରାପ୍ତ ହେଉଛି। ୨୦୨୫ରେ ଭାରତର ୟୁରିଆ ଆମଦାନୀ ୨, ୩୦୦ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଥିଲା, ଏହାର ସତୁରୀ ପ୍ରତିଶତରୁ ଅଧିକ ଆସିଥିଲା କେବଳ ଆରବ ଦେଶମାନଙ୍କରୁ। ଏଥିରୁ ପଇଁଚାଳିଶ ପ୍ରତିଶତ ଆସିଥିଲା ଓମାନରୁ ଏବଂ ଛବିଶ ପ୍ରତିଶତ ଅସିଥିଲା ସାଉଦି ଆରବ, କାତାର ଓ ୟୁଏଇରୁ ହୋରମୁଜ୍ ଦେଇ।

ତେଣୁ ପରିସ୍ଥିତିର ଗୁରୁତ୍ୱ ବୁଝି ଭାରତ ସରକାର ପ୍ରାକୃତିକ ଗ୍ୟାସ (ଯୋଗାଣ ନିୟନ୍ତ୍ରଣ) ବିଲ୍ ୨୦୨୬ ଲାଗୁ କରିଛନ୍ତି ଓ ଏଥିରେ ସାର କ୍ଷେତ୍ରକୁ ପ୍ରାଧାନ୍ୟ ଦେଇଛନ୍ତି। ଏ ମଧ୍ୟରେ ମାର୍ଚ୍ଚ ଦଶ ତାରିଖରେ ସରକାର ବିବୃତ୍ତି ଦେଇଛନ୍ତି କି, ଦେଶରେ ଗଚ୍ଛିତ ଥିବା ୟୁରିଆର ପରିମାଣ ୬୧.୫୧ ଲକ୍ଷରେ ପହଞ୍ଚିଛି, ଯାହାକି ବିଗତ ବର୍ଷ ଅପେକ୍ଷା ଦଶଲକ୍ଷ ଅଧିକ। ଆଗାମୀ ଖରିଫ୍ ଋତୁ ପାଇଁ ଏହା ଏକ ଭଲ ଖବର।

ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋବାଇଲ:୮୧୪୪୦୪୨୯୯୭

# ତ୍ୟାଗ, ମର୍ଯ୍ୟାଦା, ନୀତି ଆଦର୍ଶର ପ୍ରଭୁ ଶ୍ରୀରାମ



ଆଶୁତୋଷ ନାୟକ

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ। ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମରମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା।

ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା। ଏଥିରେ ହିଂସାର କୌଣସି ସ୍ଥାନ ନାହିଁ। ବସୁଧୈବ କୁଟମ୍ବକମ ନୀତି ଉପରେ ହିନ୍ଦୁ ସନାତନ ଧର୍ମ ପର୍ଯ୍ୟବେଶିତ। ସବୁ ଧର୍ମକୁ ସମ୍ମାନ ଏହାର ମୁଖ୍ୟ ଲକ୍ଷ୍ୟ। ସନାତନ ଧର୍ମ ଯେ ସର୍ବଶ୍ରେଷ୍ଠ ଏହା ଭଗବାନଙ୍କ ମୁଖନିସୃତ ବାଣୀ ଅତିପବିତ୍ର ଗ୍ରନ୍ଥ ଭଗବତଗୀତା ରେ ଏହାର ଯଥେଷ୍ଟ ପ୍ରମାଣ ରହିଛି। ମନୁଷ୍ୟର ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ତ ସମସ୍ୟାର ସରଳ ସମାଧାନ ଏହି ପବିତ୍ର ଧର୍ମଗ୍ରନ୍ଥ ଭଗବତଗୀତାରେ ବର୍ଣ୍ଣିତ।

ସେଥିପାଇ କୁହାଯାଇଛି-ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ। ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ। ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ। ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡଯନ୍ତ୍ରର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ। ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର। ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ। ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ। ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ। ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ। ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ। ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ। ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ। ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ ଧର୍ମ ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି। ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡ଼ିଥିଲା। ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ। ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ। ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି। କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି। ସମସ୍ତେ ସେହି ଗୋଟିଏ ମହାନ ଉଦ୍ଦେଶ୍ୟରେ ଅଭିପ୍ରେତ ହୋଇଛନ୍ତି ଓ ସମସ୍ତେ ସେହି ଗୋଟିଏ ସାର୍ବଜନୀନ ବାଣୀ ଶୁଣାଇଛନ୍ତି। ତାହା ହେଉଛି ମାନବ ସମାଜର କଲ୍ୟାଣ ସାଧନା ବୌଦ୍ଧଧର୍ମର ପ୍ରବକ୍ତା ମହାପୁରୁଷ ଗୌତମ ବୁଦ୍ଧ ଧର୍ମନିରପକ୍ଷତାର ପ୍ରଥମ ପ୍ରବକ୍ତା। ମୋଗଲ ସମ୍ରାଟ ଆକବର ନିଜର ଉଦାରତା ଓ ନିରକ୍ଷେପତା ବଳରେ ହିନ୍ଦୁ- ମୁସଲମାନ ଉଭୟଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ। ସେ ସର୍ବଧର୍ମର ସାରମର୍ମକୁ ସଂଗ୍ରହ କରି ଦିନ -ଇ -ଇଲାହି ନାମକ ଏକ ସମନ୍ୱିତ ଧର୍ମର ପ୍ରଚାର କରିଥିଲେ। ଏପରିକି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ଏହାର ଅର୍ଥ ସବୁ ଧର୍ମକୁ ପରିତ୍ୟାଗ କରି ମୋର ଶରଣ ନିଅ ; ସୁତରାଂ ଧର୍ମନିରପେକ୍ଷତା ହେଉଛି ପୁଣ୍ୟଭୂମି ଭାରତର ମର୍ମବାଣୀ। ସର୍ବପୁରାତନ ସର୍ବଶ୍ରେଷ୍ଠ ସନାତନ ଧର୍ମର ଉତପତ୍ତି ସୃଷ୍ଟିର ଆରମ୍ଭରୁ ରହିଛି ଏବଂ ମାନବସଭ୍ୟତା ରହିଥିବା ଯାଏଁ ଏହାର ଅସ୍ତିତ୍ୱ ରହିଥିବ। କ୍ଷମତାପିପାସୁ ରାଜନେତା, ବିଧର୍ମୀ ବ୍ୟକ୍ତିବିଶେଷ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ସନାତନ ହିନ୍ଦୁ ଧର୍ମ ବିରୋଧରେ କରାଯାଉଥିବା ଷଡଯନ୍ତ୍ର ସେମାନଙ୍କୁ ରସାତଳଗାମୀ କରିଦେବ ଏବଂ ଭବିଷ୍ୟତ ରେ ସେମାନଙ୍କ ଅସ୍ତିତ୍ୱର ବିଲୁପ୍ତ ଘଟିବ। ଏଥିରେ ସନ୍ଦେହର କୋଣସି ଅବକାଶ ନାହିଁ ଏ ବିଶ୍ୱବ୍ରହ୍ମାଣ୍ଡରେ କୋଣସି ଶକ୍ତି ନାହିଁ ଯାହାକି ହିନ୍ଦୁ ସନାତନ ଧର୍ମର ମୂଳପ୍ରାଟନ କରିଦେବ। ଏକବିଂଶ ଶତାବ୍ଦୀର ମଣିଷ ଜାତି, ଧର୍ମ ଓ ସଂପ୍ରଦାୟ ନାମରେ ହତ୍ୟା, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଚୋରି, ଡକାୟତି କରିବାକୁ ପଛଘୁଞ୍ଚା ଦେଉନାହିଁ। ଏତାଦୃଶ କାର୍ଯ୍ୟ ଦ୍ୱାରା କୋଣସି ରାଷ୍ଟ୍ର ର ଉନ୍ନତି ଅସମ୍ଭବ। ଏ କଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ଯେ ଆମ ସମସ୍ତଙ୍କର ଗୋଟିଏ ଜାତି ତାହା ହେଉଛି ମାନବ ଜାତି ଏବଂ ସମସ୍ତ ଙ୍କର ଗୋଟିଏ ଧର୍ମ ତାହା ହେଉଛି ମାନବ ଧର୍ମ। ପଣ୍ଡିତ ବିଷ୍ଣୁ ଶର୍ମା କହିଥିଲେ, ବସୁଧୈବ କୁଟୁମ୍ବକମ୍ ଅର୍ଥାତ ସମଗ୍ର ବସୁଧା ହେଉଛି ଗୋଟିଏ କୁଟୁମ୍ବ। ଏହି ମହାନ ବାଣୀକୁ ଆମେ ଭାରତୀୟ ମାନେ ମନ୍ତ୍ର ଭଳି ଗ୍ରହଣ କରିନେଲେ ବହୁ ସମସ୍ୟାର ସମାଧାନ ସହଜରେ ହୋଇପାରିବ।



ରାମାୟଣ ପୁରାଣରେ ଆମ ଜୀବନ ସହିତ ଆଧାରିତ ବିଷୟବସ୍ତୁ ଦେଖିବାକୁ ମିଳେ। ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ। ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ। ସେହିପରି ମନୁଷ୍ୟ ଜୀବନରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ୍ୟ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ। ଭଗବାନ ଶ୍ରୀରାମ ସତ୍ୟ, ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ। ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପ୍ରଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା। ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡ଼ିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ। ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିର୍ଣ୍ଣିତ ଭାବେ ପ୍ରେରଣାଦାୟୀ। ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡ଼ିବ। ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ। ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ। ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ, ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ। ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡ଼ିରହିଥିବା ଅହଂକାରୀ ଦାନବ ରାବଣଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ। ଏକବିଂଶ ଶତାବ୍ଦୀର ରାଜନେତା ନିଜର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଶତ୍ରୁ ନଭାବି କାଦୁଅଫିଙ୍ଗା ରାଜନୀତିରୁ ନିବୃତ୍ତ ରହି ପରସ୍ପର ମିଳିତ ସହଯୋଗ ଓ ବୁଝାମଣାରେ ଆମ ରାଷ୍ଟ୍ରର ଉନ୍ନତି ପାଇଁ ସବୁ ପ୍ରକାର ଉଦ୍ୟମ କରିବା ଆବଶ୍ୟକ। ଏହିପରି ହୋଇପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ।

ଗୋପାଳପୁର, ବାଲେଶ୍ୱର
ମୋବାଇଲ:୭୦୨୦୭୬୧୧୩୦୦

# ଖାର୍ଗ ଦ୍ୱୀପରେ ଆକ୍ରମଣ
# ଆମେରିକା ବର୍ଷା କଲା ମିସାଇଲ



ତେହରାନ୍,୭।୪: ଖାର୍ଗ ଦ୍ୱୀପରେ ଆରମ୍ଭ ହୋଇଛି ଜୋରଦାର ଆକ୍ରମଣ। ଇରାନର ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପରେ ଇସ୍ରାଏଲ ଓ ଆମେରିକା ପକ୍ଷରୁ ଭୟଙ୍କର ମିସାଇଲ୍ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଏଠାରେ ଗୋଟିଏ ପରେ ଗୋଟିଏ ମିସାଇଲ ଆକ୍ରମଣ ହୋଇଥିବା ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ରିପୋର୍ଟ ଅନୁସାରେ, ଇରାନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ତଥା ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଖାର୍ଗରେ ଆକ୍ରମଣ କରାଯାଇଛି । ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବେ ଏହାକୁ ଟାର୍ଗେଟ୍ କରିଥିବା କୁହାଯାଉଛି। ଫଳରେ ସାରା ବିଶ୍ୱରେ ତୈଳ କାରବାର ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ଏଠାରୁ ଇରାନ ନିଜର ତୈଳ ରପ୍ତାନୀ କରିଥାଏ।

ଗତ ସପ୍ତାହରେ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରି ଟ୍ରମ୍ପ କହିଥିଲେ ଯେ, 'ଇରାନରେ ଆମର ସାମରିକ ଅଭିଯାନ ବନ୍ଦ କରିବା ପାଇଁ ଆମେରିକା ଏକ ନୂତନ ଏବଂ ଅଧିକ ବୁଦ୍ଧିମାନ ଶାସକଙ୍କ ସହିତ ଆଲୋଚନା କରୁଛି। ଆଲୋଚନା ଯଥେଷ୍ଟ ଅଗ୍ରଗତି ହୋଇଛି । କିନ୍ତୁ ଯଦି କୌଣସି କାରଣରୁ, ଶୀଘ୍ର ଏକ ଚୁକ୍ତିନାମା ନହୁଏ ଏବଂ ହର୍ମୁଜ୍ ପ୍ରଣାଳୀ ତୁରନ୍ତ ଖୋଲା ନଯାଏ, ତେବେ ଆମେ ଇରାନରେ ଶକ୍ତି କେନ୍ଦ୍ର, ତୈଳ କୂପ, ଖାର୍ଗ ଦ୍ୱୀପ ଧ୍ୱଂସ କରିଦେବୁ'। ଯୁଦ୍ଧ ଆରମ୍ଭ ହେବାର କିଛି ଦିନ ପରେ ଆମେରିକା ଇରାନର ଖାର୍ଗ ଦ୍ୱୀପର ନିକଟବର୍ତ୍ତୀ ଅଞ୍ଚଳରେ ବୋମା ମାଡ଼ କରିଥିଲା । ଖାର୍ଗ ଦ୍ୱୀପ ଆଖପାଖରେ ଥିବା ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରିଥିଲା ଆମେରିକା। ଖାର୍ଗ ଦ୍ୱୀପ ଇରାନ ଏବଂ ଏହାର ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇରାନର ତୈଳ ବାଣିଜ୍ୟର ୯୦ ପ୍ରତିଶତ ଖାର୍ଗ ଦ୍ୱୀପରୁ ହୋଇଥାଏ। ଇରାନର ସର୍ବବୃହତ୍ତମ ତୈଳ ରପ୍ତାନୀ କେନ୍ଦ୍ର ଖାର୍ଗ ଦ୍ୱୀପରେ ଅବସ୍ଥିତ।



## ଟ୍ରମ୍ପଙ୍କ ଧମକର ଜବାବ ଦେଲେ ଇରାନ ରାଷ୍ଟ୍ରପତି
# ଜାତୀୟ ସମ୍ପତ୍ତିର ସୁରକ୍ଷା ପାଇଁ 'ମାନବ ଢାଲ'

ତେହରାନ,୭।୪: ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଏପରି ଏକ ସ୍ଥାନରେ ପହଞ୍ଚିଛି ଯେ ଯେଉଁଠାରୁ ଫେରିବାର ବାଟ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଇରାନକୁ ଦିଆଯାଇଥିବା 'ମଧ୍ୟରାତ୍ରି ଅଲ୍ଟିମେଟମ୍'ର ଡେଡଲାଇନ୍ ପାଖେଇ ଆସୁଥିବାରୁ, ତେହେରାନ ଏକ ଅତ୍ୟନ୍ତ ଆକ୍ରମଣାତ୍ମକ ମନୋଭାବ ଗ୍ରହଣ କରିଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ୍ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଦେଶର ନାଗରିକମାନେ ଯେକୌଣସି ବିଦେଶୀ ଆକ୍ରମଣ ବିରୋଧରେ ନିଜ ଜୀବନକୁ ବାଜି ଲଗାଇବାକୁ ପଛଘୁଞ୍ଚା ଦେବେ ନାହିଁ। ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏକ ପୋଷ୍ଟରେ ବିଶ୍ୱ ସମ୍ପ୍ରଦାୟ ଏବଂ ବିଶେଷକରି ଆମେରିକାକୁ ଏକ କଡ଼ା ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ୧୪୦ ଲକ୍ଷରୁ ଅଧିକ ଗର୍ବିତ ଇରାନୀ ନାଗରିକ ଦେଶକୁ ରକ୍ଷା କରିବା ପାଇଁ ନିଜ ଜୀବନ ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ପେଜେଶକିୟାନ୍ ଭାବପ୍ରବଣ ହୋଇ ଲେଖିଛନ୍ତି, ମୁଁ ନିଜେ ଇରାନ ପାଇଁ ନିଜ ଜୀବନ ଦେବାକୁ ପ୍ରସ୍ତୁତ ଥିଲି, ରହିଛି ଏବଂ ରହିବି ମଧ୍ୟ। ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ଇରାନକୁ ଆଲୋଚନା ଟେବୁଲକୁ ଆସିବାକୁ ନଚେତ୍ ଗମ୍ଭୀର ପରିଣାମର ସମ୍ମୁଖୀନ ହେବାକୁ ଚରମବାଣୀ ଦେଇଛନ୍ତି।

କଠୋର ସ୍ୱରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ରାତି ୮ଟା (ୱାଶିଂଟନ ସମୟ) ପର୍ଯ୍ୟନ୍ତ ଇରାନକୁ ସମୟ ଦେଇଛନ୍ତି। ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ ଯଦି ଇରାନ ଏହି ସମୟସୀମା ମଧ୍ୟରେ ହର୍ମୁଜ ପ୍ରଣାଳୀକୁ ପୁନଃ ଖୋଲିବାରେ ବିଫଳ ହୁଏ ଏବଂ ଏକ ଚୁକ୍ତିରେ ରାଜି ନ ହୁଏ, ତେବେ ଆମେରିକା ଇରାନର ପ୍ରତ୍ୟେକ ବିଦ୍ୟୁତ୍ ପ୍ଲାଣ୍ଟ ଏବଂ ସେତୁ ଉପରେ ବୋମା ମାଡ଼ କରିବ। ଟ୍ରମ୍ପ ହ୍ୱାଇଟ୍ ହାଉସ୍ ବ୍ରିଫିଂରେ କହିଥିଲେ, ଗୋଟିଏ ରାତିରେ ସମଗ୍ର ଦେଶ ଧ୍ୱଂସ ପାଇପାରେ, ଏବଂ ସେହି ରାତି ମଙ୍ଗଳବାର ହୋଇପାରେ। ସେ ଏହା ମଧ୍ୟ କହିଥିଲେ ଯେ, ଏହି ଆକ୍ରମଣ ପରେ, ଇରାନ ପ୍ରସ୍ତର ଯୁଗକୁ ଫେରିଯିବ। ଆମେରିକାର ବିମାନ ଆକ୍ରମଣର ଧମକର ଜବାବରେ ଇରାନ ଏକ ଅନନ୍ୟ ପ୍ରତିରକ୍ଷା ରଣନୀତି ଗ୍ରହଣ କରିଛି। ଇରାନର ଉପ-କ୍ରୀଡ଼ା ମନ୍ତ୍ରୀ, ଆଲିରେଜା ରହିମି, ଦେଶର କ୍ରୀଡ଼ାବିତ, କଳାକାର, ଛାତ୍ର ଏବଂ ଶିକ୍ଷକମାନଙ୍କୁ ପାୱାର ପ୍ଲାଣ୍ଟ ଚାରିପାଖରେ 'ମାନବ ଶୃଙ୍ଖଳ' ଗଠନ କରିବାକୁ ନିବେଦନ କରିଛନ୍ତି। ରହିମି ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ ଏହି ଗଛଗୁଡ଼ିକ ଜାତୀୟ ସମ୍ପତ୍ତି ଏବଂ ଏଗୁଡ଼ିକୁ ସୁରକ୍ଷା ଦେବା ନାଗରିକମାନଙ୍କର କର୍ତ୍ତବ୍ୟ। ଏହି ପଦକ୍ଷେପ ସ୍ପଷ୍ଟ ଭାବରେ ଆମେରିକାର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଏଗୁଡ଼ିକୁ ଚାରିପଟେ 'ମାନବ ଢାଲ' କରିବାକୁ ପ୍ରୟାସ ଜାରି ରହିଛି।

## ପାକିସ୍ତାନକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ଚେତାବନୀ
# ବେଙ୍ଗଲ ଉପରେ ଆଖି ପକାଇଲେ ମାନଚିତ୍ର ବଦଳିଯିବ



ନୂଆଦିଲ୍ଲୀ, ୭।୪: ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫଙ୍କ 'କୋଲକାତା ଉପରେ ଆକ୍ରମଣ'ର ଦିବାସ୍ୱପ୍ନକୁ ଧୂଳିସାତ କରି ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକ ଚେତାବନୀ ଦେଇଛନ୍ତି। ମଙ୍ଗଳବାର ପଶ୍ଚିମବଙ୍ଗରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ରାଜନାଥ ପାକିସ୍ତାନକୁ ୧୯୭୧ ମସିହାର ସେହି ଐତିହାସିକ ପରାଜୟର କଳା ଅଧ୍ୟାୟ ମନେ ପକାଇ ଦେଇଛନ୍ତି, ଯେଉଁଥିରେ ପାକିସ୍ତାନ ଦୁଇଖଣ୍ଡ ହୋଇ ବିଶ୍ୱ ମାନଚିତ୍ରରୁ ନିଜର ଏକ ବଡ଼ ଭୂଭାଗ ହରାଇଥିଲା। ପାକିସ୍ତାନୀ ମନ୍ତ୍ରୀଙ୍କ ଆସ୍ଫାଳନର ପ୍ରତିଉତ୍ତରରେ ରାଜନାଥ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଯଦି ସେମାନେ ପୁନର୍ବାର ବେଙ୍ଗଲ କିମ୍ବା ଭାରତର କୌଣସି ଅଂଶ ଉପରେ କୁଦୃଷ୍ଟି ପକାନ୍ତି, ତେବେ ଏଥର ପାକିସ୍ତାନ କେତେ ଭାଗରେ ବିଭକ୍ତ ହେବ, ତାହା କେବଳ ଭଗବାନ ହିଁ ଜାଣନ୍ତି।

ବର୍ତ୍ତମାନର ଅସ୍ଥିର ବିଶ୍ୱ ପରିସ୍ଥିତି ଏବଂ ଇରାନ ଯୁଦ୍ଧର ପରିପ୍ରେକ୍ଷୀରେ ପାକିସ୍ତାନ କୌଣସି ପ୍ରକାରର ହୀନ ପ୍ରୟାସ କରିପାରେ ବୋଲି ଭାରତ ସଜାଗ ରହିଛି। ରାଜନାଥ ସିଂହ ସାଂଘାତିକ ଚେତାବନୀ ଦେଇ କହିଛନ୍ତି ଯେ, ଶତ୍ରୁର ଯେକୌଣସି ଦୁଃସାହସର ଜବାବ ଅଦୃଶ୍ୟ, ଅଭୂତପୂର୍ବ ଏବଂ ଅତ୍ୟନ୍ତ ନିର୍ଣ୍ଣାୟକ ହେବ। ଏଥିସହ ସେ 'ଅପରେସନ ସିନ୍ଦୂର'ର ପ୍ରସଙ୍ଗ ଉଠାଇ ଶତ୍ରୁ ଶିବିରରେ କମ୍ପନ ସୃଷ୍ଟି କରିଛନ୍ତି। ଗତବର୍ଷ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଆରମ୍ଭ ହୋଇଥିବା ଏହି ସାମରିକ ଅଭିଯାନ ଏବେ ମଧ୍ୟ ଶେଷ ହୋଇନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ପ୍ରଚଣ୍ଡ ପ୍ରତିକ୍ରିୟା ପାକିସ୍ତାନର ଫମ୍ପା ଧମକକୁ ରୋକିବା ସହ ଦେଶର ସୀମା ଓ ସମ୍ମାନ ରକ୍ଷା ପାଇଁ ଭାରତର ସଂକଳ୍ପବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି।

# ବାଦ୍ ପଡ଼ିବେ ୯୧ ଲକ୍ଷ ଭୋଟର୍

## ଏସଆଇଆର ପ୍ରକ୍ରିୟାର ନ୍ୟାୟିକ ନିଷ୍ପତ୍ତି ଶେଷ



କୋଲକାତା,୭।୪: ବେଙ୍ଗଲରେ ବୁଲିଲା ଏସଆଇଆର ଖଣ୍ଡା। ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ସମାପ୍ତ ହୋଇଛି। ପ୍ରାୟ ୯୧ ଲକ୍ଷ ଭୋଟରଙ୍କ ନାମ ବାଦ ଦିଆଯିବାର ସମ୍ଭାବନା ବଢ଼ିଛି। ପଶ୍ଚିମବଙ୍ଗରେ ଭୋଟର ନାମ ବାଦ ଦେବା ପାଇଁ ଏସଆଇଆର ପ୍ରକ୍ରିୟା ସୋମବାର ମଧ୍ୟରାତ୍ରରେ ନ୍ୟାୟିକ ନିଷ୍ପତ୍ତି ପରେ ଶେଷ ହୋଇଛି। ନିର୍ବାଚନ କମିଶନଙ୍କ ଆକଳନ ଅନୁଯାୟୀ, ରାଜ୍ୟରେ ଭୋଟରଙ୍କ ସଂଖ୍ୟା ପ୍ରାୟ ୯.୧ ନିୟୁତରେ ପହଞ୍ଚିଛି। ତଥାପି, ଚୂଡ଼ାନ୍ତ ସଂଖ୍ୟା ପ୍ରକାଶିତ ହେବା ପରେ ଏହି ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇପାରେ, କାରଣ ନ୍ୟାୟିକ ଅଧିକାରୀଙ୍କ ଦ୍ୱାରା ଇ-ସ୍ୱାକ୍ଷର ପ୍ରକ୍ରିୟା ମାମଲା ଏପର୍ଯ୍ୟନ୍ତ ବିଚାରାଧୀନ ଅଛି।

ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତଥ୍ୟ ଅନୁଯାୟୀ, ନ୍ୟାୟିକ ବିଚାର ପାଇଁ ପଠାଯାଇଥିବା ମୋଟ ୬୦ ଲକ୍ଷ ମାମଲା ମଧ୍ୟରୁ ୫୯ ଲକ୍ଷ ମାମଲା ବିଚାର ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ପ୍ରକ୍ରିୟାକରଣ ଏବଂ ଇ-ସ୍ୱାକ୍ଷରିତ ହୋଇଛି। ପଶ୍ଚିମବଙ୍ଗରେ ବର୍ତ୍ତମାନ ଅପସାରିତ ହୋଇଥିବା ମୋଟ ଭୋଟରଙ୍କ ସଂଖ୍ୟା ୯,୦୮୩,୩୪୫। ଗତ ବର୍ଷ ନଭେମ୍ବରରେ ପଶ୍ଚିମବଙ୍ଗ ପାଇଁ ଏସଆଇଆର ବିଜ୍ଞପ୍ତି ଜାରି ହେବା ପୂର୍ବରୁ ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୭୬,୬୩୭ ,୫୨୯ ଥିଲା। ଗତ ବର୍ଷ ଡିସେମ୍ବରରେ ପ୍ରକାଶିତ ଡ୍ରାଫ୍ଟ ଭୋଟର ତାଲିକାରୁ ମୋଟ୫,୮୨୦,୮୯୯ ନାମକୁ ବାଦ ଦିଆଯାଇଥିଲା। ଫେବୃଆରୀ ୨୮ ତାରିଖରେ ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକାରେ, ଏହି ସଂଖ୍ୟା୬,୩୬୬,୯୫୨କୁ ବୃଦ୍ଧି ପାଇଥିଲା।

ନ୍ୟାୟିକ ଅଧିକାରୀମାନଙ୍କ ଦ୍ୱାରା ଇ-ସ୍ୱାକ୍ଷର ଲଗାଇବା ପ୍ରକ୍ରିୟା ଏପର୍ଯ୍ୟନ୍ତ ୨୨,୧୬୩ଟି ମାମଲା ବିଚାରାଧୀନ ଅଛି। ଏହା ସମାପ୍ତ ହେବା ପରେ, ବର୍ତ୍ତମାନର ଅପସାରଣ ସଂଖ୍ୟାରେ ଆହୁରି କିଛି ନାମ ଯୋଡ଼ା ଯାଇପାରେ। ତଥାପି, ଯେଉଁ ଭୋଟରଙ୍କ ନାମ ନ୍ୟାୟିକ ବିଚାର ପ୍ରକ୍ରିୟାରେ ଅପସାରଣ ହୋଇଥିବା ଜଣାପଡ଼ିଛି ସେମାନେ ଟ୍ରିବ୍ୟୁନାଲରେ ଆବେଦନ କରିବାର ସୁଯୋଗ ପାଇବେ।

# ପୁଣି ଅଶାନ୍ତ ହେଲା ମଣିପୁର

ଇମ୍ଫାଲ, ୭।୪: ଶାନ୍ତ ପଡୁଥିବା ମଣିପୁର ପୁଣିଥରେ ଭୟଙ୍କର ହିଂସାରେ ଥରିଉଠିଛି। ସୋମବାର ବିଳମ୍ବିତ ରାତିରେ ବିଷ୍ଣୁପୁର ଜିଲ୍ଲା ମୋଇରାଙ୍ଗରେ ଏକ ଆବାସିକ ଘର ଉପରେ ଅଜଣା ବ୍ୟକ୍ତିଙ୍କ ରକେଟ୍ ମାଡ଼ରେ ଜଣେ ସୀମା ସୁରକ୍ଷା ବଳ (ବିଏସଏଫ୍) ଯବାନଙ୍କ ୫ ବର୍ଷର ପୁଅ ଓ ୫ ମାସର ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ଏହି ବିସ୍ଫୋରଣରେ ଶିଶୁଙ୍କ ମା' ବିନିତା (୩୭) ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଜୀବନ ସହ ସଂଗ୍ରାମ କରୁଛନ୍ତି।



## ରକେଟ୍ ମାଡ଼ରେ ୨ ଶିଶୁ ମୃତ, ମହିଳା ଗୁରୁତର

## ୫ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ

ପାହାଡ଼ିଆ ଅଞ୍ଚଳରୁ ନିକ୍ଷେପ କରାଯାଇଥିବା ଏହି ଶକ୍ତିଶାଳୀ ରକେଟ୍ ମାଡ଼ ଯୋଗୁଁ ମଙ୍ଗଳବାର ସମଗ୍ର ଉପତ୍ୟକାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ମଣିପୁର ସରକାର ଇମ୍ଫାଲ ପୂର୍ବ, ଇମ୍ଫାଲ ପଶ୍ଚିମ, ଥୌବାଲ, କାକଚିଙ୍ଗ ଏବଂ ବିଷ୍ଣୁପୁର ଭଳି ୫ଟି ସଂବେଦନଶୀଳ ଜିଲ୍ଲାରେ ଆଗାମୀ ତିନି ଦିନ ପାଇଁ ମୋବାଇଲ୍ ଇଣ୍ଟରନେଟ୍ ସେବାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଗୁଜବ ଓ ବିଭ୍ରାନ୍ତିକର ତଥ୍ୟର ପ୍ରସାରକୁ ରୋକିବା ପାଇଁ ଏହି କଟକଣା ଜାରି କରାଯାଇଛି। ଏହି ନିର୍ମମ ଆକ୍ରମଣ ପ୍ରତିବାଦରେ ଉତ୍ୟକ୍ତ ଲୋକେ ବିଷ୍ଣୁପୁରରେ ଚୂଡ଼ାଚାନ୍ଦପୁର ଅଭିମୁଖେ ଯାଉଥିବା ଦୁଇଟି ତେଲ ଟ୍ୟାଙ୍କର ଓ ଏକ ଟ୍ରକକୁ ନିଆଁ ଲଗାଇ ଦେଇଛନ୍ତି। ସ୍ଥିତି ଅଣାୟତ୍ତ ହେବା ଆଶଙ୍କାରେ ପ୍ରଶାସନ ପକ୍ଷରୁ ଅଞ୍ଚଳର ସମସ୍ତ ବିଦ୍ୟାଳୟକୁ ବନ୍ଦ କରିବା ସହ ସୁରକ୍ଷା ବଳକୁ ହାଇ-ଆଲର୍ଟରେ ରଖାଯାଇଛି। ସ୍ଥାନୀୟ ବିଧାୟକ ଏହି ବର୍ବରକାଣ୍ଡକୁ କଡ଼ା ନିନ୍ଦା କରିବା ସହ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ମଣିପୁରରେ ଜାରି ରହିଥିବା ଏହି ସାଂଘାତିକ ହିଂସା ସାଧାରଣ ଜୀବନଯାତ୍ରାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି।

# ୧୬ ବର୍ଷ ଧରି ଫେରାର ଆତଙ୍କବାଦୀ ଗିରଫ



## କାଶ୍ମୀରରେ ବଡ଼ ଆତଙ୍କୀ ମଡ୍ୟୁଲର ପର୍ଦ୍ଦାଫାସ

ଶ୍ରୀନଗର, ୭।୪: ଜମ୍ମୁ କାଶ୍ମୀର ପୁଲିସ ଲସ୍କର-ଏ-ତୈବାର ଏକ ଆନ୍ତଃରାଜ୍ୟ ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାସ୍ କରିଛି। ଅପରେସନ ସମୟରେ ଶ୍ରୀନଗରରେ ଅବଦୁଲ୍ଲା ଓରଫ ଆବୁ ହୁରୈରା ସମେତ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ଅବଦୁଲ୍ଲା ଗତ ୧୬ ବର୍ଷ ଧରି ଫେରାର ଥିଲା ଏବଂ ଜମ୍ମୁ କାଶ୍ମୀର ବାହାରେ ସଂଗଠନ ପାଇଁ ଶିବିର ସ୍ଥାପନ କରିବାରେ ସକ୍ରିୟ ଥିଲା। ପୁଲିସର ସୂଚନା ଅନୁଯାୟୀ, ଏହି ଅପରେସନରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ଉସମାନ ଓରଫ ବହୁତାଇବକୁ ମଧ୍ୟ ଗିରଫ କରାଯାଇଛି। ଅପରେସନ କେନ୍ଦ୍ରୀୟ ଏଜେନ୍ସିମାନଙ୍କ ସହଯୋଗରେ କରାଯାଇଥିଲା। ଜମ୍ମୁ ଏବଂ କାଶ୍ମୀର, ରାଜସ୍ଥାନ ଏବଂ ହରିୟାଣା ସମେତ ୧୯ଟି ସ୍ଥାନରେ ଚଢ଼ାଉ କରାଯାଇ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ବହୁ ଆପରାଧିକ ସାମଗ୍ରୀ ଜବତ କରିଛନ୍ତି।

ତଦନ୍ତରୁ ଜଣାପଡିଛି ଯେ, ଏହି ନେଟୱାର୍କ ଆତଙ୍କବାଦୀମାନଙ୍କୁ ଲଜିଷ୍ଟିକ୍ସ, ଆଶ୍ରୟ ଏବଂ ଆର୍ଥିକ ସହାୟତା ଯୋଗାଇ ଦେଉଥିଲା। ଗିରଫ ପାଞ୍ଚ ଜଣଙ୍କ ମଧ୍ୟରୁ ତିନି ଜଣ ଶ୍ରୀନଗରର ବାସିନ୍ଦା। ସେମାନଙ୍କୁ ମହମ୍ମଦ ନକିବ ଭଟ୍, ଆଦିଲ ରସିଦ ଭଟ୍ ଏବଂ ଗୁଲାମ ମହମ୍ମଦ ମୀର ଓରଫ ମାମା ଭାବେ ଚିହ୍ନଟ କରାଯାଇଛି। ଅଧିକାରୀଙ୍କ ଅନୁଯାୟୀ, ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ, ଜଣେ ବିଦେଶୀ ଆତଙ୍କବାଦୀ ଜାଲ୍ କାଗଜପତ୍ର ବ୍ୟବହାର କରି ଭାରତ ବାହାରକୁ ସଫଳତାର ସହ ଯାତ୍ରା କରିଥିଲେ। ଆତଙ୍କବାଦୀଜଣକ ପ୍ରାୟ ୧୬ ବର୍ଷ ପୂର୍ବେ ଭାରତରେ ଅନୁପ୍ରବେଶ କରିଥିଲେ ଏବଂ ଏହି ସମୟ ମଧ୍ୟରେ କାଶ୍ମୀର ଉପତ୍ୟକାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ କରୁଥିଲେ। ସୁରକ୍ଷା ଏଜେନ୍ସିଗୁଡ଼ିକ କହିଛନ୍ତି ଯେ ଏହି ନେଟୱାର୍କ ବର୍ଷ ବର୍ଷ ଧରି ପ୍ରାୟ ୪୦ ଜଣ ବିଦେଶୀ ଆତଙ୍କବାଦୀଙ୍କୁ ପରିଚାଳନା ଏବଂ ନେତୃତ୍ୱ ଦେଇଛି, ଯାହାଙ୍କ ମଧ୍ୟରୁ ଅଧିକାଂଶ ପରେ ସୁରକ୍ଷା ବାହିନୀ ଦ୍ୱାରା ଏନକାଉଣ୍ଟରରେ ନିହତ ହୋଇଥିଲେ।

# ଅମରାବତୀ ହେଲା ଆନ୍ଧ୍ରପ୍ରଦେଶର ରାଜଧାନୀ
## ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କଲେ ଘୋଷଣା

ଅମରାବତୀ,୭।୪: ଆନ୍ଧ୍ରପ୍ରଦେଶ ପାଇଁ ଖୁସି ଖବର। ଅମରାବତୀକୁ ରାଜ୍ୟର ସ୍ଥାୟୀ ରାଜଧାନୀ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଏବଂ ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ ମଧ୍ୟ ସେମାନଙ୍କର ସୋସିଆଲ ମିଡିଆ ଏକ୍ସ ହ୍ୟାଣ୍ଡେଲରେ ଏହା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏକ୍ସରେ ବିଜ୍ଞପ୍ତି ସେୟାର କରି ଲେଖିଛନ୍ତି, 'ଆନ୍ଧ୍ର ପ୍ରଦେଶର ରାଜଧାନୀ ଅମରାବତୀ'। ସଂସଦର ବଜେଟ ଅଧିବେଶନ ସମୟରେ, ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଆଇନ (ସଂଶୋଧନ) ବିଲ୍, ୨୦୨୬, ଉଭୟ ଗୃହରେ ବହୁମତରେ ଗୃହୀତ ହୋଇଥିଲା। ରାଷ୍ଟ୍ରପତିଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି ଚନ୍ଦ୍ରବାବୁ ନାଇଡୁ ଏକ୍ସରେ ଲେଖିଛନ୍ତି, ଆନ୍ଧ୍ରପ୍ରଦେଶର ଲୋକଙ୍କ ପକ୍ଷରୁ, ମୁଁ ଆନ୍ଧ୍ରପ୍ରଦେଶ ପୁନର୍ଗଠନ (ସଂଶୋଧନ) ଆଇନ, ୨୦୨୬କୁ ଅନୁମୋଦନ କରିଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି। ଏହା ଆମର ରାଜଧାନୀ ପାଇବାର ଦୀର୍ଘଦିନର ସ୍ୱପ୍ନକୁ ପୂରଣ କରିଛି। ମୁଁ କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ସେମାନଙ୍କର ପ୍ରତିଶ୍ରୁତି ପାଳନ କରି ଆମ ରାଜ୍ୟକୁ ମାର୍ଗଦର୍ଶନ ପ୍ରଦାନ କରିଥିବାରୁ ମଧ୍ୟ କୃତଜ୍ଞତା ଜଣାଉଛି। ମୁଖ୍ୟମନ୍ତ୍ରୀ ନାଇଡୁଙ୍କ ନେତୃତ୍ୱାଧୀନ ଟିଡିପି-ଏନଡିଏ ସରକାରଙ୍କ ଏହି ପଦକ୍ଷେପକୁ ଅମରାବତୀର ଭବିଷ୍ୟତ ପାଇଁ ଏକ ପ୍ରମୁଖ ପଦକ୍ଷେପ ଭାବରେ ଦେଖାଯାଉଛି। ଯେତେବେଳେ ଆନ୍ଧ୍ର ପ୍ରଦେଶ ବିଭାଜିତ ହୋଇଥିଲା, ଚନ୍ଦ୍ରବାବୁ ନାଇଡୁ ଏହାକୁ ରାଜ୍ୟର ନୂତନ ପ୍ରଶାସନିକ ଏବଂ ରାଜନୈତିକ କେନ୍ଦ୍ର କରିବାକୁ ଯୋଜନା କରିଥିଲେ। ଏବେ ଏହା ସ୍ପଷ୍ଟ ଯେ ରାଜ୍ୟର କେବଳ ଗୋଟିଏ ରାଜଧାନୀ ରହିବ, ଏବଂ ତାହା ଅମରାବତୀ ହେବ। ଏହି ନିଷ୍ପତ୍ତିକୁ ପ୍ରଶାସନିକ ସ୍ପଷ୍ଟତା ଏବଂ ବିକାଶ ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ଦେଖାଯାଉଛି। ଅଡୁଆରେ ପବନ ଖେରା

# ପବନ ଖେରାଙ୍କ ଘରେ ଆସାମ ପୁଲିସ

ନୂଆଦିଲ୍ଲୀ, ୭।୪: ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଓ ତାଙ୍କ ପତ୍ନୀ ରିନିକି ଶର୍ମାଙ୍କ ବିରୁଦ୍ଧରେ ଅଭିଯୋଗ ଆଣିବା ପରେ କଂଗ୍ରେସ ନେତା ପବନ ଖେରାଙ୍କ ଘରେ ପହଞ୍ଚିଲା ଆସାମ ପୁଲିସ। ଦିଲ୍ଲୀ ପୁଲିସ ସହ ମିଶି ଆସାମ ପୁଲିସ ମଙ୍ଗଳବାର ଦିଲ୍ଲୀ ସ୍ଥିତ ଖେରାଙ୍କ ବାସଭବନରେ ପହଞ୍ଚିଛି। ସୋମବାର ହିମନ୍ତ ଓ ତାଙ୍କ ପତ୍ନୀ ରିନିକି ଖେରାଙ୍କ ବିରୁଦ୍ଧରେ ଥାନାରେ ମାମଲା କରିଥିଲେ। ଏହାପରେ ଆସାମ ପୁଲିସର ୪ ଜଣିଆ ଟିମ୍ ଖେରାଙ୍କର ନିଜାମୁଦ୍ଦିନ ବାସଭବନରେ ପଞ୍ଚିଛି।

ରବିବାର ପବନ ଖେରା ଏକ ସମ୍ବାଦିକ ସମ୍ମିଳନୀ କରି ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମାଙ୍କ ବିରୁଦ୍ଧରେ ଏକାଧିକ ଅଭିଯୋଗ ଆଣିଥିଲେ। ସେ ଅଭିଯୋଗ କରିଥିଲେ ଯେ ରିନିକି ଭୂୟାଁ ଶର୍ମାଙ୍କ ପାଖରେ ୟୁଏଇ, ଇଜିପ୍ଟ, ଆଣ୍ଟିଗୁଆ ଏବଂ ବାରବୁଡାର ତିନୋଟି ବିଦେଶୀ ପାସପୋର୍ଟ ଅଛି ଏବଂ ସେ ଦୁବାଇରେ ୱାୟୋମିଂର କମ୍ପାନୀଗୁଡ଼ିକ ସହିତ ଜଡିତ ସମ୍ପତ୍ତି ମଧ୍ୟ ରଖିଛନ୍ତି। ଖେରାଙ୍କ ଅଭିଯୋଗ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଥିଲେ। ନକଲି ଡକ୍ୟୁମେଣ୍ଟ ଦେଖାଇ ପ୍ରସଙ୍ଗ ଉଠାଇଲେ ୪୨୦, ୪୬୮ ଧାରା ଲାଗିବ, ସେହିଭଳି ଏଥିରେ ନିର୍ବାଚନ ପ୍ରଭାବିତ କରିବାକୁ ଚେଷ୍ଟା କଲେ ଆଜୀବନ କାରାବାସର ସଜା ବି ରହିଛି ବୋଲି ବିଶ୍ୱ ଶର୍ମା ଚେତାବନୀ ଦେଇଛନ୍ତି। ଖେଡ଼ାଙ୍କ ବିରୋଧରେ ସଂଗୀନ ଅଭିଯୋଗ ଆଣି ଶ୍ରୀ ଶର୍ମା କହିଛନ୍ତି ଯେ ଆମ ରିସର୍ଚ୍ଚରେ ଆମେ ଜାଣିବାକୁ ପାଇଲୁ ଯେ ଖେରା ସାମ୍ବାଦିକ ସମ୍ମିଳନୀରେ ଦେଖାଇଥିବା ସବୁ ଡକ୍ୟୁମେଣ୍ଟ ପାକିସ୍ତାନ ସୋସିଆଲ୍ ମିଡିଆ ଗ୍ରୁପରୁ ଅଣାଯାଇଛି। ଗତ ୧୦ ଦିନରେ, ପାକିସ୍ତାନ ଚ୍ୟାନେଲ ଆସାମ ନିର୍ବାଚନ ଉପରେ ଅତି କମରେ ୧୧ ଟି ଟକ୍ ଶୋ କରିଛି। ପାକିସ୍ତାନର ଲିଙ୍କ୍ ସ୍ପଷ୍ଟ ହୋଇଛି ବୋଲି ଶ୍ରୀ ଶର୍ମା କହିଛନ୍ତି। ଖେରାଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ମିଛ ଓ ଏଆଇ ଜେନେରେଟେଡ ଡକ୍ୟୁମେଣ୍ଟ ବୋଲି କହିଛନ୍ତି ରିନିକି ଶର୍ମା। ଭାରତ ଦେଶରେ ଦ୍ୱୈତ ପାସ୍ପୋର୍ଟ ରଖିବା ଅନୁମତି ନାହିଁ। ମୋ ପାଖରେ କୌଣସି ଦେଶର ପାସ୍ପୋର୍ଟ ନାହିଁ କି ବିଦେଶରେ ସମ୍ପତ୍ତି ନାହିଁ। ଏହା ସମ୍ପୂର୍ଣ୍ଣ ମିଛ। ପରିବାରକୁ ବଦନାମ କରିବାକୁ ଏହି ଅଭିଯୋଗ ଅମାଯାଇଛି ବୋଲି ସେ କହିଛନ୍ତି।

# ଆସାମରେ ଆରମ୍ଭ ହେଲା ସାଇଲେଣ୍ଟ ପିରିଅଡ୍
## ଗୁରୁବାର ଭୋଟ ଗ୍ରହଣ, ମେ ୪ରେ ଗଣତି



ଗୁଆହାଟୀ, ୭।୪: ଆସାମ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଘୋଷଣା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ୫ଟାରୁ ରାଜ୍ୟରେ 'ସାଇଲେଣ୍ଟ ପିରିୟଡ୍' ବା ନୀରବ ଅବଧି ଲାଗୁ ହୋଇଛି। ଏହି ସମୟ ମଧ୍ୟରେ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନେ କ'ଣ କରିପାରିବେ ଏବଂ କ'ଣ କରିପାରିବେ ନାହିଁ, ସେନେଇ ଆୟୋଗ ପକ୍ଷରୁ ସ୍ପଷ୍ଟ ଗାଇଡଲାଇନ୍ ଜାରି କରାଯାଇଛି।

ଲୋକପ୍ରତିନିଧି ଆଇନର ଧାରା ୧୨୬ ଅନୁଯାୟୀ ଏହି କଟକଣା ସମୟରେ ସମସ୍ତ ପ୍ରକାରର ନିର୍ବାଚନୀ ପ୍ରଚାର ଉପରେ ସମ୍ପୂର୍ଣ୍ଣ ବାରଣ ଲଗାଯାଇଛି। କୌଣସି ପ୍ରକାର ସାଧାରଣ ସଭା, ଶୋଭାଯାତ୍ରା, ରାଲି କିମ୍ବା ପ୍ରଚାର ସମ୍ପର୍କିତ କାର୍ଯ୍ୟକଳାପ ହୋଇପାରିବ ନାହିଁ। ଇଲେକ୍ଟ୍ରୋନିକ୍ ଏବଂ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ମଧ୍ୟ ପ୍ରଚାର ସାମଗ୍ରୀ ପ୍ରସାରଣ ଉପରେ ନିର୍ବାଚନ ଆୟୋଗ କଟକଣା ଲଗାଇଛନ୍ତି। ବଲ୍କ ଏସଏମଏସ, ଫୋନ୍ କଲ୍ କିମ୍ବା ଅନଲାଇନ୍ ମାଧ୍ୟମରେ ଭୋଟ୍ ମାଗାଯାଇପାରିବ ନାହିଁ। ଏହି ସମୟ ମଧ୍ୟରେ କୌଣସି ଟେଲିଭିଜନ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ମିଡିଆରେ ନିର୍ବାଚନ ସମ୍ପର୍କିତ ମତାମତ ସର୍ବେକ୍ଷଣ କିମ୍ବା ସର୍ଭେ ଫଳାଫଳ ପ୍ରଦର୍ଶନ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି।

ଅନ୍ୟ ଅଞ୍ଚଳରୁ ଆସିଥିବା ରାଜନୈତିକ ବ୍ୟକ୍ତିବିଶେଷ, ଷ୍ଟାର୍ ପ୍ରଚାରକ ଏବଂ ଦଳୀୟ କର୍ମୀମାନେ, ଯେଉଁମାନେ କି ସେହି ନିର୍ବାଚନମଣ୍ଡଳୀର ସ୍ଥାନୀୟ ପଞ୍ଜୀକୃତ ଭୋଟର ନୁହଁନ୍ତି, ସେମାନଙ୍କୁ ପ୍ରଚାର ଅବଧି ଶେଷ ହେବା ମାତ୍ରେ ତୁରନ୍ତ ନିର୍ବାଚନମଣ୍ଡଳୀ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନି ପରିବେଶ ବଜାୟ ରଖିବାକୁ ଏହାକୁ କଡ଼ାକଡ଼ି ପାଳନ କରିବା ପାଇଁ ଜିଲ୍ଲା ଓ ପୋଲିସ ପ୍ରଶାସନକୁ ଆୟୋଗ ଦାୟିତ୍ୱ ଦେଇଛନ୍ତି। ଆସନ୍ତା ଏପ୍ରିଲ୍ ୯ ତାରିଖରେ ଗୋଟିଏ ପର୍ଯ୍ୟାୟରେ ସମସ୍ତ ଆସନ ପାଇଁ ଭୋଟଗ୍ରହଣ ଅନୁଷ୍ଠିତ ହେବ ଏବଂ ଫଳାଫଳ ଆସନ୍ତା ମେ' ୪ ତାରିଖରେ ପ୍ରକାଶ ପାଇବ।

## ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚାମ୍ପିଅନସିପ୍

# ଯୁ-୧୭ ବାଳିକା ବର୍ଗରେ ଓଡ଼ିଶା ଚାମ୍ପିଅନ୍




## ବାଳକ ବର୍ଗରେ ବିହାର ବିଜେତା

**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ)ଃ** ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ୍ ୨୦୨୫-୨୬ର ୧୭ ବର୍ଷରୁ କମ୍ ପ୍ରତିଯୋଗିତାରେ ବାଳିକା ବର୍ଗରେ ଓଡ଼ିଶା ଟିମ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବାଳକ ବର୍ଗରେ ବିହାର ଟିମ୍ ଟାଇଟଲ୍ ହାସଲ କରିଛି। ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଓଡ଼ିଶା ପ୍ରଭାବଶାଳୀ ପ୍ରଦର୍ଶନ ପୂର୍ବକ ଟ୍ରଫି ଜିତିଛି। ବିହାର ରନର୍ସଅପ୍ ହୋଇଥିବା ବେଳେ ମହାରାଷ୍ଟ୍ର ଓ ଦିଲ୍ଲୀ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶା ବିପକ୍ଷ ଫାଇନାଲରେ ଦୃଢ଼ ପ୍ରଦର୍ଶନ କରି ବିହାର ଚାମ୍ପିଅନ୍ ହୋଇଛି। ଏହାଛଡ଼ା ଓଡ଼ିଶା ରନର୍ସଅପ୍ ହୋଇଥିବା ବେଳେ ମହାରାଷ୍ଟ୍ର ଓ ରାଜସ୍ଥାନ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛି। ୧୭ ବର୍ଷରୁ କମ୍ ବର୍ଗ ପାଇଁ ଆୟୋଜିତ ଉଦ୍‌ଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କରକରା, ସହକାରୀ ନିର୍ଦ୍ଦେଶକ (ପିଇଟି) ଜ୍ୟୋତି ପ୍ରସାଦ ପରିଡ଼ା, ଟୁର୍ଣ୍ଣାମେଣ୍ଟ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଯୁବ ଖେଳାଳିମାନଙ୍କୁ ସେମାନଙ୍କ ସମର୍ପଣ, ଶୃଙ୍ଖଳା ଓ କ୍ରୀଡା ମନୋଭାବ ପାଇଁ ପ୍ରଶଂସା କରିଥିଲେ। ସେ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଆଗକୁ ବିଭିନ୍ନ କ୍ଷେତ୍ରର ପ୍ରତିଯୋଗିତାରେ ଭାଗ ନେବାକୁ ଉତ୍ସାହିତ କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ କରକରା ସ୍ୱାଗତ ଅଭିଭାଷଣରେ ବ୍ୟକ୍ତିତ୍ୱ ଗଠନରେ ବିଦ୍ୟାଳୟ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଓ ଚାମ୍ପିଅନସିପ୍ ଆୟୋଜନରେ ସାମିଲ ସମସ୍ତ ଅଂଶୀଦାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଟୁର୍ଣ୍ଣାମେଣ୍ଟ ପର୍ଯ୍ୟବେକ୍ଷକ ଶ୍ରୀ ଯାଦବ ଉଚ୍ଚସ୍ତରୀୟ ପ୍ରତିଯୋଗିତାକୁ ପ୍ରଶଂସା କରିଥିଲେ। ଏହିପରି ଚାମ୍ପିଅନସିପ୍ ତୃଣମୂଳ ସ୍ତରରେ ରଗବୀକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ଆସନ୍ତା ୯ ଓ ୧୦ରେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ଚାମ୍ପିଅନସିପ୍ ଅନୁଷ୍ଠିତ ହେବ।

# ବିପୁଳ ପରିମାଣରେ ଶାଗୁଆନ କାଠ ଜବତ



**ଛତ୍ରପୁର,୭।୪(ସଂଚାର ବ୍ୟୁରୋ)ଃ** ଗଞ୍ଜାମ ଜିଲା ଛତ୍ରପୁର ନିକଟ ସାମିଆପଲ୍ଲୀ ଗ୍ରାମ ନିକଟରୁ ଭିଜିଲାନ୍ସ, ବନବିଭାଗ ମୋବାଇଲ ଟିମ, ଛତ୍ରପୁର ବନ ବିଭାଗ ବିପୁଳ ପରିମାଣର ଶାଗୁଆନ କାଠ ଜବତ କରିଛି। ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ସେଠାରେ ଚଢ଼ଉ କରିଥିଲା । ଉକ୍ତ ସ୍ଥାନରୁ ପ୍ରାୟ ୫୦ ଘନ ଫୁଟ ଶାଗୁଆନ କାଠ ଜବତ ହୋଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ କହିଛି। ଚଢ଼ଉରେ ଭିଜିଲାନ୍ସ ବନପାଳ ଏନ. ବାଲାଜୀ, ବନରକ୍ଷୀ ରାଜୀବ କୁମାର ପାତ୍ର ଓ ବିନାୟକ ରଞ୍ଜନ କର, ବନବିଭାଗ ମୋବାଇଲ ଟିମ ଡେପୁଟି ରେଞ୍ଜର ସ୍ୱାଗତିକା ସାହୁ, ବନପାଳ ସୁମିତ୍ରା ଭୁୟାଁ, ବନରକ୍ଷୀ ମାଧବ ବେହେରା ପ୍ରମୁଖ ସାମିଲ ଥିଲେ।

# ଓଡ଼ିଶା ସରକାରଙ୍କ ପକ୍ଷରୁ ଜଗନ୍ନାଥ ମନ୍ଦିରକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନୁଦାନ



**କୋଲକାତା, ୭।୪(ସଂଚାର ବ୍ୟୁରୋ)ଃ** ପଶ୍ଚିମବଙ୍ଗର ଖଡ଼ଗପୁର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ପ୍ରଥମ ଥର ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଅନୁଦାନ ପ୍ରଦାନ କରାଯାଇଛି। ରେଳ କର୍ମଚାରୀ ସାଂସ୍କୃତିକ ଅନୁଷ୍ଠାନର ଦୀର୍ଘ ଦିନର ଆକାଂକ୍ଷା ପୂରଣ ହୋଇଛି। ଓଡ଼ିଶା ସରକାର ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ଅସ୍ମିତାର ପ୍ରଚାର ପ୍ରସାର ଏବଂ ପୁନରୁଦ୍ଧାର ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଏହି ଅବସରରେ ପଶ୍ଚିମବଙ୍ଗ ବିଜେପିର ବରିଷ୍ଠ ନେତା ତଥା ଖଡ଼ଗପୁରର ବିଧାୟକ ପ୍ରାର୍ଥୀ ଦିଲିପ ଘୋଷ ଓ ଅନୁଷ୍ଠାନର ସଦସ୍ୟ ବୃନ୍ଦ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ମାନ୍ୟବର ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସେତୁର ରେଲିଂ ଭାଙ୍ଗି ୪୦ ଫୁଟ ତଳେ ପଡ଼ିଲା କଣ୍ଟେନର, ଡ୍ରାଇଭରଙ୍କ ମୃତ୍ୟୁ




**କୋଲକାତା, ୭।୪ (ସଂଚାର ବ୍ୟୁରୋ)ଃ** ଏକ ଲରି ଏବଂ କଣ୍ଟେନର ମଧ୍ୟରେ ମୁହାଁମୁହିଁ ଧକ୍କା। ବ୍ରିଜ୍ ରେଲିଂ ଭାଙ୍ଗି ୪୦ ଫୁଟ ତଳେ ପଡ଼ିଲା କଣ୍ଟେନର। ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ସକାଳେ ୪୮ ନମ୍ବର ଏସୀଆନ୍ ରାଜପଥର ହାସିମାରା ନିକଟରେ ଏକ ଲରି ଏବଂ କଣ୍ଟେନର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଜାଣିବାଉ ମିଳିଛି ଯେ କଣ୍ଟେନରଟି ଆସାମରୁ ସିଲିଗୁଡ଼ି ଅଭିମୁଖେ ଯାତ୍ରା କରୁଥିବା ସମୟରେ ହଠାତ୍ ବିପରୀତ ଦିଗରୁ ଆସୁଥିବା ଏକ ଲରି ସହିତ ଧକ୍କା ହୋଇଥିଲା। ଧକ୍କାର ପ୍ରଭାବ ଏତେ ତୀବ୍ର ଥିଲା ଯେ କଣ୍ଟେନରଟି ତୋର୍ସା ସେତୁର ରେଲିଂ ଭାଙ୍ଗି ୪୦ ଫୁଟ ତଳେ ଖସି ପଡ଼ିଲା। କଣ୍ଟେନରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବରେ ଖଣ୍ଡ ବିଖଣ୍ଡିତ ହୋଇଯାଇଛି। ଯଦିଓ ଏହି ଋତୁରେ ନଦୀରେ ଜଳସ୍ତର କମ୍ ଥିଲା, ତଥାପି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ, କଣ୍ଟେନରଟି ଏତେ ଉଚ୍ଚତାରୁ ଖସିପଡ଼ିବାରୁ, ଡ୍ରାଇଭରଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ପୋଲିସ ଏପର୍ଯ୍ୟନ୍ତ ମୃତକଙ୍କ ନାମ, ପରିଚୟ କିମ୍ବା ଠିକଣା ଚିହ୍ନଟ କରିପାରି ନାହିଁ।

## ୨୭ ଲକ୍ଷରୁ ଅଧିକ 'ବିଚାରଧାରା' ଭୋଟରଙ୍କ ନାମ ବାଦ

**କୋଲକାତା, ୭।୪(ସଂଚାର ବ୍ୟୁରୋ)ଃ** ମୋଟ ୬୦ ଲକ୍ଷରୁ ଅଧିକ 'ବିଚାରଧୀନ' ଭୋଟରଙ୍କ ମଧ୍ୟରୁ ୨୭ ଲକ୍ଷ ୧୬ ହଜାର ୩୯୩ ଜଣଙ୍କୁ ବାଦ ଦିଆଯାଇଛି। ବିପରୀତରେ, ୩୨ ଲକ୍ଷ ୬୮ ହଜାର ୧୧୯ ଜଣ ଭୋଟରଙ୍କୁ ଯୋଗ୍ୟ ବିବେଚିତ କରାଯାଇଛି। କମିଶନ କହିଛନ୍ତି ଯେ, ସୋମବାର ସୁଦ୍ଧା, ମୋଟ ୫୯ ଲକ୍ଷ ୮୪ ହଜାର ୫୧୨ ଜଣ ବିଚାରଧୀନ ଭୋଟରଙ୍କ ସ୍ଥିତି ସମାଧାନ ସମ୍ପର୍କିତ ତଥ୍ୟ ପ୍ରକାଶ କରାଯାଇଛି। ଅନ୍ୟପକ୍ଷରେ, ରାଜ୍ୟର ୧୫୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଏପ୍ରିଲ ୨୩ ତାରିଖରେ ହେବାକୁ ସ୍ଥିର କରାଯାଇଛି। ସୋମବାର ଏହି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିଲା। ସୋମବାର ରାତିରେ, ନିର୍ବାଚନ କମିଶନ ଘୋଷଣା କରିଛନ୍ତି ଯେ ପ୍ରଥମ ପର୍ଯ୍ୟାୟ ପାଇଁ ମୋଟ ୧ ହଜାର ୭୦ଟି ନାମାଙ୍କନ ପତ୍ର ଦାଖଲ କରାଯାଇଛି। ଏମାନଙ୍କ ମଧ୍ୟରେ, ରାଜ୍ୟର ଶାସକ ଦଳ, ତୃଣମୂଳ କଂଗ୍ରେସ ଦ୍ୱାରା ସର୍ବାଧିକ ସଂଖ୍ୟକ ନାମାଙ୍କନ ଦାଖଲ କରାଯାଇଛି। ତୃଣମୂଳ ମୋଟ ୨୪୨ ଜଣ ନାମାଙ୍କନ ଦାଖଲ କରିଥିଲା। ଅନ୍ୟପକ୍ଷରେ, କମିଶନ ମୁଖ୍ୟ ବିରୋଧୀ ଦଳ, ବିଜେପି ପକ୍ଷରୁ ୧୫୯ ଜଣ ନାମାଙ୍କନ ଗ୍ରହଣ କରିଛନ୍ତି।

## 'ଖେଳା ହବେ' ସ୍ଲୋଗାନ, ମୁଣ୍ଡରେ ଫୁଟବଲ ନେଇ ପ୍ରଚାରରେ ପରିବା ବିକ୍ରେତା




**କୋଲକାତା,୭।୪(ସଂଚାର ବ୍ୟୁରୋ)ଃ** 'ଖେଲା ହବେ' (ଖେଳ ହେବ) ସ୍ଲୋଗାନ ଦେଇ ଚାଲିଛି ନିର୍ବାଚନ ପ୍ରଚାର। ଏହାରି ମଧ୍ୟରେ, ଜଲପାଇଗୁଡ଼ିର ୩ ନମ୍ବର ୱାର୍ଡର ବାସିନ୍ଦା ତଥା ପନିପରିବା ବିକ୍ରେତା ବିଶ୍ୱନାଥ ସେନ୍ ତାଙ୍କ ମୁଣ୍ଡ ଉପରେ ଫୁଟବଲ୍ ରଖି ମାଇଲ ମାଇଲ ଧରି ମୋଟରସାଇକେଲ ଚଳାଉଛନ୍ତି। ସେ ରାଜ୍ୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତୃଣମୂଳ କଂଗ୍ରେସର ସର୍ବଭାରତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ସମ୍ବୋଧିତ ସଭାରେ ଯୋଗ ଦେବାକୁ ଏକ ଲକ୍ଷ୍ୟ ରଖିଛନ୍ତି, ଏବଂ ତାଙ୍କ ମୁଣ୍ଡରେ ବଲ୍ ଏପର୍ଯ୍ୟନ୍ତ ରହିଛି। ଏହା ବ୍ୟତୀତ, ସେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ମମତା ବାନାର୍ଜୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଜନମୁଖୀ ପ୍ରକଳ୍ପଗୁଡ଼ିକୁ ଜୋରଦାର ପ୍ରଚାର କରୁଛନ୍ତି। ସେ ଦାବି କରନ୍ତି, ତୃଣମୂଳ ମୋତେ ନିମନ୍ତ୍ରଣ କରିନଥିଲା, କିମ୍ବା ପ୍ରଚାର କରିବାକୁ କହିନଥିଲା। ତେବେ, ମୁଁ ମୋ ନିଜ ଇଚ୍ଛାରେ ପ୍ରଚାର କରୁଛି। ମୁଁ ବଙ୍ଗଳାକୁ ଆଗକୁ ନେବାକୁ ଚାହୁଁଛି। ମମତା ବାନାର୍ଜୀ ଚତୁର୍ଥ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ମୋର ଇଚ୍ଛା।

# ଓଡ଼ିଶୀ ସଙ୍ଗୀତ, ଶାସ୍ତ୍ରୀୟ ମାନ୍ୟତା ପାଇବ କେବେ ?

**ଭୁବନେଶ୍ୱର,୭।୪ଃ** ଦୀର୍ଘବର୍ଷର ଉଦ୍ୟମ ପରେ ଓଡ଼ିଆ ଭାଷାକୁ କେନ୍ଦ୍ର ଶାସ୍ତ୍ରୀୟ ମାନ୍ୟତା ଦେଇଥିବାବେଳେ ଓଡ଼ିଶୀ ସଂଗୀତକୁ କେବେ ଶାସ୍ତ୍ରୀୟ ମାନ୍ୟତା ମିଳିବ ସେଥିଘେନି ସଂସ୍କୃତିପ୍ରେମୀମାନେ ଆଗ୍ରହର ସହ ଅପେକ୍ଷା କରିଛନ୍ତି।

ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ କୁହାଯାଉଥିବାବେଳେ ଏ ସଂକ୍ରାନ୍ତୀୟ କେନ୍ଦ୍ର ସରକାରଙ୍କର କୌଣସି ଗେଜେଟ୍ ବିଜ୍ଞପ୍ତି କିମ୍ବା ସାର୍ଟିଫିକେଟ୍ ସଂସ୍କୃତି ବିଭାଗ ନିକଟରେ ନାହିଁ। ତେବେ ଅତୀତରେ ୫୦ ଓ ୬୦ ଦଶକରେ ଏ ସଂକ୍ରାନ୍ତରେ କେନ୍ଦ୍ର ନିକଟରେ ଓଡ଼ିଶାର କଳାକାରମାନେ ପ୍ରାମାଣିତ ତଥ୍ୟ ସହ ଦାବି ଉପସ୍ଥାପନ କରିଥିଲେ ଏବଂ ତାହାକୁ ସ୍ୱୀକାର କରାଯାଇଥିବା କୁହାଯାଉଥିଲେ ମଧ୍ୟ ବିଧିବଦ୍ଧ ଭାବେ କୌଣସି ବିଜ୍ଞପ୍ତି ବିଭାଗ ନିକଟରେ ଉପଲବ୍ଧ ନାହିଁ। ସଂସ୍କୃତିପ୍ରେମୀମାନେ କହୁଛନ୍ତି ଯେ ଦୀର୍ଘବର୍ଷ ଧରି ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇଛି ବୋଲି କୁହାଯାଉଛି ଏବଂ ଦେଶ ବିଦେଶରେ ମଧ୍ୟ ଲୋକେ ଓଡ଼ିଶୀକୁ ଶାସ୍ତ୍ରୀୟ ନୃତ୍ୟ ଭାବେ ଗ୍ରହଣ କରିଛନ୍ତି। ଏ ପରିପ୍ରେକ୍ଷୀରେ ଓଡ଼ିଶୀ ନୃତ୍ୟର ମୂଳ ପିଣ୍ଡ ଓଡ଼ିଶୀ ସଙ୍ଗୀତ ହୋଇଥିବା ବେଳେ ତାହାକୁ କାହିଁକି ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ଦିଆଯାଉନାହିଁ ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ ଉଠୁଛି। ଏ ସଂକ୍ରାନ୍ତରେ ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ବାରମ୍ବାର କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରାଯାଇଛି।

ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ୨୦୦୦ ହଜାର ବର୍ଷରୁ ଅଧିକ ପୁରୁଣା ବୋଲି ଗବେଷକମାନେ କହୁଛନ୍ତି। ଓଡ଼ିଶୀ ସଙ୍ଗୀତର ଧାରା ମଧ୍ୟ ସ୍ୱତନ୍ତ୍ର। ଏ ପରିପ୍ରେକ୍ଷୀରେ ଓଡ଼ିଶୀ ସଂଗୀତ ଓ ଓଡ଼ିଶୀ ନୃତ୍ୟକୁ ବିଧିବଦ୍ଧ ଭାବେ ଶାସ୍ତ୍ରୀୟ ସଙ୍ଗୀତ ଓ ଶାସ୍ତ୍ରୀୟ ନୃତ୍ୟ ଭାବେ କେନ୍ଦ୍ର ସରକାର ଘୋଷଣା କରିବାକୁ ଦାବି ହେଉଛି। ପୂର୍ବରୁ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯିବା ବେଳେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିଲା। ପୂର୍ବରୁ ଶାସ୍ତ୍ରୀୟ ଭାଷା ଭାବେ ୫ଟି ଭାଷାକୁ ମାନ୍ୟତା ଦିଆଯିବା ବେଳେ ଯେଉଁ ମାପଦଣ୍ଡ ଥିଲା ତାହାକୁ ପରବର୍ତ୍ତୀ ସମୟରେ ବଦଳାଯାଇଥିଲେ ମଧ୍ୟ ଓଡ଼ିଶାର ଗବେଷକ ଓ ସଂସ୍କୃତିପ୍ରେମୀମାନଙ୍କ ଲଗାତାର ଉଦ୍ୟମ ଯୋଗୁ ତାହା ସମ୍ଭବପର ହୋଇପାରିଲା। ସେତେବେଳେ ଦଳମତ ନିର୍ବିଶେଷରେ ଉଭୟ ସରକାର ଓ ପ୍ରତିପକ୍ଷ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ସମ୍ପର୍କରେ ଦାବି ଉଠାଇଥିଲେ।

ଏଠାରେ ଉଲ୍ଲେଖନୀୟ ଯେ ଓଡ଼ିଆ ଭାଷାଭାଷୀ ଭୂଖଣ୍ଡକୁ ୪ ଭାଗରେ ବିଭକ୍ତ କରି ବ୍ରିଟିଶ ସରକାର ଜାତିର ସତ୍ତା ଲୋପ କରିଦେବା ପାଇଁ ଉଦ୍ୟମ କରିଥିଲେ। ସେ ସମୟରେ ସମ୍ବଲପୁର ଅଞ୍ଚଳର ଦପ୍ତରଗୁଡ଼ିକ ଉପରେ ହିନ୍ଦୀ ଭାଷାକୁ ଲଦି ଦିଆଯାଇଥିଲା। ଦକ୍ଷିଣରେ ତେଲୁଗୁ ଭାଷାକୁ ଓଡ଼ିଆ ଭାଷା ଉପରେ ଚାପି ଦିଆଯାଇଥିବା ବେଳେ ଅବିଭକ୍ତ କଟକ, ବାଲେଶ୍ୱର, ପୁରୀରେ ମଧ୍ୟ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ସଂଘବଦ୍ଧ ଉଦ୍ୟମ ଯୋଗୁଁ ବ୍ରିଟିଶ ସରକାର ତାଙ୍କ ନିଷ୍ପତ୍ତିରୁ ଓହରିବାକୁ ବାଧ୍ୟ ହୋଇଥିଲେ। କେବଳ ସେତିକି ନୁହେଁ, ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ପ୍ରଦେଶ ପୁନର୍ଗଠିତ ହୋଇଥିଲା। ଏହି ଅଭିଯାନରେ ଉତ୍କଳ ସମ୍ମିଳନୀ ଅଗ୍ରଣୀ ଭୂମିକା ନେଇଥିଲା।

ଦୀର୍ଘ ଦିନର ଦାବି ପରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ଗାନ ଭାବେ ସରକାର ବିଧିବଦ୍ଧ ଭାବେ ଘୋଷଣା କରିଥିଲେ। ତେବେ କେତେକ ମହଲରୁ ଏବେ ବି ଏହାର ବିରୋଧ କରାଯାଉଛି। ଏମିତିକି କିଛି ବିଧାୟକ ମଧ୍ୟ ବନ୍ଦେ ଉତ୍କଳ ଜନନୀ ଗାନ ସମୟରେ ଛିଡ଼ା ହେଉନାହାନ୍ତି। ସେହିପରି କିଛି ବର୍ଷ ହେବ ଓଡ଼ିଶାରେ ଓଡ଼ିଆ ମାଧ୍ୟମ ହଜାର ହଜାର ସ୍କୁଲ ବନ୍ଦ ହୋଇଯାଉଛି। ଅନ୍ୟପକ୍ଷରେ ଓଡ଼ିଆକୁ ୧୯୫୪ ମସିହାରୁ ରାଜ୍ୟର ସରକାରୀ ଭାଷାଭାବେ ଆଇନଗତ ବ୍ୟବସ୍ଥା ଥିବା ବେଳେ ଏଯାବତ୍ ସମସ୍ତ ସରକାରୀ ଦପ୍ତରରେ ଓଡ଼ିଆ ଭାଷାରେ ନଥିପତ୍ର କାମ ହୋଇପାରୁନାହିଁ। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲୋକାଭିମୁଖୀ...

ଦିଆଯାଇଛି। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର, ଜାତୀୟ ଜଳପଥ-୫ ଏବଂ ବିଭିନ୍ନ ନୂତନ କରିଡର ଓ ପୋର୍ଟ ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାକୁ ଏକ ଶକ୍ତିଶାଳୀ ଲଜିଷ୍ଟିକ୍ସ ହବ୍‌ରେ ପରିଣତ କରାଯିବ। ପୁରୀରେ ଶାମୁକା ପ୍ରକଳ୍ପ ଓ ଚିଲିକା ପୁନରୁଦ୍ଧାର ଯୋଜନା ରାଜ୍ୟର ପର୍ଯ୍ୟଟନକୁ ନୂତନ ଦିଗ ଦେବ ବୋଲି ସେ ଉଲ୍ଲେଖ କରିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଏହି ବଜେଟରେ ଗ୍ରାମୀଣ ଉନ୍ନୟନ, ରୋଜଗାର ସୃଷ୍ଟି ଓ ଦାଦନ ସମସ୍ୟାର ସମାଧାନ ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି। ମହିଳାଙ୍କ ପାଇଁ ବିଶେଷ ବ୍ୟୟବରାଦ ସହ 'ସୁଭଦ୍ରା' ଯୋଜନା, 'ଲକ୍ଷପତି ଦିଦି' ଓ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ଭଳି ପଦକ୍ଷେପ ନାରୀ ସଶକ୍ତିକରଣକୁ ଆହୁରି ଶକ୍ତିଶାଳୀ କରିବ। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନୂତନ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ଓ ଆଇସିୟୁ ସୁବିଧା ସୃଷ୍ଟି ମାଧ୍ୟମରେ ସାଧାରଣ ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ।

ସେ କହିଥିଲେ ଯେ ଆସନ୍ତା ୧ରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍ତରରେ 'ଆମେ ଜାଣିବା, ଆମ ବଜେଟ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇ ବଜେଟର ବିଭିନ୍ନ ପାର୍ଶ୍ୱକୁ ସରଳ ଭାଷାରେ ଲୋକଙ୍କ ନିକଟରେ ପହଞ୍ଚାଯିବ। ସେ ଜନସାଧାରଣଙ୍କୁ ଏହି ପ୍ରକ୍ରିୟାରେ ସକ୍ରିୟ ଭାଗ ନେଇ ତାଙ୍କର ମତାମତ ପ୍ରଦାନ କରିବାକୁ ଆହ୍ୱାନ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ବଜେଟ ଓଡ଼ିଶାର ସ୍ୱାଭିମାନ ଓ ସମୃଦ୍ଧିର ଏକ ଶକ୍ତିଶାଳୀ ପ୍ରତିବିମ୍ବ ଓ ସମସ୍ତଙ୍କ ସହଯୋଗରେ ଓଡ଼ିଶାକୁ ଦେଶର ଅର୍ଥନୀତିର ଏକ ପ୍ରମୁଖ ଶକ୍ତି କେନ୍ଦ୍ରରେ ପରିଣତ କରାଯିବ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ ଆମର ଏହି ବଜେଟ ହେଉଛି ନାଗରିକ-କୈନ୍ଦ୍ରିକ ବଜେଟ୍। ସାଧାରଣ ଲୋକଙ୍କୁ ଦୃଷ୍ଟିରେ ରଖି ଆମର ଏହି ବଜେଟ୍ ପ୍ରସ୍ତୁତ କରାଯାଇଛି। ଏହି ବଜେଟ୍ ସଚେତନତା କର୍ମଶାଳା ଦ୍ୱାରା ସାଧାରଣ ଲୋକଙ୍କ ପାଇଁ ବଜେଟ୍‌ରେ ସ୍ଥାନିତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ସେମାନେ ସଚେତନ ହେବେ ଓ ଏହାର ସୁଫଳ ସେମାନଙ୍କ ପାଖରେ ପହଞ୍ଚିବ। ଏହି କର୍ମଶାଳାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ ସିଂହ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ନିମନ୍ତ୍ରିତ ଅତିଥି ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ୨୧ରେ ଆସିବେ...

କମିଶନର ଏସ. ଦେବଦତ୍ତ ସିଂ, ଏଡିଜି ମୁଖ୍ୟାଳୟ ପ୍ରତୀକ ମହାନ୍ତି, ଆଇଜି ପ୍ରବୀଣ କୁମାର, ଆଇଜି କ୍ରାଇମ୍ ବ୍ରାଞ୍ଚ୍ ସାର୍ଥକ ଷଡଙ୍ଗୀ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୧ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ପୁଲିସର 'ରାଷ୍ଟ୍ରପତି ପୁଲିସ କଲର ସମ୍ମାନ' ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା।

## ବିଜେଡି...

ଆଚାର୍ଯ୍ୟ। ଏହି ୬ ସାଂସଦ ଅର୍ଜୁନ ସେଠୀଙ୍କ ବଦଳରେ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଲୋକସଭାରେ ବିଜେଡିର ସଂସଦୀୟ ଦଳ ନେତା ଓ ବ୍ରଜ ତ୍ରିପାଠୀଙ୍କ ବଦଳରେ ଭର୍ତ୍ତୃହରିଙ୍କୁ ବିଜେଡି ମୁଖ୍ୟ ସଚେତକ ଭାବେ ମାନ୍ୟତା ଦେବାକୁ ଦାବି କରିଥିଲେ।

ସେ ସମୟରେ ଚର୍ଚ୍ଚା ହେଉଥିଲା ଯେ ନବୀନଙ୍କ ବିରୋଧରେ ହେଉଥିବା ଏହି ଅଭିଯାନ ସଫଳ ହୋଇଥିଲେ ବିଧାନସଭାରେ ବିଭାଜନ ପାଇଁ ଉଦ୍ୟମ ହୋଇଥାନ୍ତା। ହେଲେ ତାହା ସଫଳ ହେଲା ନାହିଁ। ଅବଶ୍ୟ ସେ ସମୟରେ ନବୀନ ମୁଖ୍ୟମନ୍ତ୍ରୀ ଥିଲେ ଓ ବିଜେପି ସହ ମିଳିତ ସରକାର ଗଠନ କରିଥିଲେ। କିନ୍ତୁ ସେ ସମୟର ସ୍ଥିତି ଏବେ ଆଉ ନାହିଁ। ତେଣୁ ଏବେ ନବୀନଙ୍କ ନିଷ୍ପତ୍ତି ଦଳର ଭବିଷ୍ୟତ ନିର୍ଦ୍ଧାରିତ କରିବ।

## ଆଉ କିଛି...

ଜାରି କରାଯାଇଛି।

ସେପଟେ ଇରାନ ଉପରେ ଏକ ବଡ଼ ଧରଣର ଆକ୍ରମଣ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି ଇସ୍ରାଏଲ। ଇରାନ୍‌ବାସୀଙ୍କ ପାଇଁ ଫାର୍ସୀ ଭାଷାରେ ଏକ 'ଜରୁରୀ' ସତର୍କ ସୂଚନା ଜାରି କରିଛି। ସାଧାରଣ ଜନତାଙ୍କୁ ଟ୍ରେନ୍‌ରେ ଯାତ୍ରା ନ କରିବାକୁ ଏବଂ ରେଳ ଷ୍ଟେସନଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଟ୍ରମ୍ପ ଚେତାବନୀ ସୂଚାଉଛି ଯେ ମଙ୍ଗଳବାର ବିଳମ୍ବିତ ରାତି (ଆମେରିକା ସମୟ) ଇରାନ ପାଇଁ ଭୟଙ୍କର ରାତି ହୋଇପାରେ।

୩୮ ଦିନର ଏହି ଯୁଦ୍ଧ ଭିତରେ ଆଜି ରାତି ଇରାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାହିଁକି ନା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି ଯେ ଇରାନକୁ ରାତାରାତି ଧ୍ୱଂସ କରି ଦିଆଯାଇପାରେ। ଟ୍ରମ୍ପ କହିଛନ୍ତି ଯେ ଯଦି ଇରାନ ସମୟ ସୀମା ସୁଦ୍ଧା ଆମେରିକା ସହ ଏକ ଚୁକ୍ତିରେ ପହଞ୍ଚିବାରେ ବିଫଳ ହୁଏ, ତେବେ ଇରାନ ପ୍ରସ୍ତର ଯୁଗକୁ ଫେରିଯିବ। ଟ୍ରମ୍ପଙ୍କ ଚୁକ୍ତି ଅନୁଯାୟୀ, ଇରାନକୁ ହର୍ମୁଜ୍ ପ୍ରଣାଳୀ ଖୋଲିବାକୁ ପଡ଼ିବ, ଯେଉଁ ବାଟ ଦେଇ ବିଶ୍ୱର ୨୦ ପ୍ରତିଶତ ତୈଳ ଯୋଗାଣ ପରିବହନ ହୁଏ। ଟ୍ରମ୍ପଙ୍କ ଦ୍ୱାରା ନିର୍ଦ୍ଧାରିତ ଏହି ସମୟସୀମା ମଙ୍ଗଳବାର ୱାଶିଂଟନ୍ ସମୟ ରାତି ୮ଟା ଓ ଭାରତୀୟ ସମୟ ବୁଧବାର ସକାଳ ୫ଟାରେ ଶେଷ ହେଉଛି। ଏହି ସମୟରେ ଇରାନ ଅସ୍ଥାୟୀ ଯୁଦ୍ଧବିରତି ପାଇଁ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଇରାନ ନିଜର ଯୁବପିଢ଼ି, ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତ, କଳାକାରମାନଙ୍କୁ ଦେଶର ସୁରକ୍ଷା ପାଇଁ ଆଗେଇ ଆସିବାକୁ ନିବେଦନ କରିଛି। ଇରାନ କହିଛି, ଦେଶର ବିଦ୍ୟୁତ୍ କେନ୍ଦ୍ର ଓ ଭିତ୍ତିଭୂମି ହେଉଛି ଜାତୀୟ ସମ୍ପତ୍ତି ଏବଂ ଆଗାମୀ ପିଢ଼ିର ଭବିଷ୍ୟତ। ଏହାକୁ ରକ୍ଷା କରିବା ପାଇଁ ଯୁବକମାନେ ପାୱାର ପ୍ଲାଣ୍ଟଗୁଡ଼ିକ ଚାରିପଟେ ଏକ ବିଶାଳ 'ମାନବ ଶୃଙ୍ଖଳା' ତିଆରି କରନ୍ତୁ। ଯୁବପିଢ଼ି ଏକାଠି ହୋଇ ବିଶ୍ୱକୁ ଏହି ବାର୍ତ୍ତା ଦିଅନ୍ତୁ ଯେ ଇରାନବାସୀ ନିଜ ମାତୃଭୂମିକୁ ରକ୍ଷା କରିବା ପାଇଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ପ୍ରସ୍ତୁତ। ଦେଶ ପାଇଁ ପ୍ରାଣବଳି ଦେବାକୁ ପଛାଇବେ ନାହିଁ ବୋଲି ପ୍ରାୟ ୧୪ ନିୟୁତ ଯୁବକ ସ୍ୱେଚ୍ଛାକୃତ ଭାବେ ଆଗ୍ରହ ପ୍ରକାଶ କରିଥିବା ଇରାନ୍ ଦାବି କରିଛି।

## ଓଡ଼ିଶା ନୂଆ...

ପାଢ଼ୀ। ପରବର୍ତ୍ତୀ ଗଣତି ଦିନଗୁଡ଼ିକ ଏହି ପର୍ଯ୍ୟାୟ ପରେ ଘୋଷଣା କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ଆସନ୍ତା ୧୪ ତାରିଖ ଓଡ଼ିଆ ନବବର୍ଷରେ ମହାପ୍ରଭୁଙ୍କ ନୂତନ ରତ୍ନ ପଲଙ୍କ ବ୍ୟବହାର ହେବ। ନୂତନ ରତ୍ନ ପଲଙ୍କର ସଂସ୍କାର କରାଯିବା ପରେ ଏହା ବ୍ୟବହାର କରାଯିବ। ତିନୋଟି ନୂତନ ରତ୍ନ ପଲଙ୍କ ନିର୍ମାଣ କରାଯାଇଥିବା ବେଳେ ଏଥିରେ ରୁପା ଆଚ୍ଛାଦିତ କରାଯାଇଛି। ପୁରୁଣା ରତ୍ନ ପଲଙ୍କ ଶ୍ରୀମନ୍ଦିର ନିଳାଦ୍ରୀ ମ୍ୟୁଜିୟମରେ ରଖାଯିବ। ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ପରେ ପୁରୁଣା ରତ୍ନ ପଲଙ୍କ କେଉଁଠାରେ ରଖାଯିବ, ସେନେଇ ନିଷ୍ପତ୍ତି ନିଆଯିବ ବୋଲି ଡ. ପାଢ଼ୀ କହିଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ପୁରୀ ଜିଲ୍ଲାପାଳ, ଏସପି, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ, ଛତିଶା ନିଯୋଗ ସେବାୟତ ପ୍ରତିନିଧି ଉପସ୍ଥିତ ଥିଲେ।

ସୂଚନା ଥାଉକି, ଏହା ପୂର୍ବରୁ ଗତ ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ରତ୍ନଭଣ୍ଡାର ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଟିମ୍ ମନ୍ଦିର ଭିତରେ ରତ୍ନ ଅଳଙ୍କାର ଗଣତି କରିଥିଲେ। ଗଣତିମଣତି ସମୟରେ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓଗ୍ରାଫି, ଫଟୋଗ୍ରାଫି ଓ ଥ୍ରିଡି ମ୍ୟାପିଙ୍ଗ୍ କରାଯାଇଥିଲା। ତେବେ ସମ୍ପୂର୍ଣ୍ଣ ଗଣତିମଣତି ସରିବା ପରେ ଏହାକୁ ୧୯୭୮ ମସିହା ତାଲିକା ସହ ମେଳ କରି ୨୦୨୬ର ଟ୍ୟାଗ ଲଗାଯିବ।

## ନମ୍ବର ପ୍ଲେଟ୍‌ରେ...

କେବଳ ରେଜିଷ୍ଟ୍ରେସନ ନମ୍ବର ବ୍ୟତୀତ ଅନ୍ୟ କୌଣସି ଲୋଗୋ ରହିପାରିବ ନାହିଁ। ଏଥିପାଇଁ ଆସନ୍ତାକାଲିଠାରୁ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ନମ୍ବର ପ୍ଲେଟରେ କୌଣସି ଲୋଗୋ ଲଗାଯାଇଥିଲେ ତାକୁ ତୁରନ୍ତ ହଟାଯିବ। ପୁଲିସ କର୍ମଚାରୀ ନ ହୋଇ ଯଦି କୌଣସି ବ୍ୟକ୍ତି ପୁଲିସ ଲୋଗୋ ବ୍ୟବହାର କରିଥିବେ, ତା'ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ୫୦ ଲକ୍ଷ...

ସୁନାଗହଣା ଜବତ କରାଯାଇଛି। ଏହାଛଡ଼ା ୫ଟି ଚାରିଚକିଆ ଓ ୪ଟି ୨ଚକିଆ ଯାନ ଜବତ୍ ହୋଇଛି। ବୈଶିଙ୍ଗା ଥାନା ଅଞ୍ଚଳର ୪ଟି ସ୍ଥାନରେ, ରାଇରଙ୍ଗପୁର ଥାନା ଅଞ୍ଚଳର ୩ଟି ସ୍ଥାନରେ, ଝାରପୋଖରିଆ ଥାନା ଅଞ୍ଚଳର ୩ଟି ସ୍ଥାନରେ,ବାରିପଦା ଥାନା ଅଞ୍ଚଳର ୩ଟି ସ୍ଥାନରେ,ଶୁଳିଆପଦା ଓ ବାଙ୍ଗିରିପୋଷୀ ଥାନା ଅଞ୍ଚଳର ଗୋଟିଏ ଲେଖାଏଁ ସ୍ଥାନରେ ଏହି ଚଢାଉ ଜାରି ରହିଛି। ଏହି ଚଢ଼ାଉର ନେତୃତ୍ୱ ପୂର୍ବାଞ୍ଚଳ ରେଞ୍ଜ୍ ଡିଆଇଜି ପିନାକ ମିଶ୍ର ନେଉଥିବା ବେଳେ ଟିମ୍‌ରେ ୧୭ ଜଣ ଡିଏସ୍‌ପି, ୨୫ ଜଣ ଇନ୍ସପେକ୍ଟର ଓ ୬୬ ଜଣ ସବ୍ ଇନ୍ସପେକ୍ଟର ଅଛନ୍ତି। ଏହି ଚଢ଼ାଉରେ ସମୁଦାୟ ୧୮ ପ୍ଲାଟୁନ୍ ପୁଲିସ୍ ଫୋର୍ସଙ୍କୁ ନିୟୋଜିତ କରାଯାଇଛି।

ସେହିପରି ବାଲେଶ୍ୱର ସହର ସମେତ ଜିଲ୍ଲାର ୧୧ଟି ସ୍ଥାନରେ ଗୋ-ମାଫିଆଙ୍କ ଘରେ ଚଢ଼ାଉ ହୋଇଛି। ବିଡ଼ା ବିଡ଼ା ୫ ଶହ ଟଙ୍କିଆ ନୋଟ୍ ସହ ସୁନା ଓ ରୁପା ଆଦି ଅଳଙ୍କାର ଜବତ କରାଯାଇଛି। ଆହୁରି ବିଭିନ୍ନ ସ୍ଥାନରେ ଜମି କାଗଜପତ୍ର ଓ ଏକାଧିକ ଏଟିଏମ କାର୍ଡ, କାର ମଧ୍ୟ ଜବତ ହୋଇଛି। ଖଇରା ବ୍ଲକ୍ ସାରଡାଙ୍ଗ ପଞ୍ଚାୟତ ସାଆଁଳପୁର ଗ୍ରାମରେ ଚଢ଼ାଉ ହୋଇଥିଲା।ସହରରେ କଂସେଇ ମହଲା, ପୁଲ ବଜାର ଓ ବଙ୍କା ଖଜୁରୀ ଅଞ୍ଚଳରେ ଚାଲିଛି ଚଢ଼ାଉ। ଜିଲ୍ଲାର ୧୦ ସ୍ଥାନରେ ଚଢ଼ାଉ ଜାରି ରଖିଛି ପୁଲିସ। ଏସପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ଖଇରା ଆଇଆଇସି ଜନ ପଟ୍ଟନାୟକ, ସିମୁଳିଆ ଆଇଆଇସି ଦେବରାଜ ଜେନା, ଖଇରା ତହସିଲରେ ଅତିରିକ୍ତ ତହସିଲଦାର ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ଚଢାଉରେ ସାମିଲ ହୋଇଛନ୍ତି। ସହରର ସେକ୍ ହାଫିଜ୍ ଓ ସେକ ଜଲାଲୁଦ୍ଦିନ ଘରେ ରେଡ୍ ବେଳେ ବିପୁଳ ପରିମାଣର ସୁନା ଗହଣା, କାର ,ସ୍କୁଟର ଓ ଟଙ୍କା ଜବତ କରାଯାଇଛି। ଗୋରକ୍ଷକଙ୍କୁ ଗାଡ଼ି ଚଢାଇବା, ଜଣଙ୍କର ମୃତ୍ୟୁ ହେବା ପରେ ଆକ୍ସନ ମୋଡ୍‌କୁ ଆସିଛନ୍ତି ରାଜ୍ୟ ସରକାର। ସେହିପରି ଭଦ୍ରକର ୮ଟି ସ୍ଥାନରେ ଏହି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି।

## ଅପବାଦରୁ...

କେତେକ ଦୋକାନୀ ନିଜେ ବଞ୍ଚିବା ପାଇଁ କାଠ ଚୂଲିରେ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବାରେ ଲାଗିଛନ୍ତି। କେବଳ ହୋଟେଲ କିମ୍ବା ଦୋକାନ ନୁହେଁ, ସହରାଞ୍ଚଳରେ ଥିବା ହଷ୍ଟେଲଗୁଡ଼ିକରେ ମଧ୍ୟ ଏକରକମ ତାଲା ପଡ଼ିଗଲାଣି।

ରାଜ୍ୟ ସରକାର ଗ୍ୟାସ ସଙ୍କଟର ମୁକାବିଲା ପାଇଁ ପ୍ରଥମେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସିଲିଣ୍ଡରଗୁଡ଼ିକ ଜବତ କଲେ। କିନ୍ତୁ ପରେ ଆଉ କାହାର ଦେଖା ଦର୍ଶନ ନାହିଁ। ଏଣେ ଗୋଟିଏ ସିଲିଣ୍ଡର ମିଳିବାର ୪୫ ଦିନ ପରେ ଆଉ ଗୋଟିଏ ସିଲିଣ୍ଡର ବୁକିଂ ପାଇଁ କୁହାଯାଉଛି। ଯେଉଁମାନଙ୍କ ଘରେ ପାଞ୍ଚ ପ୍ରାଣୀ କୁଟୁମ୍ବ ରହିଛନ୍ତି ସେମାନେ ଗୋଟିଏ ସିଲିଣ୍ଡରରେ କିଭଳି ୪୫ ଦିନ ଚଳିବେ, ସେହି ଚିନ୍ତାରେ ଚୋରାରେ ରନ୍ଧନ ଗ୍ୟାସ ଖରିଦ କରିବାକୁ ସେମାନେ ବାଧ୍ୟ ହେଉଛନ୍ତି।

ଗ୍ୟାସ ସିଲିଣ୍ଡର ଅଭାବରୁ ଏବେ ସହରାଞ୍ଚଳରେ ହଷ୍ଟେଲ କିମ୍ବା ଭଡ଼ାଘରେ ରହି ପାଠ ପଢୁଥିବା ପିଲାମାନେ ଗାଁରେ ଥିବା ନିଜ ନିଜ ଘରକୁ ଯିବା ଆରମ୍ଭ କରିଛନ୍ତି। ସରକାର ଏବେ ୫ କେଜିବିଶିଷ୍ଟ ଗ୍ୟାସ ସିଲିଣ୍ଡର ବିଭିନ୍ନ ଗ୍ୟାସ ଏଜେନ୍ସି ଜରିଆରେ ମିଳିବ ବୋଲି କହିବା ପରେ ସେମାନଙ୍କ ସମସ୍ୟା ଆହୁରି ବଢ଼ିଯାଇଛି। ପୂର୍ବରୁ ଏହା ବିଭିନ୍ନ ତେଲ ଟାଙ୍କି ସହ ବିଭିନ୍ନ ସ୍ଥାନରେ ଖୋଲାଖୋଲି ଭାବେ ବିକ୍ରି ହେଉଥିଲା।

ଏବେ ଗ୍ୟାସ ସଙ୍କଟ ଅପବାଦରୁ ସରକାରଙ୍କୁ ମୁକୁଳାଇବା ପାଇଁ ଗ୍ୟାସ ବିତରଣ ଦାୟିତ୍ୱରେ ଥିବା ତୈଳ କମ୍ପାନୀମାନେ ପର୍ଯ୍ୟାପ୍ତ ଗ୍ୟାସ ରହିଥିବାର ଜୋରଦାର ପ୍ରଚାର କରୁଛନ୍ତି। ସେମାନଙ୍କ ସହ ରାଜ୍ୟ ପ୍ରଶାସନ ବି ସାମିଲ ରହୁଛି। ତେବେ ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି, ଯଦି ପର୍ଯ୍ୟାପ୍ତ ପରିମାଣରେ ଗ୍ୟାସ ଉପଲବ୍ଧ ତେବେ କେତେକ ଗ୍ୟାସ ଏଜେନ୍ସି ପୂର୍ବଭଳି ଲୋକଙ୍କ ଘରେ ସିଲିଣ୍ଡର ନ ଦେଇ ସେମାନଙ୍କୁ କାହିଁକି ନିର୍ଦ୍ଦିଷ୍ଟ ସ୍ଥାନକୁ ଆସିବାକୁ କହୁଛନ୍ତି ଓ ଲୋକେ ବି ରାତି ପାହିଲେ କାହିଁକି ଖାଲି ସିଲିଣ୍ଡରଟିଏ ଧରି ଏସ୍ଥାନକୁ ସେ ସ୍ଥାନକୁ ଧାଉଁଛନ୍ତି। ଗୋଟିଏ ପଟେ ରନ୍ଧନ ଗ୍ୟାସ ସଙ୍କଟ ଓ ଅନ୍ୟପଟେ ସରକାରଙ୍କ ମୁକାବିଲାମୂଳକ ଘୋଷଣା ସାଧାରଣ ଲୋକଙ୍କୁ ଗୋଲକଧନ୍ଦାରେ ପକାଇ ଦେଇଛି।

# ଏକାଠି ଜଳିଲା ୪ ଜୁଇ

## ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ

**କୋରାପୁଟ,୭।୪(ସଂଚାର ବ୍ୟୁରୋ)ଃ** ଏକାଠି ଜଳିଲା ଚାରିଟି ଜୁଇ। ଶୋକାକୁଳ ପରିବେଶରେ ସରିଲା ଶେଷକୃତ୍ୟ। ଏକାଠି ଜଳିଲା ଗୋଟିଏ ପରିବାରର ଚାରି ଚାରି ସଦସ୍ୟଙ୍କ ମରଶରୀର। ଗତକାଲି ରାତିରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବଡ଼କୁମାରୀ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଗୋଟିଏ ପରିବାରର ଚାରିଜଣଙ୍କ ମୃତ୍ୟୁ ଘଟିଥିଲା। କୋରାପୁଟ ସୁନାବେଡାରୁ ଗୋଟିଏ ପରିବାରର ସମ୍ପର୍କୀୟମାନେ ଗାଡ଼ିରେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଚିତାବେଡ଼ାକୁ ଏକ ବ୍ରତ ଘରକୁ ଯାଇଥିଲେ। ଫେରିବା ବାଟରେ ବିପରୀତ ଦିଗରୁ ଆସୁଥିବା କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ୧୦ ବର୍ଷର ନାତି, ଅଜା, ବଡ ଅଜା ଓ ଭଣଜାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇ କୋରାପୁଟ ଏସଏଲଏନସି ମେଡିକାଲ କଲେଜରେ ଚିକିତ୍ସାଧୀନ ଅଛନ୍ତି। ଗୋଟିଏ ପରିବାରର ଚାରିଚାରି ସଦସ୍ୟଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ୪ଦିନିଆ ନନ୍ଦନକାନନ ଗସ୍ତରେ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ)ଃ** ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ୪ଦିନିଆ ଗସ୍ତରେ ଆସି ପହଞ୍ଚିଛନ୍ତି କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଡ୍‌ଏ)ଙ୍କ ଦୁଇଜଣିଆ ଦଳ। ଦୁଇ ଜଣ ହେଉଛନ୍ତି, ଜଣେ ଅବସରପ୍ରାପ୍ତ ଭେଟେନାରି ଅଫିସର ଡ ଜାକବ ଆଲେକଜାଣ୍ଡାର ଓ ଅନ୍ୟ ଜଣେ ଅବସରପ୍ରାପ୍ତ ପିସିସିଏଫ କଣ୍ଡଲ ରାଓ। ମଙ୍ଗଳବାର ଏହି ଦଳ ନନ୍ଦନକାନନରେ ପହଞ୍ଚିବା ପରେ ନନ୍ଦନକାନନ କର୍ତ୍ତୃପକ୍ଷ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଏହି ଦଳ ନନ୍ଦନକାନନର ବିଭିନ୍ନ ଖୁଆଡମାନ ବୁଲି ଦେଖିଥିଲେ। ତାଙ୍କ ସହ ପରିଦର୍ଶନରେ ନନ୍ଦନକାନନ ନିର୍ଦ୍ଦେଶକ ସନତ କୁମାର ନାରାୟଣ, ଉପ ନିର୍ଦ୍ଦେଶକ ଅଭୟ କୁମାର ଦଳାଇଙ୍କ ସମେତ ସମସ୍ତ ବିଭାଗର ଏସିଏଫ, ରେଞ୍ଜର ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ୭୦ ଗ୍ରାମ ବ୍ରାଉନସୁଗର ଜବତ, ବେପାରୀ ଗିରଫ



ଯାଜପୁର,୭।୪ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଏବେ ମଦ, ଗଞ୍ଜେଇ, ବ୍ରାଉନ ସୁଗାର ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି । କିନ୍ତୁ ଢୋଲୀପୁର ଅବକାରୀ ବିଭାଗର ଏକ ଟିମ ଆଜି ଜଣେ ପେସାଦାର ବ୍ରାଉନ ସୁଗାର ବେପାରୀଙ୍କୁ ପାଣିକୋଇଲି ଥାନା ଜହ୍ନ ଛକ ନିକଟରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବେପାରୀ ଯାଜପୁର ରୋଡ଼ ଥାନା ଢୋଲିପୁରର ନାରାୟଣ ପାତ୍ରଙ୍କ ପୁଅ ଗିରିଧାରୀ। ଗିରଫ ସମୟରେ ଅବକାରୀ ଟିମ ଗିରିଧାରୀଙ୍କ ଠାରୁ ୭୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗଙ୍କ ଠାରୁ ସୂଚନା ମିଳିଛି ।

ଗତ ଦୁଇ ଦିନ ପୂର୍ବେ ଯାଜପୁର ରୋଡ଼ସ୍ଥ ଢୋଲୀପୁର ଅବକାରୀ ବିଭାଗ ଅଧୀନସ୍ଥ ମିଟୁଆନି ପୋଖରୀ ନିକଟରେ ବ୍ରାଉନ ସୁଗାର ଅବାଧରେ ବିକ୍ରି ହେଉଥିବା ସାମାଜିକ ଗଣମାଧ୍ୟମରେ ଏକ ଫଟୋ ଭାଇରାଲ ହେବା ପରେ ଢୋଲୀପୁର ଅବକାରୀ ବିଭାଗର ଚେତା ପଶିଥିଲା । ଯାହାଫଳରେ ସମ୍ପୃକ୍ତ ଆସାମୀଙ୍କୁ ଠାବ କରିବାକୁ ଅବକାରୀ ବିଭାଗ ତତ୍ପର ହୋଇ ଉଠିଥିଲା । ତେବେ ଏହି ଟିମରେ ଇନିସପେକ୍ଟର ସସ୍ମିତା ହୋତା ଓଆଇସି ରାମେଶ୍ୱର ମହାନ୍ତି, ଏଏସଆଇ ଦେବକାନ୍ତ ଆଚାର୍ଯ୍ୟ ଓ ରଶ୍ମିରେଖା ଜେନା, କନଷ୍ଟେଓ୍ୱଲ ଶିଶିର ପ୍ରଧାନ ଓ ଚଗଲା ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

### ଟ୍ରକ ଲୋଡିଂକୁ ନେଇ ଉତ୍ତେଜନା

## ପଥର ମାଡ଼ରେ ଫାଣ୍ଡି ଅଧିକାରୀ ଆହତ, ୧୩ ଗିରଫ

ସୁନ୍ଦରଗଡ଼, ୭।୪(ସଂଚାର ବ୍ୟୁରୋ): ଗତ ସୋମବାର ରାତିରେ ଟ୍ରକ ଲୋଡିଂକୁ ନେଇ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଏମସିଏଲ ଗର୍ଜନବାହାଲ ଖଣିରେ ଲୋଡିଂ କୁ ନେଇ କର୍ମଚାରୀ ଓ ଡ୍ରାଇଭରଙ୍କ ଭିତରେ ବାକବିତଣ୍ଡା, ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଏହାକୁ ପ୍ରଶମିତ କରିବାକୁ ଯାଇ ଘଟଣାସ୍ଥଳରେ ବଲିଙ୍ଗା ପୋଲିସ କର୍ମଚାରୀ ପଥର ମାଡ଼ରେ ଆହତ ହୋଇଥିବା ନେଇ ଅଭିଯୋଗ ହୋଇଛି, ଏଥିରେ ବଲିଙ୍ଗା ଫାଣ୍ଡି ଅଧିକାରୀ ସୁଶୀଲ ବଗର୍ତ୍ତୀ ଓ ହାବିଲଦାର ଅମରଜିତ ପଣ୍ଡା ଆହତ ହୋଇଛନ୍ତି,ଦୁଇ ଜଣଙ୍କ ମୁଣ୍ଡ ଫାଟିଥିବାରୁ ଉଭୟଙ୍କୁ ଅନ୍ୟ ପୋଲିସ ଅଧିକାରୀ ମାନେ ଉଦ୍ଧାର କରି ତୁରନ୍ତ ହେମଗିରି ଡାକ୍ତରଖାନା ରେ ଭର୍ତ୍ତି କରିଛନ୍ତି,ସେଠାରେ ସେମାନେ ଚିକିତ୍ସିତ ହଉଥିବା ସୂଚନା ମିଳିଛି, ସୁନ୍ଦରଗଡ଼ ଆରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କିଛି ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆୟତ୍ତ କରିବା ପରେ ଆଜି ଖଣି ବନ୍ଦ ରହିଛି, ଏହି ଘଟଣାରେ ହେମଗିରି ପୁଲିସ ଗଣ୍ଡଗୋଳରେ ସମ୍ପୃକ୍ତ ୧୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ହାଇଓ୍ୱା ଧକ୍କାରେ ସ୍କୁଟି ଆରୋହୀ ମୃତ

## କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ



ଯାଜପୁର,୭।୪(ସଂଚାର ବ୍ୟୁରୋ): ଯାଜପୁର ଜିଲା କଳିଙ୍ଗନଗର ଥାନା ଡୁବୁରି ହାଟ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଚିପ୍ସ ବୋଝେଇ ହାଇଓ୍ୱା ଏବଂ ସ୍କୁଟି ମଧ୍ୟରେ ଧକ୍କା ହେବାରୁ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଡୁବୁରୀ ଗାଁର ବିଜୟ ସ୍ୱାଇଁ (୪୫) । ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଖବର ପାଇବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏପରିକି ମୃତକଙ୍କ କ୍ଷତିପୂରଣ ଦାବିରେ ଶବ ରଖି ଉତ୍ତେଜିତ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ । ଯାହାଫଳରେ ଟମକା - କଳିଙ୍ଗନଗରକୁ ଯାତାୟାତ ଠପ ହୋଇଯାଇଥିଲା । ଖବର ପାଇ କଳିଙ୍ଗନଗର ପୋଲିସ ସଦଳ ବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ। ହେଲେ ମୃତକଙ୍କ ପରିବାରଙ୍କୁ କ୍ଷତି ପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତା ଅବରୋଧରୁ ଓହରିବୁ ନାହିଁ ବୋଲି ନିଜ ଜିଦରେ ଅଟଳ ରହିବା ଘଟଣା ପ୍ରଶାସନ ଚିନ୍ତାରେ ପଡିଥିଲା । କାରଣ ଗୋଟିଏ ପଟେ କ୍ଷତି ପୂରଣ ଦାବି ଅନ୍ୟ ପଟେ ରାସ୍ତା ଅବରୋଧ ପ୍ରଶାସନର ଚିନ୍ତା ଦ୍ୱିଗୁଣିତ ହୋଇଥିଲା। ତେବେ ଜାତୀୟ ରାଜପଥରେ ଯାତାୟତ ବାଧାପ୍ରାପ୍ତ ହେବାରୁ ଏହାର ସମାଧାନ ପାଇଁ ପ୍ରଶାସନ ହସ୍ତକ୍ଷେପ କରିଥିଲା । ଯାହାଫଳରେ ଜିଲା ରେଡ଼କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୫ହଜାର ଟଙ୍କା ଦିଆଯିବା ସହ ନିୟମାନୁଯାଇ ସମସ୍ତ ସୁବିଧା ସୁଯୋଗ ମିଳିବା ପାଇଁ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୩.୩୦ ରାସ୍ତା ଅବରୋଧ ହଟିଥିଲା ଏବଂ ଘଟଣାସ୍ଥଳରେ ସ୍ୱାଭାବିକ ଅବସ୍ଥା ଫେରିଥିଲା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବିଜୟ କୌଣସି କାର୍ଯ୍ୟ ରେ ଗାଁ ରୁ ବାହାରି ପ୍ରାୟ ସକାଳ ୭.୪୫ରେ ଡୁବୁରୀ ଛକ ଅଭିମୁଖେ ଯାଉଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା ।

### କାକଟପୁରରେ ସୁଭଦ୍ରା ଶକ୍ତି ମେଳା

# ସୁଭଦ୍ରା ମା'ମାନେ ହେବେ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ

କାକଟପୁର/ଅସ୍ତରଙ୍ଗ,୭।୪ (ସଂଚାର ବ୍ୟୁରୋ): ''ସୁଭଦ୍ରା ମା'ମାନଙ୍କ ଅନ୍ତର୍ନିହିତ ଶକ୍ତିର ଜାଗରଣ ପାଇଁ ସୁଭଦ୍ରା ଶକ୍ତି ମେଳା'' ଆୟୋଜିତ ହୋଇଛି। ସୁଭଦ୍ରା ମେଳା ନାରୀ ଶକ୍ତିର ବିକାଶ ଓ ସମୃଦ୍ଧିର ପ୍ରତୀକ। ଯଦି ଓଡ଼ିଶାର ମା', ଭଉଣୀମାନେ ନିରନ୍ତର ପରିଶ୍ରମ କରିବେ ତେବେ ୨୦୩୬ ମସିହା ପୂର୍ବରୁ ବିକଶିତ ଓଡିଶା ଗଠନ ସମ୍ଭବ ହୋଇପାରିବ। କାକଟପୁର ନୂଆ ବସ ଷ୍ଟାଣ୍ଡ ସାମ୍ନାରେ ଆୟୋଜିତ "ସୁଭଦ୍ରା ଶକ୍ତି ମେଳା"କୁ ଉଦ୍‌ଘାଟନ କରି ଏହା କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।

ପବିତ୍ର ଝାମୁଯାତ୍ରା ଅବସରରେ ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ଶ୍ରୀଧର ନାୟକ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ମୁଖ୍ୟ ବକ୍ତା ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ, ସମ୍ମାନିତ ଅତିଥି ଜିଲ୍ଲା ମୁଖ୍ୟ



ଉନ୍ନୟନ ଅଧିକାରିଣୀ ଅରୁଗୁଲା ସ୍ନେହା, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରିଣୀ ତନୁପ୍ରଭା ବେଉରା,କାକଟପୁର ବିଡ଼ିଓ ନାରାୟଣ ଦୀକ୍ଷିତି ପ୍ରମୁଖ ଉପସ୍ଥିତ ଥିଲେ।

ଓଡିଶାର ମା, ଭଉଣୀ ଏବଂ ଝିଅ ମାନଙ୍କର ପ୍ରତିଭା, ଦକ୍ଷତା ଓ ଉଦ୍ୟମର ନିଦର୍ଶନ। ପ୍ରତ୍ୟେକ ମହିଳା କିଭଳି ଦକ୍ଷ ଉଦ୍ୟୋଗୀ ହୋଇ ଆର୍ଥିକ ସ୍ୱତନ୍ତ୍ରତା ହାସଲ କରିବେ ସରକାର ସେଥିପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଅନ୍ୟତମ ଅତିଥି ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ କହିଥିଲେ, ଡବଲ ଇଂଜିନ ସରକାର ରେ ପରିବାର ଉଭୟ ପୁରୁଷ ଓ ମହିଳା ରୋଜଗାରକ୍ଷମ ହେବା ପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି କହିଥିଲେ। କାକଟପୁର ବିଡ଼ିଓ ନାରାୟଣ ଦୀକ୍ଷିତି ଧନ୍ୟବାଦ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଷ୍ଟଲ ବୁଲି ଦେଖିବା ସହିତ ସ୍ୱୟଂ ସହାୟିକା ମହିଳା ମାନଙ୍କ ଉତ୍ପାଦିତ ସାମଗ୍ରୀର ପ୍ରଶଂସା କରିଥିଲେ। ସୂଚନା ଯୋଗ୍ୟ ଯେ, ମେଳାରେ ୨୦୦ରୁ ଉର୍ଦ୍ଧ ଏସଏଚଜି ୫୦ଷ୍ଟଲ ରେ ସାମଗ୍ରୀ ପ୍ରଦର୍ଶନ କରିଛନ୍ତି। ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଓ କଳାକୃତି, ମିଲେଟ ଓ ଅର୍ଗାନିକ ଉତ୍ପାଦ, ଖାଦ୍ୟ ଓ ମସଲା ସାମଗ୍ରୀ, ଟେରାକୋଟା ଓ ବାଉଁଶ ଶିଳ୍ପ ଆଦି ଉତ୍ପାଦ ସ୍ଥାନ ପାଇଥିଲା।

## ବସଷ୍ଟାଣ୍ଡରେ ନାହିଁ ସମୟ ସାରଣୀ

### ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଯାତ୍ରୀ




ଢେଙ୍କାନାଳ,୭।୪ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ବସ୍ ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ଅସୁବିଧାକୁ କେହି ଦୃଷ୍ଟି ଦେଉନାହାନ୍ତି। ପ୍ରତ୍ୟେକଦିନ ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଉଭୟ ସରକାରୀ ଏବଂ ବେସରକାରୀ ବସ୍ ଯୋଗେ ଯିବାଆସିବା କରିଥାନ୍ତି। କୌଣସି ସ୍ଥାନକୁ ବସରେ ଯିବାକୁ ହେଲେ ବସ୍ ଷ୍ଟାଣ୍ଡରେ ଥିବା ସିକ୍ୟୁରିଟୀକୁ ହେଉ ଅବା ଯେକୌଣସି ବସ୍‌ର କର୍ମଚାରୀଙ୍କୁ ସମୟ ଏବଂ ବସ୍ ବାବଦରେ ବାରମ୍ବାର ପଚାରିବାକୁ ପଡୁଛି। ଏହାଦ୍ୱାରା ଯାତ୍ରୀମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ସମୟ ମଧ୍ୟ ନଷ୍ଟ ହେଉଛି। କୌଣସି ସ୍ଥାୟୀ ସମୟ ସାରଣୀର ବ୍ୟବସ୍ଥା କରାଯାଇନାହିଁ। ଯେଉଁ ଅସ୍ଥାୟୀ ସମୟ ସାରଣୀ ଟି ଲଗାଯାଇଥିଲା ତାହା ଏବେ ପବନ ହେବା ଦ୍ୱାରା ଓହଳିପଡ଼ି ଅସ୍ପଷ୍ଟ ହୋଇଯାଇଛି ।

ଏ ନେଇ ଢେଙ୍କାନାଳ ଓ.ଏସ.ଆର୍.ଟି.ସି. ର ମ୍ୟାନେଜର ରଶ୍ମିତା ପ୍ରିୟଦର୍ଶିନୀ କୁହନ୍ତି ବେସରକାରୀ ବସ୍‌ର ସମୟ ସାରଣୀ ବିଷୟରେ ସେ ମଧ୍ୟ ଜାଣି ପାରୁନାହାନ୍ତି, ତେଣୁ ବସ୍ ମାଲିକ ସଂଘ ସ୍ଥାୟୀ ସମୟ ସାରଣୀ ବସ ଷ୍ଟାଣ୍ଡରେ ଲଗାଇ ପାରିବେ। କିନ୍ତୁ ଓ.ଏସ.ଆର୍.ଟି.ସି ର ଏ କାମ ନୁହେଁ ବୋଲି କହିଥିଲେ। ଜିଲ୍ଲା ପରିବହନ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଏଥି ପ୍ରତି ତୁରନ୍ତ ଦୃଷ୍ଟି ଦେବେ ଏବଂ ବସ୍ ମାଲିକ ସଂଘକୁ କହି ଶୀଘ୍ର ଏହାର ସମାଧାନ କରିବେ । ଯାତ୍ରୀମାନେ ପ୍ରତିକ୍ରିୟାରେ ମଧ୍ୟ ଏ ନେଇ ଶୀଘ୍ର ସମାଧାନ କରାଯାଉ ବୋଲି ଦାବି କରିଥିଲେ ।

## ଏଜେଓ ଉଚ୍ଚ ବିଦ୍ୟାଳୟରେ ଶିଶୁ କଥା ଦିବସ ପାଳିତ



ଫୁଲବାଣୀ,୭।୪ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା 'ଓଡ଼ିଆ ପକ୍ଷ ୨୦୨୬' ଅବସରରେ ଆଜି ଫୁଲବାଣୀ ସ୍ଥିତ ସରକାରୀ ଏ. ଜେ. ଓ. ହାଇସ୍କୁଲ ପରିସରରେ 'ଶିଶୁ କଥା ଦିବସ' ମହାସମାରୋହରେ ପାଳିତ ହୋଇଯାଇଛି। କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୋମଳମତି ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା। ଏହି ଉତ୍ସବରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଗଦାଧର ପାତ୍ର ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର ପାଇଁ ଶିଶୁ ସାହିତ୍ୟର ଗୁରୁତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଭକ୍ତକବି ମଧୁସୂଦନ ରାଓଙ୍କ ଅମର ସୃଷ୍ଟି 'ମଧୁ ବର୍ଣ୍ଣବୋଧ' ଏବଂ ବିଭିନ୍ନ 'ଶିଶୁ ଲେଖା' ପୁସ୍ତିକା ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀବୃନ୍ଦ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ଆତ୍ମହତ୍ୟା



ବାଲିଆପାଳ,୭।୪(ସଂଚାର ବ୍ୟୁରୋ): କାର୍ଯ୍ୟରତ ଥିବା ପ୍ରଧାନ ଶିକ୍ଷକଙ୍କ ଆତ୍ମହତ୍ୟା। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ମାନସିକ ଚାପ ରେ ଚରମ ନିଷ୍ପତ୍ତି ନେବା କଥା ସନ୍ଦେହ। ସୁଚନା ଅନୁସାରେ ବାଲିଆପାଳ ବ୍ଲକ ଟଗରା ଗଦାଧର ସ୍ମୃତି ଉଚ୍ଚ ବିଦ୍ୟାପୀଠର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଦେବତୋଷ କୁମାର ଦତ୍ତ ସୋମବାର ମଧ୍ୟରାତ୍ରରେ ବଡାଣ ପଞ୍ଚାୟତର ମାଣିକ ସିମୁଳିଆ ସ୍ଥିତ ନିଜ ଘର ବାଡ଼ିରେ ଥିବା ଗଛ ରେ ବେକରେ ରଶି ଲଗାଇ ଲଗାଇ ଦେଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ଝୁଲନ୍ତା ଅବସ୍ଥାରେ ମୃତ ଦେହ କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ଏପ୍ରିଲ ୩୦ ତାରିଖ ରେ ତାଙ୍କର ଚାକିରୀରୁ ଅବସର ନେବାର ଥିଲା। କିଛି ଦିନ ତଳେ ଡାଇବେଟିସ ରୋଗରେ ଆକ୍ରାନ୍ତ ଥିଲେ। ଏବଂ ସରକାରଙ୍କ ଦ୍ୱାରା ଆର ଆର ସି ଟ୍ରେନିଂ ପାଇଁ ଅଧିକ ମାନସିକ ଚାପରେ ରହ ଏମିତି ନିଷ୍ପତ୍ତି ନେଇଛନ୍ତି ବୋଲି ଗ୍ରାମବାସୀ ତୀର୍ଥ କୁମାର ନାଗ, ଜୟନ୍ତ ଦତ୍ତ, ଭଜହରି ସେଠି ଏବଂ ଶିକ୍ଷକ ସଂଘ ର ସଭାପତି ବିଜୟ କୁମାର ପାତ୍ର, ସହକାରୀ ଶିକ୍ଷକ ଅରୁଣ କୁମାର ପାତ୍ର, ପ୍ରଶାନ୍ତ କରଣ, ପୂର୍ଣ୍ଣ ଚନ୍ଦ୍ର ସାହୁ, ପ୍ରମୁଖ କହିଛନ୍ତି।

## ପେଟ୍ରୋଲ ପମ୍ପରେ ହେଉନି ଅନ୍‌ଲାଇନ କାରବାର

### ଲୋକେ ହନ୍ତସନ୍ତ



ଯାଜପୁର ରୋଡ଼,୭।୪(ସଂଚାର ବ୍ୟୁରୋ): ଟଙ୍କା ନେଣଦେଣ ସମୟରେ ଏକ ପ୍ରମାଣ ଓ ଠକାମିର ଶିକାରକୁ ରୋକିବା ଦିଗରେ ସରକାରଙ୍କ ପ୍ରଚଳିତ ଅନ୍‌ଲାଇନ ଟଙ୍କା କାରବାର ଆଧୁନିକ ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା କରୁଥିବା ବେଳେ ବ୍ୟାସନଗର ପୌରାଞ୍ଚଳ ସହରର ଗାନ୍ଧୀ ମାର୍ଗ ରୋଡ଼ରେ ଥିବା ବ୍ୟାଙ୍କଷ୍ଟ୍ରିଟ ଏରିଆର ମିଶି ଲାଲ ପେଟ୍ରୋଲ ପମ୍ପରେ ଅନ୍‌ଲାଇନ କାରବାର ଏଇ କିଛି ଦିନ ହେଲା ଚାଲୁନାହିଁ। ଯାହା ଦ୍ୱାରା ଟଙ୍କା ଆଣିନଥିବା ଲୋକ, ଖାଲି ମୋବାଇଲ୍ ଧରି ଅନଲାଇନ୍ ମାଧ୍ୟମରେ କାରବାର କରିବାର ଅଭ୍ୟାସକୁ ଆପଣାଇ ଥିବା ଉକ୍ତ ଲୋକମାନେ ଏବେ ଏହି ପେଟ୍ରୋଲ ପମ୍ପରେ ପହଂଚି ଗାଡ଼ିରେ ପେଟ୍ରୋଲ ପକାଇବା ପାଇଁ ଏଠାରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପେଟ୍ରୋଲ କିମ୍ବା ଡିଜେଲ ଗାଡିରେ ପକାଇଲେ ଅନ୍‌ଲାଇନ ବଦଳରେ ଏଠାରେ କେବଳ ଟଙ୍କା ଦେବାକୁ ପଡୁଛି। ଫଳରେ ଅନଲାଇନ୍ ଗ୍ରାହକ ତେଲ ପକାଇବାପରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ସୋଆ କୃଷି ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ

## ମେଣ୍ଢାଶାଳ ଗ୍ରାମରେ ସାମାଜିକ ଅର୍ଥନୈତିକ ସର୍ଭେ

ଭୁବନେଶ୍ୱର,୭।୪ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ)ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ ଗ୍ରାମରେ ଏକ ସପ୍ତାହ ବ୍ୟାପୀ ସାମାଜିକ ଅର୍ଥନୈତିକ ସର୍ଭେ ସହ ସ୍ଥାନୀୟ ଗ୍ରାମବାସୀଙ୍କର ଅର୍ଥନୈତିକ ସ୍ଥିତି, କୃଷି କାର୍ଯ୍ୟ ପରିଚାଳନା ଓ ଜଳାଭାବ ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି।




ମାର୍ଚ୍ଚ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଏହି ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ସର୍ଭେ କରିବା ସହ ପରିବାରର ସ୍ଥିତି, ପ୍ରାଥମିକ ଉପାର୍ଜନ, କୃଷକ ମାନଙ୍କ ଦ୍ୱାରା ଚାଷ କରାଯାଉଥିବା ଫସଲ ଏବଂ କୃଷି କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏଥି ସହିତ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ବିଭିନ୍ନ ସରକାରୀ ବିକାଶମୂଳକ ଯୋଜନା ଏବଂ ଏହାର ଉପାଦେୟତା ସମ୍ପର୍କରେ ଗ୍ରାମରେ ସଚେତନତା ସୃଷ୍ଟି କରାଯାଇଥିଲା।

ସର୍ଭେ ସମୟରେ ଗ୍ରାମବାସୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ସୁବିଧାର ଅଭାବ ବିଷୟରେ ଉଲ୍ଲେଖ କରି ଏହାର ପ୍ରତିକାର ନିମନ୍ତେ ଦାବୀ ଜଣାଇଥିଲେ। ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ସୋଆ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ, ଏଗ୍ରିକଲ୍‌ଚରାଲ ଏକ୍ସଟେନ୍‌ସନ୍ ବିଭାଗର ଡକ୍ଟର ବିବୁଧ ପରାଶର, ପ୍ଲାଣ୍ଟ ଫିଜିଓଲୋଜି ବିଭାଗର ମୁଖ୍ୟ ଡକ୍ଟର ସରୋଜ କୁମାର ମହାନ୍ତି, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡକ୍ଟର ନିତିଶ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର ସବ୍ୟସାଚୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଡ୍ୟାମ୍‌ରେ ବୁଡ଼ି ଯୁବକ ମୃତ



ବଡ଼ଗାଁ,୭।୪ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ଗାଁ ନିକଟ ଡେମ ରେ ଗାଧୋଉଥିବାବେଳେ ଜଣେ ଯୁବକ ବୁଡିଯାଇଥିବା ଜଣାପଡିଛି। ଗ୍ରାମବାସୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ବରଙ୍ଗାକଛାର ନିକଟ ଭେଲୁଆବାହାଲ ଗ୍ରାମର ୨୧ ବର୍ଷୀୟ ଶିବା ମାଝୀ ଙ୍କ ସହିତ ଚାରିଜଣ ଯୁବକ ସୋମବାର ଅପରାହ୍ନ ଚାରିଟା ସମୟରେ ଗାଧୋଇବାକୁ ଯାଇଥିଲେ। ତିନିଜଣ ଯୁବକ ହିଡ଼ ରେ ବସିଥିବାବେଳେ ଶିବା ମାଝୀ ଗାଧୋଇବାକୁ ଡେମ ପାଣିରେ ପଶିଥିଲେ। ଅପରାହ୍ନ ସାଢ଼େ ଚାରିଟା ସମୟରେ ଗାଧୋଉଥିବାବେଳେ କୁଆପଥର ବୃଷ୍ଟି ଓ ବର୍ଷା ହୋଇଥିଲା। ସେ ପାଣିରେ ବୁଡି ଯାଇଥିବା ଜାଣି ଯୁବକମାନେ ଗ୍ରାମବାସୀଙ୍କୁ ଜଣାଇଥିଲେ। ସୂଚନା ପାଇ ବଡ଼ଗାଁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ରାତି ହୋଇଯିବାରୁ ମଙ୍ଗଳବାର ପୂର୍ବାହ୍ନରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଶିବା ମାଝୀଙ୍କ ଶବ ଉଦ୍ଧାର କରିଛନ୍ତି। ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ ପାଇଛି।

# ଜିଲ୍ଲା ମହୋତ୍ସବ କଲ୍ଲୋଳ-୨୦୨୬ ଉଦ୍‌ଯାପିତ

ପାରାଦୀପ,୭।୪ (ସଂଚାର ବ୍ୟୁରୋ): ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଗତ ୫ ଦିନ ଧରି ଚାଲିଥିବା ଜିଲ୍ଲା ମହୋତ୍ସବ କଲ୍ଲୋଳ ଉଦଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ସାଂସଦ, ଜଗତସିଂହପୁର ବିଭୁ ପ୍ରସାଦ ତରାଇ କହିଲେ ଯେ ଶିକ୍ଷା, କଳା ଓ ଯାତ୍ରା ଜଗତରେ ଜଗତସିଂହପୁର ଜିଲ୍ଲା ସାରା ଭାରତରେ ପ୍ରସିଦ୍ଧ । ଏହି ମାଟିର ଅନେକ ସନ୍ତାନ ଓଡ଼ିଶାରେ ଦିଗ ଦର୍ଶନ ସୃଷ୍ଟି କରିଛନ୍ତି । ଯୁବପିଢ଼ୀ ଓ ଜନସାଧାରଣଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ଚେଷ୍ଟା ରହିଲେ ଜିଲ୍ଲା ବିକଶିତ ହୋଇପାରିବ ।

ସଭାରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା କହିଲେ ଯେ ଜଗତସିଂହପୁର ଜିଲ୍ଲା ସଂସ୍କୃତି ଓ ପର୍ଯ୍ୟଟନର ଜିଲ୍ଲା। କଲ୍ଲୋଳ ମହୋତ୍ସବ ଆମ ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ



ବଜାୟ ରଖିଛି । ଆମେ ଏକତ୍ରିତ ହୋଇ ଆମ ଜିଲ୍ଲାର ଉନ୍ନତି ପାଇଁ ଚେଷ୍ଟା କରିଲେ ୨୦୩୬ ରେ ଭାରତ ମାନଚିତ୍ରରେ ଆମ ଜିଲ୍ଲା ସ୍ୱତନ୍ତ୍ର ସ୍ଥାନ ନିଶ୍ଚିତ ହାସଲ କରିବ । ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଲେ ଯେ କଲ୍ଲୋଳ ମହୋତ୍ସବ ଜିଲ୍ଲାର କଳା, ସାହିତ୍ୟ ଓ ସଂସ୍କୃତିକୁ ବଜାୟ ରଖିଛି। ଜିଲ୍ଲାର ମହତ୍ତ୍ୱ, ମହକ ଓ ମୂଲ୍ୟବୋଧ ବିଶ୍ୱ ଦରବାରରେ ସ୍ଥାନ ପାଇଁ ଆମେ ସର୍ବାଙ୍ଗୀନ ଚେଷ୍ଟା କରିବା। ଏହି ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଜେ ସୋନାଲ ଯୁବଶକ୍ତି ସତ୍ୟନିଷ୍ଠ, ନୀତି ପରାୟଣ ଓ ସାଧୁତାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

ଓରମାସ ପଲ୍ଲୀଶ୍ରୀ ମେଳାରେ ସର୍ବୋଚ୍ଚ ବିକ୍ରୟ ପାଇଁ ବରଗଡ଼ ଜିଲ୍ଲାର ମା ଚଣ୍ଡେଶ୍ୱରି ସ୍ୱୟଂ ସହାୟକ ଗୋଷ୍ଠୀ, ଶ୍ରେଷ୍ଠ ଇନୋଭେଟିଭ ପ୍ରଡକ୍ଟ ପାଇଁ କଳାହାଣ୍ଡିର ନୀଳମାଧବ ପିଜି, ସୁନ୍ଦର ପ୍ରଦର୍ଶନ ପାଇଁ ମା ସାରଳା ଟେଲରିଂ ପିଜି, ଶ୍ରେଷ୍ଠ ଖାଦ୍ୟ ଷ୍ଟଲ ପାଇଁ ରାଜସ୍ଥାନୀ ଖାଦ୍ୟ ଷ୍ଟଲ, ବେଷ୍ଟ ଡିସିପ୍ଲିନ ପାଇଁ ସୁନ୍ଦରଗଡର ବାବା ନାଗେଶ୍ୱର ଦିବ୍ୟାଙ୍ଗ ଗୋଷ୍ଠୀ, ବେଷ୍ଟ ସେଲ୍ସମ୍ୟାନ ପାଇଁ ସମ୍ବଲପୁରର ସାଇ ରାମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା।

### ଗ୍ରୀଷ୍ମ ପ୍ରବାହ ପାଇଁ ସତର୍କତା

## ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ବନ୍ଦ ରହିବ ହାଟ

ବାରିପଦା,୭।୪ (ସଂଚାର ବ୍ୟୁରୋ): ଗ୍ରୀଷ୍ମ ପ୍ରବାହର ତୀବ୍ରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ତରଫରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି କ୍ରମରେ ଜିଲ୍ଲାର ସମସ୍ତ ଦୈନିକ ଓ ସାପ୍ତାହିକ ହାଟଗୁଡ଼ିକୁ ପୂର୍ବାହ୍ନ ୧୧ଟାରୁ ସଂନ୍ଧ୍ୟା ୪ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଆଦେଶ ଜାରି ହୋଇଛି।

ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ଦ୍ୱାରା ଜାରି ଏହି ଆଦେଶ ତତକ୍ଷଣାତ୍ ପ୍ରଭାବୀ ହେବା ସହ ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ବଳବତ୍ତର ରହିବ ବୋଲି କୁହାଯାଇଛି । ଦିନ ମଝିରେ ବଢୁଥିବା ତାପମାତ୍ରା ଓ ତୀବ୍ର ଗରମ ଫଳରେ ହାଟ ଅଞ୍ଚଳରେ ସତର୍କତା ପଦକ୍ଷେପ ସ୍ୱରୂପ ଏପରି ପଦକ୍ଷେପ ନିଆଯାଇଛି । ଅଧିକ ଟାଣ ଖରାରେ ହିଟ୍ ଷ୍ଟ୍ରୋକ୍ ଓ ଡିହାଇଡ୍ରେସନ୍‌ରେ ଆକ୍ରାନ୍ତ ହେଉଥିବାରୁ ଜନସାଧାରଣଙ୍କୁ ଅନାବଶ୍ୟକ ଭାବେ ବାହାରକୁ ନଯିବା, ପର୍ଯ୍ୟାପ୍ତ ପାଣି ପିଇବା ଓ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ସେହିପରି ସମସ୍ତ ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବିଡ଼ିଓ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ (ନଗର ପ୍ରଶାସନ)କୁ ଏହାର କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ୍ ବିଭାଗକୁ ମଧ୍ୟ ସମସ୍ତ ଘଟଣା ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି ।

# ଶ୍ରୀମନ୍ଦିର ଆଲୋକୀକରଣ ପାଇଁ ଖର୍ଚ୍ଚ ହେବ ୧୮ କୋଟି



ପୁରୀ,୭।୪(ସଂଚାର ବ୍ୟୁରୋ)ଃ ୧୮ କୋଟି ଟଙ୍କା ଖର୍ଚ୍ଚରେ ହେବ ଶ୍ରୀମନ୍ଦିରର ଆଲୋକୀକରଣ। ଲାଗିବ ଲେଜର ୩ଡି ମ୍ୟାପିଙ୍ଗ ଲାଇଟ୍। ଦେଢ଼ କିମି ଦୂରରୁ ଝଲସିବ ଶ୍ରୀମନ୍ଦିର। ଶ୍ରୀମନ୍ଦିରର ଗରିମା ବଜାୟ ରଖିବା ପାଇଁ କୌଣସି ରଙ୍ଗିନ୍ କି ଫ୍ଲାଶ୍ ଲାଇଟ୍ ଲାଗିବନାହିଁ। କିନ୍ତୁ ଚାରି ଦ୍ୱାର, ଗର୍ଭଗୃହ ଶିଖର, ନାଟ ମଣ୍ଡପ ଉପର, ଜଗମୋହନ ଉପର ସହ ମେଘନାଦ ପାଚେରି ଓ ଭିତର ବେଢ଼ା ସବୁକିଛି ଚମକିବ। ପରିକ୍ରମା ପ୍ରକଳ୍ପ ପରିସର ବି ଦୂରରୁ ଝଲସିବ। ଗତକାଲି ଜିଲ୍ଲାପାଳ ତଥା ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିର ଆଲୋକୀକରଣ ବୈଠକରେ ଏପରି ନିଷ୍ପତ୍ତି ନିଆଯାଇଛି। ଏନେଇ ଖୁବ୍‌ଶୀଘ୍ର ହେବ ଟେଣ୍ଡର ପ୍ରକ୍ରିୟା। ପ୍ରୋଜେକ୍ଟର ବ୍ୟବହୃତ ହୋଇ ଯେଉଁ ଲାଇଟ୍ ସବୁ ଲାଗିବ, ସେସବୁ ଦେଢ଼ କିମି ଦୂରରୁ ବି ରାତିରେ ଶ୍ରୀମନ୍ଦିର ଅତି ସ୍ପଷ୍ଟ ଭାବେ ଦେଖାଯିବ। ଏହା ଆଧ୍ୟାତ୍ମିକ ବାତାବରଣକୁ ଆହୁରି ଗରିମାମୟ କରିବ ବୋଲି ପ୍ରଶାସନ ପକ୍ଷରୁ ଆଶା କରାଯାଇଛି। ସେହିପରି ଆଲୋକୀକରଣ ପାଇଁ ଲଗାଯିବାକୁ ଥିବା ଯନ୍ତ୍ରାଂଶ ସ୍ଥାପନ ଫଳରେ ଐତିହ୍ୟ କୀର୍ତ୍ତିରାଜିର କୌଣସି କ୍ଷତି ଘଟିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏଏସ୍ଆଇର ନିୟମ ଅନୁଯାୟୀ ଲାଇଟ୍ ସ୍ଥାପନ କରାଯିବ। ଶ୍ରୀମନ୍ଦିର ଐତିହ୍ୟ ଢାଞ୍ଚାକୁ ନ ଛୁଇଁ କୌଣସି ସ୍କ୍ରୁ ବ୍ୟବହୃତ ନ ହୋଇ ଲାଇଟ୍‌ସବୁ ଲଗାଯିବ। ପାର୍ଶ୍ୱ ଦେବଦେବୀ ମନ୍ଦିରଗୁଡ଼ିକ ମଧ୍ୟ ଦୂରରୁ ସ୍ପଷ୍ଟ ଦେଖାଯିବା ଭଳି ଆଲୋକୀକରଣ କରାଯିବ। ପ୍ରଥମେ ଡେମୋ ଦେଖିବା ପରେ କେଉଁ ଲାଇଟ୍ ଲାଗିବ, ସେନେଇ ନିଷ୍ପତ୍ତି ନିଆଯିବ। ଦେଶର ପ୍ରସିଦ୍ଧ ଦେବସ୍ଥଳୀ ମହାକାଳେଶ୍ୱର ଓ ଅଯୋଧ୍ୟା ଭଳି ଆଲୋକୀକରଣ ପ୍ରକଳ୍ପ ପାଇଁ ଯୋଜନା ରହିଛି। ଯେଉଁ କମ୍ପାନୀ ଟେଣ୍ଡର ନେବ, ସେ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ମଧ୍ୟ କରିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ମନମୋହନଙ୍କ ମିଶନ୍ ଓଡ଼ିଶା

## ତୃଣମୂଳ ସ୍ତରରେ ମଜବୁତ ହେଉଛି ବିଜେପି



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ)ଃ ଉତ୍ତର ଓଡ଼ିଶାରେ ବିଜେଡି ଗଡ଼ ଭୁଶୁଡ଼ି ଚାଲିଛି। କେତେବେଳେ ନେତା ଦଳ ଛାଡୁଛନ୍ତି ତ ଆଉ କେତେବେଳେ ନେତାଙ୍କୁ ଦଳ ବାହାର ରାସ୍ତା ଦେଖାଉଛନ୍ତି। ପରବର୍ତ୍ତି ସମୟରେ ସେହି ନେତାମାନେ ବିଜେପିରେ ମିଶୁଛନ୍ତି। ଯାହାଫଳରେ ଗୋଟିଏ ପଟେ ବିଜେଡି ଛିଡୁଥିବାବେଳେ ଅନପଟେ ବିଜେପି ବଢ଼ି ଚାଲିଛି। ମୋହନ, ମନମୋହନଙ୍କ ଗୋଟି ଚାଳନାରେ ଉତ୍ତର ଓଡ଼ିଶାରେ ଦୋହଲି ଯାଇଛି ବିଜେଡି ଗଡ଼। ଏହି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ବୟାନ। ରାଜ୍ୟସଭା ସାଂସଦ ଭାବେ ଶପଥ ନେଇ ଦିଲ୍ଲୀରୁ ଫେରିବା ପରେ ସେ କହିଛନ୍ତି, ସମସ୍ତଙ୍କ ପାଖରେ ସରକାର ପହଞ୍ଚୁଛି। ଯାହା ସଂକଳ୍ପ କରୁଛି ତାହା ପୂରଣ କରୁଛି। ସେଥିପାଇଁ ଲୋକଙ୍କ ଆଗ୍ରହ ବଢ଼ୁଛି ଏବଂ ଭାରତୀୟ ଜନତା ପାର୍ଟି ଶକ୍ତିଶାଳୀ ହେଉଛି। ଯେଉଁମାନେ ସମାଜରେ ଲୋକଙ୍କ ସହିତ ଅଛନ୍ତି ସେମାନଙ୍କୁ ଦଳ ଗ୍ରହଣ କରିବ। ସରକାରକୁ ଆସିବା ପରେ ବିଜେପି ତୃଣମୂଳସ୍ତରରେ ଦଳକୁ ମଜଭୁତ କରିବାକୁ ଆରମ୍ଭ କରିଥିଲା କସରତ। ପ୍ରଥମେ ପଞ୍ଚାୟତ ଓ ବ୍ଲକ ସ୍ତରରେ ବିଜେଡି ଗଡ଼ ଭାଙ୍ଗିବାକୁ ନୀଳ ନକ୍ସା ପ୍ରସ୍ତୁତ କରିଥିଲା। ଏହାପରେ ଏକାଧିକ ବ୍ଲକ ଓ ପଞ୍ଚାୟତରେ ସଫଳ ହୋଇଥିଲା ଶାସକ ଦଳର ଚାଲ୍। ବହୁ ବ୍ଲକ ଅଧ୍ୟକ୍ଷ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଓ ସରପଞ୍ଚ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇନ୍ତି। ଜିଲ୍ଲାର ବରିଷ୍ଠ ନେତାମାନେ ବି ଶଙ୍ଖ ଛାଡି ପଦ୍ମ ଧରିଛନ୍ତି। ନିର୍ବାଚନ ଯେତେ ପାଖେଇବ ଏହି ପ୍ରକ୍ରିୟା ଆହୁରି ବଢ଼ିବାର ସମ୍ଭାବନା ରହିଛି।

# ଖୁବଶୀଘ୍ର ଝାରସୁଗୁଡ଼ାରୁ ଏୟାର କାର୍ଗୋ ସେବା

## ସିଧାସଳଖ ଦେଶବିଦେଶକୁ ଯିବ ସାମଗ୍ରୀ




ଝାରସୁଗୁଡ଼ା,୭।୪(ସଂଚାର ବ୍ୟୁରୋ)ଃ ଖୁବଶୀଘ୍ର ଝାରସୁଗୁଡ଼ା ବିମାନବନ୍ଦରରୁ ଆରମ୍ଭ ହେବ ଏୟାର କାର୍ଗୋ ସେବା। ଏଠାକାର ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ଆରମ୍ଭ ହେବ ଏହି ସେବା। ଏହି ସେବା ଆରମ୍ଭ ହେବା ପରେ ଝାରସୁଗୁଡ଼ା ପଶ୍ଚିମ ଓଡ଼ିଶାର ଆଉ ଏକ ପ୍ରମୁଖ ଅର୍ଥନୈତିକ ପେଣ୍ଠସ୍ଥଳୀ ପାଲଟିବ। ଏଠାରୁ ସିଧାସଳଖ ଦେଶ ଓ ବିଦେଶକୁ ସାମଗ୍ରୀ ପଠାଯାଇପାରିବ। ଭୌଗୋଳିକ ଓ ଭିତ୍ତିଭୂମି ଦୃଷ୍ଟିକୋଣରୁ କାର୍ଗୋ ଏୟାରପୋର୍ଟ ପାଇଁ ଝାରସୁଗୁଡ଼ା ଉପଯୁକ୍ତ ସ୍ଥାନ। ତେବେ କମ୍ ଅବଧିଯୁକ୍ତ ଖାଦ୍ୟ ସାମଗ୍ରୀ ହେଉ ଅଥବା ଅନ୍ୟାନ୍ୟ କୌଣସି ଦ୍ରବ୍ୟ ସ୍ଥାନାନ୍ତର କରିବାରେ ଏହି ସେବା ବିଶେଷ ଭାବେ ସହାୟକ ହେବ। ପୂର୍ବରୁ ଏଠାରେ ସଡ଼କ ପଥ ଓ ରେଳ ପଥରେ ପରିବହନ ହେଉଥିବା ବେଳେ ଏବେ ବିମାନରେ କାର୍ଗୋ ପରିବହନ ଝାରସୁଗୁଡ଼ାକୁ ନୂଆ ପରିଚୟ ଦେବ। ଏନେଇ ଆଜି ଝାରସୁଗୁଡ଼ା ବିମାନବନ୍ଦରରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ସେବା ଆରମ୍ଭର ବିଭିନ୍ନ ଦିଗକୁ ନେଇ ଆଲୋଚନା ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ କ୍ଷୁଦ୍ର ଏୟାର କାର୍ଗୋ ପରିବହନ ଆରମ୍ଭ କରାଯିବ ଓ ପରେ ଆବଶ୍ୟକତା ଅନୁଯାୟୀ ବୃହତ ଏୟାର କାର୍ଗୋ ପରିବହନ କରାଯିବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ କହିଛନ୍ତି।

## ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଜରୁରୀ ବୈଠକ

# ଉତ୍ପାଦନ ବୃଦ୍ଧି କରିବାକୁ ଲିଜ୍‌ଧାରୀଙ୍କୁ ପରାମର୍ଶ



## ସ୍ଥାନୀୟ ବାସିନ୍ଦାଙ୍କ ଆବଶ୍ୟକତା ପୂରଣ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଖଣି ଲିଜ୍‌ଧାରୀ ଓ ଶିଳ୍ପପତିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଲୋକସେବା ଭବନଠାରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଶିଳ୍ପାୟନ ଏବଂ ଦେଶରେ ଲୁହାପଥରର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଧିକ ପରିମାଣରେ ଲୁହାପଥର ଉତ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ରହିଛି ବୋଲି ମୁଖ୍ୟମନ୍ତ୍ରୀ, ଶିଳ୍ପପତି ଓ ଶିଳ୍ପ ପ୍ରତିନିଧିମାନଙ୍କୁ ଆଶ୍ୱାସନା ଦେଇଥିଲେ।

ଉତ୍ପାଦନ ଓ ଡେସ୍‌ପ୍ୟାଚ୍ ପ୍ରତି ଗୁରୁତ୍ୱ ଦେଇ ଖଣି ଉନ୍ନୟନ ଓ ବିକାଶ ଚୁକ୍ତି (ଏମଡିପିଏ) ଅନୁଯାୟୀ ସର୍ବନିମ୍ନ ବାଧ୍ୟତାମୂଳକ ସୀମାକୁ ଦୃଷ୍ଟିରେ ରଖି ଉତ୍ପାଦନ ବୃଦ୍ଧି କରିବା ନେଇ ଶିଳ୍ପପତିଙ୍କ ସହ ଆଲୋଚନା ହୋଇଥିଲା। ରାଜ୍ୟରେ ଖଣିବହୁଳ ଜିଲ୍ଲାଗୁଡ଼ିକରେ ଶିଳ୍ପ ସଂଖ୍ୟା ଯଥେଷ୍ଟ କମ ରହୁଛି। ତେଣୁ ସେସବୁ ଜିଲ୍ଲାରେ ଶିଳ୍ପାନୁଷ୍ଠାନ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଆହ୍ୱାନ ଦେଇଥିଲେ।

ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ ସମସ୍ତ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ କହିଥିଲେ। ଏଥିସହ ଶିଳ୍ପପତିମାନେ ସ୍ଥାନୀୟ ବାସିନ୍ଦାଙ୍କ ମୌଳିକ ଆବଶ୍ୟକତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ କହିଥିଲେ। ଶିଳ୍ପ ପ୍ରତିଷ୍ଠା ପାଇଁ ବାଧ୍ୟତାମୂଳକ ବନୀକରଣ କ୍ଷେତ୍ରରେ ବିଭିନ୍ନ ଜିଲ୍ଲାରେ ଅଧିକୃତ ଜମି ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଉଛି, ଯାହା ଜରିଆରେ କେଉଁ ଜିଲ୍ଲାରେ କେତେ ଜମି ଉପଲବ୍ଧ ଅଛି ଖଣି ଲିଜ୍‌ଧାରୀ ଓ ଶିଳ୍ପପତିମାନେ ସେ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଖଣି ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୬-୨୭ ବର୍ଷ ପାଇଁ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ ଖଣିଜ ବ୍ଲକ୍‌ର ନିଲାମ ପ୍ରକ୍ରିୟା କରାଯିବ ବୋଲି ସୂଚନା ଦିଆଯାଇଛି।

ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନର ଅଧ୍ୟକ୍ଷ ତଥା ସାଂସଦ ନବୀନ ଜିନ୍ଦଲ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଆନ୍ତରିକତା ଓ ପ୍ରତିବଦ୍ଧତା ଭାବ ପାଇଁ ଧନ୍ୟବାଦ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ। ଏଥିରେ ଟାଟା ଷ୍ଟିଲ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନ, ଇଣ୍ଡିଆନ ଷ୍ଟିଲ୍ ଆସୋସିଏସନର ମହାସଚିବ ଆଲୋକ ସହାୟ, ଜେଏସଡବ୍ଲ୍ୟୁ ସଭାପତି ଅନୀଲ କୁମାର ସିଂ, ଏଏମଏନଏସର ନିର୍ଦ୍ଦେଶକ ଆଲୋକ କୁମାର ମେହେଟ୍ଟା, ଓଏମ୍‌ସି ଅଧ୍ୟକ୍ଷ ଗିରୀଶ ଏସ୍‌ଏନ୍, ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ସାମଲ ଏବଂ ଅନ୍ୟାନ୍ୟ ପ୍ରମୁଖ ଶିଳ୍ପ ପ୍ରତିନିଧିମାନେ ଯୋଗଦେଇଥିଲେ।

## ତିଷ୍ଠିଲାନି ପ୍ରେମ ବିବାହ

# ସ୍ତ୍ରୀକୁ ହତ୍ୟା ପରେ ଝୁଲିପଡ଼ିଲେ ସ୍ୱାମୀ

ଭଞ୍ଜନଗର,୭।୪(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ସରନୂଆଁପଲ୍ଲୀ ଗ୍ରାମରେ ଗତକାଲି ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଭଲ ପାଇ ବିବାହ କରିଥିବା ଯୁବକ ସ୍ତ୍ରୀକୁ ହତ୍ୟା କରିବା ପରେ ନିଜେ ବି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ସ୍ୱାମୀ-ସ୍ତ୍ରୀ ହେଲେ ଚିତ୍ରସେନ ନାଇକ ଓ ପୂଜା ନାୟକ। ଘଟଣାରୁ ପ୍ରକାଶ ଯେ ଚିତ୍ରସେନ ପ୍ରାୟ ୭ ବର୍ଷ ତଳେ ତାଙ୍କରି ଗ୍ରାମ ନିକଟର ଅନ୍ୟ ଏକ ଜାତିର ଝିଅ ପୂଜାଙ୍କୁ ପ୍ରେମ ବିବାହ କରିଥିଲେ। ଏହାପରେ ଉଭୟ କିଛି ବର୍ଷ ହସଖୁସିରେ ରହିଥିଲେ। ଏହି ସମୟରେ ସେମାନଙ୍କର ଦୁଇଟି ସନ୍ତାନ ଜନ୍ମ ହୋଇଥିଲା। ପରିବାର ଭଲରେ ଚାଲୁଥିବା ବେଳେ ହଠାତ୍ ପୂଜାଙ୍କ କିଛି ଗତିବିଧିକୁ ନେଇ ଚିତ୍ରସେନ ସନ୍ଦେହ କରିବା ସହ ଦ୍ୱନ୍ଦ୍ୱରେ ଥିଲେ। ଏହାପରେ ଧୀରେ ଧୀରେ ସନ୍ଦେହ ବଢ଼ିବାରୁ ସ୍ୱାମୀ ଓ ସ୍ତ୍ରୀଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ତେଣୁ ପୂଜା ଦୁଇ ଛୁଆଙ୍କୁ ଧରି କିଛି ମାସ ତଳେ ଭୁବନେଶ୍ୱରରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହିଆସୁଥିଲେ। ଦୁଇ ଦିନ ତଳେ ପୂଜା ଗ୍ରାମକୁ ଆସିଥିଲେ। ଗତକାଲି ରାତିରେ ପୂଜା ଓ ଚିତ୍ରସେନ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏହାପରେ ଏକ ପନିକି ସାହାଯ୍ୟରେ ଚିତ୍ରସେନ ସ୍ତ୍ରୀ ପୂଜାଙ୍କୁ ହତ୍ୟା କରିଥିଲେ। ତେବେ କିଛି ସମୟ ପରେ ଚିତ୍ରସେନ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।

## ଆଇନ ଆୟୋଗଙ୍କ ବାର୍ଷିକ ରିପୋର୍ଟ ଓ ୱେବ୍‌ସାଇଟ୍ ଉନ୍ମୋଚିତ

# ୨୮୮ ଆଇନ ପ୍ରତ୍ୟାହାର, ୮ ଆଇନ ସଂଶୋଧନ ପ୍ରସ୍ତାବ



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଓ ଅଭିମୁଖ୍ୟ ନେଇ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ ପରିକଳ୍ପନା କରିଥିଲେ, ତାହାର ଏକ ବର୍ଷ ପୂର୍ତ୍ତି ସହ ରାଜ୍ୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ। ଆଜି ଆଇନ ଆୟୋଗ ଗଠନର ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଉତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଦେଶ ସ୍ୱାଧୀନତାକୁ ଅନେକ ବର୍ଷ ବିତିଥିଲେ ମଧ୍ୟ ଅନେକ ଅଦରକାରୀ ଆଇନ ଏବେ ବି ବଳବତ୍ତର ରହିଛି। ତେବେ ମଧ୍ୟସ୍ଥତା ଆଇନ ପ୍ରଣୟନ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦିର ପ୍ରଣୟନ ଆଜି ଯୁଗୋପଯୋଗୀ ସାବ୍ୟସ୍ତ ହୋଇଛି। ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ ପରେ ୨୮୮ଟି ଅଦରକାରୀ ଆଇନ ପ୍ରତ୍ୟାହାର ସହ ୮ଟି ପ୍ରମୁଖ ଆଇନ ସଂଶୋଧନ ପାଇଁ ପ୍ରସ୍ତାବ ଆସିଛି। ଏହା ଆଇନ ବ୍ୟବସ୍ଥାରେ ସୁଧାର ଆଣିବା ସହ ବିକଶିତ ଓଡ଼ିଶା ଗଠନ ସ୍ୱପ୍ନକୁ ପୂରଣ କରିବା ସହ ଓଡ଼ିଆ ଅସ୍ମିତାକୁ ଏକ ନୂଆ ଦିଗ ପ୍ରଦାନ କରିବ ବୋଲି ସେ କହିଥିଲେ। ଆଇନ ମନ୍ତ୍ରୀ ଆୟୋଗଙ୍କ ୨୦୨୫-୨୬ ବର୍ଷ ପାଇଁ ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ସହ ନୂତନ ୱେବ୍‌ସାଇଟ୍‌ର ଉଦଘାଟନ କରିଥିଲେ। ଏହି ୱେବ୍‌ସାଇଟ୍ ପାରଦର୍ଶିତା ସୁନିଶ୍ଚିତ କରିବା ସହ ଆଇନ ସଂଶୋଧନରେ ସାଧାରଣ ଲୋକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ।

# ରାଉରକେଲାରୁ ୧୬୦ ସିଲିଣ୍ଡର୍ ଜବତ



ରାଉରକେଲା,୭।୪(ସଂଚାର ବ୍ୟୁରୋ)ଃ ରାଉରକେଲାର ଗୋଟିଏ ସ୍ଥାନରୁ ୧୬୦ ଗ୍ୟାସ ସିଲିଣ୍ଡର୍ ଜବତ କଲା ଯୋଗାଣ ବିଭାଗ। ରାଉରକେଲା ମହାନଗର ନିଗମ, ପୁଲିସ, ରାଉରକେଲା ତହସିଲଦାର ଚଢ଼ାଉ କରି ସିଲିଣ୍ଡର ଜବତ କରିଛନ୍ତି। ରାଉରକେଲା ସେକ୍ଟର ୯ ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କ ଘରେ ଏସବୁ ସିଲିଣ୍ଡର୍ ଗଚ୍ଛିତ ରଖିଥିଲେ। ଏତେ ପରିମାଣର ସିଲିଣ୍ଡର୍ ସେ କାହିଁକି ଓ କେମିତି ରଖିଥିଲେ, ତା'ର ତଦନ୍ତ କରାଯାଉଛି ବୋଲି ଯୋଗାଣ ବିଭାଗ ଅଧିକାରୀ କହିଛନ୍ତି। ଅନ୍ୟପଟେ କିଛି ଦିନ ତଳେ ରାଜ୍ୟରେ ଗ୍ୟାସ ସିଲିଣ୍ଡରର କୃତ୍ରିମ ଅଭାବ ସୃଷ୍ଟି କରି ଚଢ଼ା ଦରରେ ବିକ୍ରି କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲା ଯୋଗାଣ ବିଭାଗ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ପରେ ସାରା ରାଜ୍ୟରେ ଯୋଗାଣ ବିଭାଗ ଆକ୍ସନ ମୋଡ୍‌କୁ ଆସିଛି। ଗତ ୨ରେ ଅନୁଗୁଳ ଓ ଗଞ୍ଜାମ ଜିଲ୍ଲାରୁ ମୋଟ ୮୯ଟି ଗ୍ୟାସ ସିଲିଣ୍ଡର ଜବତ ହୋଇଥିଲା। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅନୁଗୁଳ ଗସ୍ତ ସମୟରେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ସ୍ଥାନରେ ଘନ ଘନ ଚଢ଼ାଉ ବି କରିଥିଲେ।



ଆସନ୍ତା ୨୧ ତାରିଖରେ ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ ନିମନ୍ତେ ସେଠାକାର କାର୍ଯ୍ୟକ୍ରମ ସମ୍ପର୍କରେ ମଙ୍ଗଳବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରିଛନ୍ତି ।

## ଛିନତାଇ ଗ୍ୟାଙ୍ଗର ପର୍ଦ୍ଦାଫାସ

# ଧରାପଡ଼ିଲେ ଲୁଟେରା ଦମ୍ପତି

## ସୁନା କିଣିଥିବା ଦୋକାନୀ ବି ଗିରଫ




ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ)ଃ କଥାରେ ସ୍ୱାମୀ-ସ୍ତ୍ରୀ ପବିତ୍ର ବିବାହ ବନ୍ଧନରେ ବାହା ହେବା ପରେ ସଂସାର ରଥ ଚଳାଇବା ସକାଶେ ଉଭୟଙ୍କ ମଧ୍ୟରେ ବୁଝାମଣା ରହିବା ଜରୁରୀ। ପରସ୍ପର ସହ ପାଦ ମିଳାଇ ସ୍ୱାମୀ ଓ ସ୍ତ୍ରୀଙ୍କୁ ଆଗକୁ ବଢ଼ିବାକୁ ହୋଇଥାଏ। ସୁଖଦ ସଂସାର ପାଇଁ ସ୍ୱାମୀ ସ୍ତ୍ରୀକୁ ଓ ସ୍ତ୍ରୀ ସ୍ୱାମୀକୁ ସହଯୋଗ କରିବା ସକାଶେ ବେଦୀରେ ବସି ମନ୍ତ୍ର ପାଠ ବେଳେ ପରସ୍ପରକୁ କଥା ଦେଇଥାନ୍ତି। ବୋଧହୁଏ ଏହି କଥାକୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ଜଣେ ମହିଳା ଯିଏକି ସ୍ୱାମୀଙ୍କୁ କୌଣସି ଭଲ କାମରେ ନୁହେଁ, ବରଂ ଚୋରିରେ ବେଶ୍ ସହଯୋଗ କରୁଥିଲା। ସ୍ତ୍ରୀ ଟାର୍ଗେଟ୍ ଧାର୍ଯ୍ୟ କରୁଥିବା ବେଳେ ସ୍ୱାମୀ ଲୁଟ୍ କରୁଥିଲା। ଏପରି ଏକ ଦମ୍ପତିକୁ ଆଜି କମିଶନରେଟ୍ ପୁଲିସ୍ ଚନ୍ଦ୍ରଶେଖରପୁର ଥାନାଞ୍ଚଳରୁ ଗିରଫ କରିଛି। ଚେନ୍ ଲୁଟେରା ରାକେଶ ରାଉତ ଓ ତା'ର ପତ୍ନୀ ମର୍ଣ୍ଣିଂ ୱାକ୍ ସମୟରେ ମହିଳାମାନଙ୍କୁ ଟାର୍ଗେଟ୍ କରି ଲୁଟ୍ ଚଳାଇଆସିଥିଲେ। ତେବେ ଲୁଟ୍ ପୂର୍ବରୁ ସ୍ତ୍ରୀ ମର୍ଣ୍ଣିଂ ୱାକ୍ କରୁଥିବା ମହିଳାଙ୍କ ଉପରେ ଲକ୍ଷ୍ୟ ରଖି ସ୍ୱାମୀକୁ ଖବର ଦେଉଥିଲା। ଖବର ପାଇ ସ୍ୱାମୀ ସେଠାରେ ପହଞ୍ଚି ଚେନ୍ ଲୁଟିବା ପରେ ଉଭୟ ବାଇକ୍‌ରେ ବସି ଚମ୍ପଟ୍ ମାରୁଥିଲେ। ଏଥିସହ ପୁଲିସ୍ ଏମାନଙ୍କଠାରୁ ନିୟମିତ ଭାବେ ଲୁଟ୍ ସାମଗ୍ରୀ କିଣୁଥିବା ଜଣେ ଦୋକାନୀକୁ ଗିରଫ କରିବା ସହ ୮ଟି ସୁନା ଚେନ୍ ଜବତ କରିଛି। ତେବେ ଏହି ଦମ୍ପତି ଦୀର୍ଘ ୧୦ ବର୍ଷ ତଳେ ଲୁଟ୍ ଧନ୍ଦା ଛାଡ଼ି ପାନ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। କିନ୍ତୁ ନିକଟରେ ସେମାନେ ପୁଣିଥରେ ଅପରାଧ ଦୁନିଆକୁ ଫେରିଥିବା ବେଳେ ଏବେ ପୁଲିସ୍ ହାବୁଡ଼ରେ ପଡ଼ିଛନ୍ତି।

# ଘାଟିରେ ଓଲଟିଲା ଚାଉଳ ଟ୍ରକ୍, ଯାତାୟାତ ପ୍ରଭାବିତ

ପଟ୍ଟାଙ୍ଗି,୭।୪(ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ସୀମାକୁ ଲାଗି ରହିଥିବା ପଡ଼ୋଶୀ ଆନ୍ଧ୍ର ସୀମା ଭିତରେ ସାଲୁର୍ ଘାଟିରେ ଘଟିଛି ଦୁର୍ଘଟଣା। ଏକ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବା ଫଳରେ ୨୬ ନଂ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଏହି କାରଣରୁ ଉଭୟ ଆନ୍ଧ୍ର ଓ ଓଡ଼ିଶା ଅଭିମୁଖେ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ମିଳିଥିବା ସୂଚନାନୁସାରେ, ଓଡ଼ିଶାର ଜୟପୁରରୁ ଏକ ଟ୍ରକ୍ ଚାଉଳ ଲୋଡ୍ କରି ଆନ୍ଧ୍ର ଅଭିମୁଖେ ଯାଉଥିବା ସମୟରେ ସାଲୁର୍ ଘାଟର ଏକ ବୁଲାଣିଆ ରାସ୍ତାରେ ରାତି ପ୍ରାୟ ୧୨ଟା ସମୟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହା ଫଳରେ ଗତକାଲି ରାତିରୁ ଆଜି ସକାଳ ୭ଟା ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ କୌଣସି ଗାଡ଼ି ଯିବାଆସିବା କରିବା ସମ୍ଭବପର ହୋଇନଥିଲା। ଖବର ପାଇ ଆନ୍ଧ୍ରର ପାସପେଣ୍ଡା ପୁଲିସ୍ ସକାଳ ୮ଟାରେ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ହଟାଇଥିଲା। ତେବେ ପୁଲିସ୍ ପହଞ୍ଚିବାରେ ବିଳମ୍ବ କରିବାରୁ ସେଠାରେ ଅଟକିଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ତେବେ ଦୀର୍ଘ ୬ ଘଣ୍ଟା ପରେ ଉକ୍ତ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଜିଲ୍ଲା ପରିଦର୍ଶନ ସମୟରେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପରାମର୍ଶ

# କନ୍ଧମାଳର ପର୍ଯ୍ୟଟନ ବିକାଶର ମୂଳ ଆଧାରଃମୁଖ୍ୟ ସଚିବ



ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ)ଃ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗତକାଲି ସୋମବାର କନ୍ଧମାଳ ଜିଲ୍ଲା ସମ୍ପର୍କିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗତ ଜାନୁଆରୀରେ ତାଙ୍କ କନ୍ଧମାଳ ଗସ୍ତ ସମୟରେ ଜିଲ୍ଲାରେ, ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଭିତ୍ତିଭୂମି ବିକାଶ, ଜୀବିକା ନିର୍ବାହ କାର୍ଯ୍ୟକ୍ରମ, କୃଷି, ପର୍ଯ୍ୟଟନ ଆଦି କ୍ଷେତ୍ରରେ ତାଙ୍କର ଦୃଷ୍ଟିକୁ ଆସିଥିବା ବିଭିନ୍ନ ସମସ୍ୟାର ସମାଧାନ ସହ ଜିଲ୍ଲାରେ ଆଗାମୀ ସମ୍ଭାବନା ସଂପର୍କରେ ବୈଠକରେ ଆଲୋଚନା କରିଥିଲେ।

କନ୍ଧମାଳର ପ୍ରମୁଖ ଆକର୍ଷଣ ଦାରିଙ୍ଗବାଡି ନିକଟସ୍ଥ ଦର୍ଶନୀୟ ସ୍ଥାନ ହିଲ ଭ୍ୟୁ ପାର୍କ, ନେଚର ପାର୍କ, କଫି ବଗିଚା, ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଝରଣା ଓ ଜଳପ୍ରପାତ ଆଦି ସ୍ଥାନଗୁଡ଼ିକର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦାରିଙ୍ଗବାଡ଼ି ଓ ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ଓ ଏହା ଯେପରି ସ୍ଥାନୀୟ ଅଞ୍ଚଳର ଆର୍ଥିକ ବିକାଶରେ ସହାୟକ ହେବ, ସେ ସମ୍ପର୍କରେ ପଦକ୍ଷେପ ନେଇ ପର୍ଯ୍ୟଟନ ବିଭାଗ ସଚିବଙ୍କ ସହ ଆଲୋଚନା କରି ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଦାରିଙ୍ଗବାଡ଼ି କଫି ବଗିଚାର ଉନ୍ନତିକରଣ ସହ ଜିଲ୍ଲାରେ ସମନ୍ୱିତ କୃଷି, କନ୍ଧମାଳ ହଳଦୀ, ମସଲା, ଗୋଲମରିଚ, ଷ୍ଟ୍ରବେରୀ ଚାଷ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ମହୁ, ତେନ୍ତୁଳି ଆଦି ଜଙ୍ଗଲଜାତ ଦ୍ରବ୍ୟ ଜୀବିକାର୍ଜନ ସୃଷ୍ଟିରେ ସହାୟକ ହେଉଥିବାରୁ ଏଥିନେଇ ଉନ୍ନତ ପ୍ୟାକେଜିଂ ବ୍ୟବସ୍ଥା, ବଜାର ସୁବିଧା କରି ସ୍ଥାନୀୟ ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ଗୁରୁତ୍ୱ ଦିଆଯାଇଛି। କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଜିଲ୍ଲାର ବିକାଶ ପାଇଁ ୨୫ଟି ପ୍ରମୁଖ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ। ପର୍ଯ୍ୟଟନ ସହ ସମାବେଶୀ ବିକାଶ, ଡିଜିଟାଲ ସଂଯୋଗୀକରଣ ବୃଦ୍ଧି, କ୍ଷୁଦ୍ର ଜଳସେଚନ ମାଧ୍ୟମରେ ଜଳସେଚନ ସୁବିଧା, ଫୁଲବାଣୀରେ ମେଗା ପାଇପ୍ ଯୋଗେ ଜଳସେଚନ ପ୍ରକଳ୍ପକୁ ଶୀଘ୍ର ସାରିବା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ, ରେଳପଥ ସଂଯୋଗୀକରଣ, କନ୍ଧମାଳ-ଗାଜଲବାଡ଼ି ରାସ୍ତାର ସମ୍ପ୍ରସାରଣ ଏବଂ ଜିଲ୍ଲାରେ ବିଦ୍ୟୁତ୍ ଭିତ୍ତିଭୂମିର ଅଧିକ ଉନ୍ନତି ସମ୍ପର୍କରେ ପଦକ୍ଷେପ ନିଆଯିବାକୁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଗୃହ, ଶିଳ୍ପ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଓପିଟିସିଏଲର ଅଧ୍ୟକ୍ଷ ତଥା ଏମ୍‌ଡି, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗର ସଚିବ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ୨ ନାବାଳିକାଙ୍କ ମୃତ୍ୟୁ



ଦିଗପହଣ୍ଡି,୭।୪(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତର ପତାଣ୍ଡ ଗ୍ରାମରେ ଘଟିଛି ଅଘଟଣ। ପୋଖରୀରେ ବୁଡ଼ି ୨ ଜଣ ନାବାଳିକାଙ୍କର ମୃତ୍ୟୁ ହୋଇଛି। ଆଜି ପୂର୍ବାହ୍ନ ପ୍ରାୟ ୧୦ଟାରେ ବେଳେ ଏହି ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ ଏସ. ଦୀନବନ୍ଧୁ ଦୋରାଙ୍କ ଷଷ୍ଠ ଶ୍ରେଣୀରେ ପଢୁଥିବା ଏକମାତ୍ର ଝିଅ ପ୍ରାଞ୍ଜଳି(୧୧) ଓ ଏସ. ପ୍ରକାଶ ଦୋରାଙ୍କ ସପ୍ତମ ଶ୍ରେଣୀରେ ପଢୁଥିବା ଝିଅ ମାନିନୀ (୧୨)। ମିଳିଥିବା ସୂଚନାନୁସାରେ, ଗାଁ ସ୍କୁଲରୁ ଫେରି ପ୍ରାଞ୍ଜଳି ଓ ମାନିନୀ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗାଧୋଇବା ସମୟରେ ଅସାବଧାନତା କାରଣରୁ ସେମାନେ ଗଭୀର ପାଣିକୁ ଚାଲିଯାଇଥିଲେ। ତେବେ ସେମାନଙ୍କୁ ପୋଖରୀର ଅନ୍ୟ ତୁଠରେ ଗାଧୋଉଥିବା କିଛି ବ୍ୟକ୍ତି ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେଥିରେ ସଫଳ ହୋଇନଥିଲେ। ଫଳତଃ ସେମାନେ ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଦିଗପହଣ୍ଡି ଥାନାରେ ଏତଲା ହେବା ପରେ ଆଇଆଇସି କିଶୋର କୁମାର ସାମଲ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୬) ରୁଜୁ କରିଛନ୍ତି। ଦିଗପହଣ୍ଡି ପୁଲିସ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଉଭୟ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗାଁ ମଶାଣିରେ ଏକ ଶୋକାକୁଳ ପରିବେଶରେ ଉଭୟଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

# ଆଜିଠୁ ଏୟାର ଇଣ୍ଡିଆରେ ଯାତ୍ରା ମହଙ୍ଗା

ନୂଆଦିଲ୍ଲୀ,୭।୪ଃ ଟାଟା ଗ୍ରୁପ୍ ନେତୃତ୍ୱରେ ପରିଚାଳିତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ଯାତ୍ରୀମାନଙ୍କୁ ଏକ ଝଟକା ଦେଇଛି। ବଢ଼ିପାରେ ଭଡ଼ା। କମ୍ପାନୀ ୮ ଏପ୍ରିଲରୁ ଏହାର ଇନ୍ଧନ ସରଚାର୍ଜ ଢାଞ୍ଚାରେ ପରିବର୍ତ୍ତନ ଘୋଷଣା କରିଛି, ଯାହା ଫଳରେ ଘରୋଇ ଏବଂ ଆନ୍ତର୍ଜାତୀୟ ଉଭୟ ରୁଟରେ ଟିକେଟ ମୂଲ୍ୟ ଅଧିକ ହେବ। ରିପୋର୍ଟ ଅନୁଯାୟୀ, ୭ ଏପ୍ରିଲରେ ଜାରି ଏକ ବିବୃତ୍ତିରେ ଏୟାର ଇଣ୍ଡିଆ କହିଛି ଯେ ବିଶ୍ୱବ୍ୟାପୀ ଜେଟ୍ ଇନ୍ଧନ (ଏଏଫଟି) ମୂଲ୍ୟରେ ତୀବ୍ର ବୃଦ୍ଧି ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି। ଏୟାର ଇଣ୍ଡିଆ ଘରୋଇ ବିମାନ ଉଡ଼ାଣ ପାଇଁ ଫ୍ଲାଟ୍ ରେଟ୍ ହଟାଇ ଦେଇଛି ଏବଂ ଏବେ ଦୂରତା ଉପରେ ଆଧାରିତ ଏକ ନୂତନ ସରଚାର୍ଜ ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ସରକାର




ଏଏଫଟି ମୂଲ୍ୟରେ ସର୍ବାଧିକ ବୃଦ୍ଧିକୁ ୨୫% ରେ ସୀମିତ କରିବା ପରେ ଏହି ପରିବର୍ତ୍ତନ କରାଯାଇଛି।

ଠ ରୁ ୫ଠଠ କିମିଃ ୨୯୯ ଟଙ୍କା। ୫ଠ୧ ରୁ ୧ଠଠଠ କିମିଃ ୩୯୯। ୧,ଠଠ୧ ରୁ ୧୫ଠଠ କିମିଃ ୫୪୯। ୧,୫ଠ୧ ରୁ ୨ଠଠଠ କିମିଃ ୭୪୯। ୨,ଠଠଠ କିମିରୁ ଅଧିକଃ ୮୯୯।

ଏୟାର ଇଣ୍ଡିଆ ସୂଚିତ କରିଛି ଯେ ଅନ୍ତର୍ଜାତୀୟ ରୁଟରେ ଇନ୍ଧନ ସରଚାର୍ଜ ମଧ୍ୟ ସଂଶୋଧନ କରାଯାଇଛି, ଯାହା ସେହି କ୍ଷେତ୍ରଗୁଡ଼ିକରେ ଟିକେଟ୍ ମୂଲ୍ୟକୁ ମଧ୍ୟ ପ୍ରଭାବିତ କରିପାରେ। ସାମଗ୍ରିକ ଭାବରେ, ଏୟାର ଇଣ୍ଡିଆ ସହିତ ବିମାନ ଯାତ୍ରା ୮ ଏପ୍ରିଲରୁ ଯାତ୍ରୀମାନଙ୍କ ପାଇଁ ମହଙ୍ଗା ହୋଇପାରେ, କାରଣ ଇନ୍ଧନର ବର୍ଦ୍ଧିତ ମୂଲ୍ୟ ସିଧାସଳଖ ଭଡ଼ା ଉପରେ ପଡୁଛି।



# ଭାରତରେ ୨୦-୨୫% ମହଙ୍ଗା ହେବ କପଡ଼ା

ନୂଆଦିଲ୍ଲୀ,୭।୪ଃ ପଶ୍ଚିମ ଏସିଆ ଯୁଦ୍ଧ ଏବେ ଭାରତର ସାଧାରଣ ଲୋକଙ୍କ ପକେଟ ଉପରେ ପ୍ରଭାବ ପକାଉଛି। ଖାଦ୍ୟ, ପେଟ୍ରୋଲ ଏବଂ ଗାଡ଼ି ମରାମତି ପରେ ଏବେ କପଡ଼ା ମଧ୍ୟ ମହଙ୍ଗା ହେବାର ସମ୍ଭାବନା ଦେଖାଦେଇଛି। ଆଗାମୀ ଦିନରେ କପଡ଼ାର ଦାମ୍ ୨୦ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିପାରେ। ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ, ଯୁଦ୍ଧ ଯୋଗୁଁ ଇନ୍ଧନ ଏବଂ କଞ୍ଚା ମାଲର ଦାମ୍ ବଢ଼ିଛି । କଟନ୍ କପଡ଼ା ତିଆରି ମହଙ୍ଗା ହୋଇଛି। ସିନ୍ଥେଟିକ୍ କପଡ଼ାରେ ବ୍ୟବହୃତ କ୍ରୁଡ୍ ଅଏଲ୍ ମହଙ୍ଗା ହେବାରୁ ପଲିଷ୍ଟରର ଦାମ୍ ଗତ ୨-୩ ମାସରେ ପ୍ରାୟ ୨୫% ବଢ଼ିଛି। ଗ୍ୟାସ୍ ସିଲିଣ୍ଡର ନ ମିଳିବା ଏବଂ ବିଦ୍ୟୁତ୍ ଖର୍ଚ୍ଚ ବଢ଼ିବାରୁ ଶିଳ୍ପର ମୋଟ ଖର୍ଚ୍ଚ ୮ ରୁ ୧୦% ବଢ଼ିଛି। ଶିପିଂ ଖର୍ଚ୍ଚ ମଧ୍ୟ ବଢ଼ିଛି। ପୂର୍ବରୁ ୪୦ ଫୁଟ୍ କଣ୍ଟେନରର ଖର୍ଚ୍ଚ ୧୨୦୦ ଡଲାର୍ ଥିଲା, ଏବେ ତାହା ୧୯୦୦ ରୁ ୨୦୦୦ ଡଲାର୍ ହୋଇଛି। ଯୁଦ୍ଧ ଯୋଗୁ ଟେକ୍ସଟାଇଲ୍ ଶିଳ୍ପର ୪୦ରୁ ୪୫ ହଜାର କଣ୍ଟେନର ବିଭିନ୍ନ ବନ୍ଦରରେ ଅଟକି ରହିଛି। ଟେକ୍ସଟାଇଲ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆର ଭାଇସ୍ ପ୍ରେସିଡେଣ୍ଟ ଯୋଗେଶ ମହାଜନଙ୍କ କହିବାନୁସାରେ, ସିନ୍ଥେଟିକ୍ ଫାଇଲାମେଣ୍ଟର ଦାମ୍ ୨୫ ରୁ ୩୦% ବଢ଼ିଛି। ଅନେକ ମିଲ୍ ଉତ୍ପାଦନ ସମୟ ୧୮ ଘଣ୍ଟାରୁ କମାଇ ୧୦ ଘଣ୍ଟା କରିଦେଇଛନ୍ତି। ଏହାର ପ୍ରଭାବ କାର୍ପେଟ୍, କମ୍ବଳ ଏବଂ ବେଡ୍ ଶିଟ୍ ଉପରେ ମଧ୍ୟ ପଡ଼ିଛି । ସୂଚନା ଥାଉକି, ଗ୍ୟାସ୍ ଅଭାବ ଏବଂ ଦରବୃଦ୍ଧି ଯୋଗୁ ଅନେକ ଶ୍ରମିକ ଗାଁକୁ ଫେରି ଯାଉଛନ୍ତି, ଯାହାକି ଟେକ୍ସଟାଇଲ୍ ଶିଳ୍ପକୁ ପ୍ରଭାବିତ କରୁଛି ।

## ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ବଡ଼ ଅପଡେଟ

# ନୂଆ ୟୁଜର୍ସଙ୍କୁ ହେବ ସୁବିଧା

ନୂଆଦିଲ୍ଲୀ,୭।୪ଃ ଲୋକପ୍ରିୟ ଇନଷ୍ଟାଣ୍ଟ ମେସେଜିଂ ଆପ୍ ହ୍ୱାଟ୍ସଆପ୍ ଏହାର ୟୁଜର୍ସଙ୍କ ପାଇଁ ଆଣିଛି ନୂଆ ଜବରଦସ୍ତ ଫିଚର । ଯାହା ୟୁଜର୍ସଙ୍କ ପାଇଁ ବେଶ୍ ସୁବିଧାଜନକ ହେବ। ବିଶେଷ କରି ଏହି ଫିଚର୍ସ ହ୍ୱାଟ୍ସଆପ୍ ଗ୍ରୁପରେ ଯୋଡ଼ି ହେଉଥିବା ନୂଆ ୟୁଜରଙ୍କୁ ଏହି ଫିଚରର ସବୁଠୁ ଅଧିକ ଫାଇଦା ହେବ। ଏହା ସହ ଏହି ଫିଚର ଗ୍ରୁପ୍ ଚାଟ୍‌କୁ ଆହୁରି ସହଜ କରିବ। ପ୍ରକୃତରେ ବର୍ତ୍ତମାନ ଯଦି କୌଣସି ମେମ୍ବର ଗ୍ରୁପ୍ରେ ଯୋଡ଼ି ହେଉଛନ୍ତି, ତେବେ ତାଙ୍କୁ ପୁରୁଣା ମେସେଜ ଜଣାପଡ଼ିନଥାଏ। ଏମିତିରେ ଗ୍ରୁପର ଅନ୍ୟ ମେମ୍ବର ତାଙ୍କୁ ପୂର୍ବ ମେସେଜ ସବୁର ସ୍କ୍ରିନସଟ୍ କିମ୍ବା ଫରଓ୍ୱାର୍ଡ କରିଥାନ୍ତି। ଯେମିତି ଗ୍ରୁପରେ ପୂର୍ବରୁ କ'ଣ ଆଲୋଚନା ହୋଇଥିଲା ତାହା ନୂଆ ମେମ୍ବର ମଧ୍ୟ ଜାଣିପାରିବେ। ରିପୋର୍ଟ ଅନୁସାରେ, ହ୍ୱାଟ୍ସଆପ୍ ଯେଉଁ ନଆ ଫିଚର ଆଣିଛି ତାହା ଦ୍ୱାରା ଏବେ କେହି ନୂଆ ମେମ୍ବର ଗ୍ରୁପରେ ଯୋଡ଼ିହେଲେ ତାଙ୍କୁ ଆଉ ପୁରୁଣା ମେମ୍ବରଙ୍କ ସହ କଥାବାର୍ତ୍ତା ହେବାରେ ଅସୁବିଧା ହେବନି। ଅର୍ଥାତ ଏବେ ନୂଆ ମେମ୍ବର ଗ୍ରୁପରେ ଯୋଡ଼ି ହେବା ପରେ ସେ ଗ୍ରୁପର ପୁରୁଣା ମେସେଜ ସବୁ ଜାଣିପାରିବେ। ଏହାଦ୍ୱାରା ନୂଆ ୟୁଜର ଗ୍ରୁପରେ ହୋଇଥିବା ଆଲୋଚନା ବିଷୟରେ ଜଲଦି ଜାଣିପାରିବେ। ତାଙ୍କୁ ବାରମ୍ବାର ଅନ୍ୟ ମେମ୍ବରଙ୍କୁ ପଚାରିବାକୁ ପଡ଼ିବନି। ତେବେ ଏହି ଫିଚର ଦ୍ୱାରା ଗ୍ରୁପ୍ ଆଡମିନ କିମ୍ବା ନୂଆ ମେମ୍ବର ସର୍ବନିମ୍ନ ୨୫ ଏବଂ ସର୍ବାଧିକ ୧୦୦ ମେସେଜ ଶେୟାର କରିପାରିବେ। ଏହି ଫିଚର ବିଶେଷ କରି ଅଫିସ, ଫ୍ୟାମିଲି ଏବଂ ଷ୍ଟଡି ଗ୍ରୁପ୍ରେ ବେଶ୍ ଉପଯୋଗୀ ହେବ। ଏହି ଫିଚରରେ ଗ୍ରୁପ୍ ଆଡମିନଙ୍କୁ ବିଶେଷ ଅଧିକାର ଦିଆଯାଇଛି। ଆଡମିନ ଚାହିଁଲେ ଏହି ସେଟିଂକୁ ଅନ୍ କିମ୍ବା ଅଫ୍ କରିପାରିବେ। ଅର୍ଥାତ ସେ ନିର୍ଦ୍ଧାରିତ କରିବେ ଗ୍ରୁପରେ ଏହି ସୁବିଧା ବ୍ୟବହାର ହେବ ନା' ନାହିଁ। ଅବଶ୍ୟ ଆଡମିନଙ୍କ ପାଖରେ ସବୁବେଳେ ଏହି ଅପ୍ସନ ରହିବ ଯେ, ସେ ନିଜେ ମେସେଜ ହିଷ୍ଟ୍ରି ଶେୟାର କରିପାରିବେ। ତେବେ ଏହି ଫିଚରକୁ ମାନୁଆଲ ଭାବରେ ଆକ୍ଟିଭ କରିବାକୁ ପଡ଼ିବ। ଅର୍ଥାତ ଯେତେବେଳେ ଆବଶ୍ୟକ ପଡ଼ିବ ସେତେବେଳେ ହିଁ ମେସେଜ ଶେୟାର କରାଯାଇପାରିବ। ଏହାଦ୍ୱାରା ଅଯଥା ମେସେଜ ଶେୟାର ହେବାର ସମସ୍ୟା ମଧ୍ୟ ହେବନାହିଁ ଏବଂ ଗ୍ରୁପ୍ର କଣ୍ଟ୍ରୋଲ ସଂପୂର୍ଣ୍ଣ ଭାବରେ ଆଡମିନ ଏବଂ ୟୁଜର୍ସଙ୍କ ହାତରେ ରହିବ।




# ଭାରତରେ ଦେଖାଦେଲା ସାର ଓ କୀଟନାଶକ ସଙ୍କଟ

ନୂଆଦିଲ୍ଲୀ, ୭।୪ଃଆମେରିକା, ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଲାଗିରହିଥିବା ଯୁଦ୍ଧ କେବଳ ପଶ୍ଚିମ ଏସିଆରେ ସୀମିତ ନାହିଁ, ବରଂ ଏହାର ପ୍ରଭାବ ଭାରତର ଦୂରଦୂରାନ୍ତ ଗାଁଗୁଡ଼ିକରେ ଥିବା କୃଷକଙ୍କ ଉପରେ ମଧ୍ୟ ପଡ଼ିବା ଆରମ୍ଭ ହୋଇଛି। ଆଗକୁ ଖରିଫ୍ ଋତୁ ଆସୁଥିବା ବେଳେ ବିଶ୍ୱ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବା କାରଣରୁ ଭାରତରେ ସାର ଏବଂ କୀଟନାଶକର ଅଭାବ ତଥା ଆକାଶଛୁଆଁ ଦରବୃଦ୍ଧି ଏକ ବଡ଼ ସମସ୍ୟା ଭାବେ ଉଭା ହେବା ନେଇ ବଡ ଆଶଙ୍କା ସୃଷ୍ଟି ହୋଇଛି । ୟୁରିଆର କଳାବଜାରୀଃ ସରକାରୀ ଦର ବ୍ୟାଗ୍ ପିଛା ପ୍ରାୟ ୨୮୦ ଟଙ୍କା ଥିବା ବେଳେ ବଜାରରେ ଏହାର ଅଭାବ କାରଣରୁ ଏହା ପ୍ରତି ବ୍ୟାଗ୍ ପିଛା ୧,୧୦୦ ରୁ ୧,୨୦୦ ଟଙ୍କାରେ ବିକ୍ରି ହେଉଛି।

ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଡିଏପି ଦର ବ୍ୟାଗ୍ ପିଛା ୧,୩୦୦ ଟଙ୍କାରୁ ତୀବ୍ର ବୃଦ୍ଧି ପାଇ ୨,୧୦୦-୨,୨୦୦ ଟଙ୍କାରେ ପହଞ୍ଚିଛି। କୀଟନାଶକ ମୂଲ୍ୟରେ ବୃଦ୍ଧିଃ କୀଟନାଶକ ଦର ପ୍ରାୟ ୨୫% ବଢ଼ିଯାଇଛି। ଫଳରେ ଏକର ପିଛା ଚାଷ ଖର୍ଚ୍ଚ ପୂର୍ବର ୩,୫୦୦ ଟଙ୍କାରୁ ବୃଦ୍ଧି ପାଇ ୫,୦୦୦ ରୁ ୬,୦୦୦ ଟଙ୍କା ହୋଇଗଲାଣି।

ଚୀନ୍ ପରେ ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ସାର ଉପଭୋକ୍ତା। ଭାରତ ନିଜ ଆବଶ୍ୟକତାର ୨୦% ରୁ ୩୦% ୟୁରିଆ ଏବଂ ପ୍ରାୟ ୫୦% ଏଲଏନଜି, ଯାହା ଦେଶ ଭିତରେ ୟୁରିଆ ପ୍ରସ୍ତୁତି ପାଇଁ ନିତ୍ୟାନ୍ତ ଆବଶ୍ୟକ ଉପସାଗରୀୟ ଅଞ୍ଚଳରୁ ହିଁ ଆମଦାନୀ କରିଥାଏ। ବର୍ତ୍ତମାନ ଯୁଦ୍ଧ କାରଣରୁ 'ହରମୁଜ୍ ଜଳପଥ' ଦେଇ ହେଉଥିବା ବାଣିଜ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।

ଅନ୍ୟପକ୍ଷରେ, ନିଜ ଦେଶର ଚାହିଦା ମେଣ୍ଟାଇବା ପାଇଁ ଚୀନ୍ ସାର ଏବଂ ବାୟୋଷ୍ଟିମୁଲାଣ୍ଟ୍ ରପ୍ତାନି ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇଦେଇଛି, ଯାହା ବିକଳ୍ପ ଯୋଗାଣ ପଥକୁ ମଧ୍ୟ ବନ୍ଦ କରିଦେଇଛି। ପ୍ଲାଷ୍ଟିକ୍ ପ୍ୟାକେଜିଂ ଖର୍ଚ୍ଚ ପ୍ରାୟ ୭୦% ରୁ ୮୦% ଏବଂ କାଗଜଭିତ୍ତିକ ପ୍ୟାକେଜିଂ ୧୫% ରୁ ୨୦% ବୃଦ୍ଧି ପାଇଛି।

୨.୫ ନିୟୁତ ଟନ୍ ୟୁରିଆ ଆମଦାନୀଃ ରାଷ୍ଟ୍ରାୟତ୍ତ ସଂସ୍ଥା ଇଣ୍ଡିଆନ୍ ପୋଟାସ୍ ଲିମିଟେଡ୍ ପକ୍ଷରୁ ୨.୫ ନିୟୁତ ମେଟ୍ରିକ୍ ଟନ୍ ୟୁରିଆ କିଣିବା ପାଇଁ ଏକ ଟେଣ୍ଡର୍ ଜାରି କରାଯାଇଛି। ଏଥିପାଇଁ ଏପ୍ରିଲ୍ ୧୫ ସୁଦ୍ଧା ବିଡ୍ ଦାଖଲ କରାଯିବ ଏବଂ ଜୁନ୍ ୧୪ ସୁଦ୍ଧା ଜାହାଜଗୁଡ଼ିକ ଆସିଯିବାର ଲକ୍ଷ୍ୟ ରଖାଯାଇଛି, ଯାହା ଧାନ, ମକା ଓ ସୋୟାବିନ୍ ବୁଣା ପାଇଁ ଗୁରୁତ୍ୱପୂର୍ଣ୍ଣ।

କୃଷି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଚଳିତ ଖରିଫ୍ ଋତୁ ପାଇଁ ୩୯୦.୫୪ ଲକ୍ଷ ମେଟ୍ରିକ୍ ଟନ୍ ସାର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୮୦ ଲକ୍ଷ ମେଟ୍ରିକ୍ ଟନ୍ (ମୋଟ ଚାହିଦାର ପ୍ରାୟ ୪୬%) ମହଜୁଦ୍ ଅଛି। ଏହା ସାଧାରଣ ସମୟର ୩୩% ମହଜୁଦ୍ ଠାରୁ ଯଥେଷ୍ଟ ଅଧିକ ଅଟେ।

କୀଟନାଶକ ସ୍ଥିତିଃ କୀଟନାଶକର ମଧ୍ୟ ପର୍ଯ୍ୟାପ୍ତ ମହଜୁଦ୍ ରହିଛି। ଆବଶ୍ୟକତା ୭୪,୨୬୬ ମେଟ୍ରିକ୍ ଟନ୍ ଥିବା ବେଳେ ଉତ୍ପାଦନ ୨.୬୧ ଲକ୍ଷ ମେଟ୍ରିକ୍ ଟନ୍ ରହିଛି। କଳାବଜାରୀ ରୋକିବା ପାଇଁ ସ୍ଥାନୀୟ ତଦାରଖ କମିଟି ଗଠନ କରାଯାଇଛି। ଶିଳ୍ପ ବିଶେଷଜ୍ଞମାନେ ସତର୍କ କରାଇଛନ୍ତି ଯେ, କମ୍ପାନୀଗୁଡ଼ିକ ପାଖରେ କେବଳ ୩୦ ରୁ ୪୫ ଦିନର ଷ୍ଟକ୍ ମହଜୁଦ୍ ରହିଛି। ସାମୟିକ ଭାବେ ଅଭାବ ମେଣ୍ଟାଇବା ପାଇଁ ପର୍ଯ୍ୟାପ୍ତ ଷ୍ଟକ୍ ଥିଲେ ମଧ୍ୟ ପ୍ରକୃତ ବିପଦ ହେଉଛି ବିଶ୍ୱ ବଜାରରେ ଦେଖାଦେଇଥିବା ଦର ଅସ୍ଥିରତା। ଯଦି ଏହି ଯୁଦ୍ଧ ଲମ୍ବା ସମୟ ଧରି ଚାଲେ, ତେବେ କୃଷକଙ୍କ ପାଇଁ ଚାଷ ଖର୍ଚ୍ଚ ଆହୁରି ବୃଦ୍ଧି ପାଇବ, ଯାହା ଶେଷରେ ସାଧାରଣ ଲୋକଙ୍କ ଉପରେ ଖାଦ୍ୟ ମୁଦ୍ରାସ୍ଫୀତିର ବୋଝ ପକାଇବ। ଭବିଷ୍ୟତର ଏଭଳି ସଙ୍କଟକୁ ଏଡ଼ାଇବା ପାଇଁ ଦେଶରେ ସାର ସବସିଡି ନୀତିରେ ପରିବର୍ତ୍ତନ ଆଣିବା, ଏନପିକେ ଓ ବାୟୋ-ଫର୍ଟିଲାଇଜର୍ (ଜୈବିକ ସାର) ର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱଦେଶୀ ଉତ୍ପାଦନ ବୃଦ୍ଧି ସହ ଆମଦାନୀ ଉତ୍ସକୁ ବ୍ୟାପକ କରିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।



# ଭେଜ୍ ଥାଳି ଦର ସ୍ଥିର, କମିଛି ନନଭେଜ୍

ନୂଆଦିଲ୍ଲୀ,୭।୪ଃଦେଶରେ ସାକାହାରୀ ଥାଳି ମୂଲ୍ୟ ମାର୍ଚ୍ଚ ମାସରେ ସ୍ଥିର ଥିଲା, ତେବେ ଏହି ସମୟରେ ବାର୍ଷିକ ଆଧାରରେ ଆମିଷ ଥାଳି ମୂଲ୍ୟରେ ୧% ପର୍ଯ୍ୟନ୍ତ ହ୍ରାସ ଦେଖାଯାଇଛି। ଏହି ସୂଚନା କ୍ରିସିଲ ଇଣ୍ଟେଲିଜେନ୍ସ ଦ୍ୱାରା ସୋମବାର ଜାରି ରିପୋର୍ଟରେ ଦିଆଯାଇଛି। ରିପର୍ଟରେ କୁହାଯାଇଛି ଯେ ମାର୍ଚ୍ଚ ମାସରେ ଘରେ ରନ୍ଧା ସାକାହାରୀ ଥାଳି ବାବଦ ବ୍ୟୟ ପାଖାପାଖି ସ୍ଥିର ଥିଲା। ଏହାର କାରଣ ହେଉଛି ଆଳୁ, ପିଆଜ ଓ ଡାଲି ଦର ସ୍ଥିର ରହିବା। ଏହା ଛଡା ଟମାଟର ଦର କମ ରହିଥିବା ବେଳେ ଖାଦ୍ୟ ତୈଳ ଓ ଇନ୍ଧନ ବାବଦ ବ୍ୟୟ ବଢ଼ି ଯାଇଥିଲା। ଆମିଷ ଥାଳି ଦର ହ୍ରାସର କାରଣ ହେଉଛି ବ୍ରୟଲର କୁକୁଡା ଦରରେ ବାର୍ଷିକ ଆଧାରରେ ୨% ହ୍ରାସ ଦେଖାଯାଇଥିଲା, ଯାହା ଥାଳି ବାବଦ ମୋଟ ବ୍ୟୟର ପାଖାପାଖି ୫୦%। ରିପୋର୍ଟ ଅନୁସାରେ ଟମାଟୋ ଚାଷ ଅଞ୍ଚଳରେ କୃଷି ବିଳମ୍ବ ହେବା ଟମାଟର ମୂଲ୍ୟ ବୃଦ୍ଧି ହୋଇଛି। ତେବେ ବଜାରକୁ ଲଗାତାର ପିଆଜ ଯୋଗାଣ କାରଣରୁ ଦର କମ୍ ରହିଛି। ସେହିପରି ଆଳୁର ଚାହିଦା ହ୍ରାସ ଦରକୁ ନିୟନ୍ତ୍ରିତ କରିଛି। କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶ ଭଳି ପ୍ରମୁଖ ଟମାଟୋ ଉତ୍ପାଦନକାରୀ ରାଜ୍ୟ ଚାରା ରୋପଣ ବିଳମ୍ବ କାରଣରୁ ସମୟରେ ଫସଲର ବିକାଶ ଓ ଉତ୍ପାଦନ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ମାର୍ଚ୍ଚ ମାସରେ ଟମାଟର ଦର ବାର୍ଷିକ ଆଧାରରେ ୩୩% ବୃଦ୍ଧି ହୋଇଥିଲା। ଖରିଫ ଫସଲ ବିଳମ୍ବ ହେବା ଓ ରବି ଅମଳ ଏକ ସାଙ୍ଗରେ ହେବା ଯୋଗୁ ଯୋଗାଣ ଅଧିକ ରହିବା ରପ୍ତାନୀ ହ୍ରାସ ପିଆଜ ମୂଲ୍ୟ ବାର୍ଷିକ ଆଧାରରେ ୨୫% ପର୍ଯ୍ୟନ୍ତ ହ୍ରାସ ହୋଇଛି। ଜାରି ଆର୍ଥିକ ବର୍ଷରେ ଅଧିକ ପ୍ରାରମ୍ଭିକ ଷ୍ଟକ୍ କାରଣରୁ ଡାଲି ଦରରେ ବାର୍ଷିକ ଆଧାରରେ ୬% ପର୍ଯ୍ୟନ୍ତ ହ୍ରାସ ହୋଇଛି। ଏଣୁ ମୂଲ୍ୟ ଉପରେ ଚାପ ଅନେକାଂଶରେ କମିଛି। ବୈଶ୍ୱିକ ଯୋଗାଣରେ ବ୍ୟବଧାନ କାରଣରୁ ବନସ୍ପତି ତୈଳ ବାର୍ଷିକ ଆଧାରରେ ୬% ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ତେବେ ଯୋଗାଣରେ ବ୍ୟବଧାନ ପାଇଁ ଏଲପିଜି ସିଲିଣ୍ଡର ମୂଲ୍ୟ ବାର୍ଷିକ ଆଧାରରେ ୧୪% ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଏଣୁ ଥାଳି ବାବଦ ଖର୍ଚ୍ଚ ହ୍ରାସ ସୀମିତ ହୋଇଯାଇଛି। କ୍ରିସିଲ ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ ପୁଷ୍ପନ ଶର୍ମା କହିଛନ୍ତି ଯେ ପଶ୍ଚିମ ଏସିୟାରେ ଜାରି ଯୁଦ୍ଧ କାରଣରୁ ଅଶୋଧିତ ତୈଳ ମୂଲ୍ୟ ବଢି ଯାଇଛି। ଏଣୁ ଜୀବାଶ୍ମ ଇନ୍ଧନର ବର୍ଦ୍ଧିତ ଚାହିଦା ଯୋଗୁ ଖାଦ୍ୟ ତୈଳ ଦର ମଧ୍ୟ ବୃଦ୍ଧି ହୋଇଛି। ମାର୍ଚ୍ଚ ମାସରେ ତାଳ ଓ ସୂର୍ଯ୍ୟମୁଖି ତୈଳର ବୈଶ୍ୱିକ ମୂଲ୍ୟରେ ବୃଦ୍ଧି ହୋଇଛି। ଏହାର ପ୍ରଭାବ ଘରୋଇ ବଜାର ଉପରେ ମଧ୍ୟ ପଡିଛି। ନିକଟ ଭବିଷ୍ୟତରେ ଭୂ-ରାଜନୈତିକ କାରଣରୁ ବନସ୍ପତି ତୈଳ ମୂଲ୍ୟ ଉଚ୍ଚ ରହିବାର ସମ୍ଭାବନା ରହିଛି।



# ବଢୁଛି ଉତ୍ପାଦନ ଖର୍ଚ୍ଚ, ଚିନ୍ତାରେ ଟେଲିଭିଜନ ଶିଳ୍ପ

ନୂଆଦିଲ୍ଲୀ, ୭।୪ଃ ମେମୋରୀ ଚିପ୍ ଦରବୃଦ୍ଧିକୁ ନେଇ ପୂର୍ବରୁ ଚିନ୍ତାରେ ଥିବା ଟେଲିଭିଜନ ଶିଳ୍ପ ଏବେ ବିକ୍ରି କମିବା ନେଇ ଆଶଙ୍କିତ ଅବସ୍ଥାରେ ରହିଛି। ପଶ୍ଚିମ ଏସିଆରେ ବଢୁଥିବା ଭୁ-ରାଜନୈତିକ ଅସ୍ଥିରତା ଏବଂ ସାମୁଦ୍ରିକ ପରିବହନ ଖର୍ଚ୍ଚ ବୃଦ୍ଧି ଯୋଗୁ ପ୍ଲାଷ୍ଟିକ ଦର ବଢ଼ିବା ଫଳରେ ଟିଭି ବିକ୍ରି କମିପାରେ ବୋଲି ଶିଳ୍ପ ଅନୁମାନ କରୁଛି। ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଯୋଗୁ ଟିଭି ଦର ବୃଦ୍ଧି ପାଇଛି। ଫଳରେ କ୍ରେତାମାନେ ଛୋଟ ସ୍କ୍ରିନ୍ ଟିଭି ପ୍ରତି ଏବେ ଢଳୁଛନ୍ତି। ଏଭଳି ସ୍ଥିତିରେ କିଛି ନିର୍ମାତା ଟିଭି ବିକ୍ରି କମିବା ନେଇ ଆଶଙ୍କା କରୁଛନ୍ତି।

ପ୍ରକାଶଯୋଗ୍ୟ, ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଦ୍ୱାରା ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି। ଫଳରେ ଟିଭିର ରିଟେଲ ଦର ବଢ଼ିଯାଇଛି। ବଡ଼ ବଡ଼ ବ୍ରାଣ୍ଡଗୁଡ଼ିକ କିଛିଟା ଚାପ ସହ୍ୟ କରିଛନ୍ତି। ପ୍ରତିଯୋଗିତାମୂଳକ ଭାରତୀୟ ଟିଭି ବଜାରରେ ବଜାର ଅଂଶକୁ ବଜାୟ ରଖିବା ପାଇଁ କେତେକ କମ୍ପାନି ସମ୍ପୂର୍ଣ୍ଣ ଆର୍ଥିକ ବୋଝକୁ ଗ୍ରାହକଙ୍କ ଉପରେ ପକାଇନାହାନ୍ତି। ତେବେ ବର୍ତ୍ତମାନ ସ୍ଥିତିରେ ଗ୍ରାହକ ସେମାନଙ୍କ କ୍ରୟ ଯୋଜନାକୁ ବିଳମ୍ବ କରୁଛନ୍ତି। ବର୍ଷର ଦ୍ୱିତୀୟ ଭାଗରେ ପାର୍ବଣ ଥିବାରୁ ଉକ୍ତ ସମୟରେ କିଛିଟା ସୁଧାର ଦେଖିବାକୁ ମିଳିପାରେ ବୋଲି ଶିଳ୍ପ ଆଶା ରଖିଛି। ଶିଳ୍ପ ବିଶେଷଜ୍ଞଙ୍କ କହିବାନୁସାରେ, ଉତ୍ପାଦନ ଖର୍ଚ୍ଚ ବଢ଼ିଯାଇଛି। ଏହା ଶିଳ୍ପ ପାଇଁ ଅତ୍ୟନ୍ତ କଠିନ ସମୟ। ଲୋକେ ଟିଭି କିଣିବା ବେଳେ ଛୋଟ ସ୍କ୍ରିନ୍ ଆଡ଼କୁ ଢଳିପାରନ୍ତି। ୫୫ ଇଞ୍ଚ ସ୍କ୍ରିନ ପାଇଁ ଯୋଜନା କରିଥିବା ଗ୍ରାହକ ୫୦ ଇଞ୍ଚକୁ ମନ ପରିବର୍ତ୍ତନ କରିପାରନ୍ତି। ସେହିଭଳି ୬୫ ଇଞ୍ଚ ସ୍କ୍ରିନ ପାଇଁ ଯୋଜନା କରିଥିବା ଗ୍ରାହକ ୫୫ ଇଞ୍ଚକୁ ମନ ବଦଳାଇପାରନ୍ତି। ଗତ ୬ ମାସରେ ଟିଭି ଦର ବଡ଼ ମାତ୍ରାରେ ବୃଦ୍ଧି ପାଇଛି। ଏକ ଏଣ୍ଟ୍ରି ଲେଭୁଲ ୩୨ ଇଞ୍ଚ ଟିଭି, ଯାହାକି ୯,୦୦୦ ଟଙ୍କାକୁ ଖସିଯାଇଥିଲା ତାହା ଏବେ ୧୧,୦୦୦ ଟଙ୍କାକୁ ବଢ଼ିଯାଇଛି।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୮୯୦ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୬୫୦ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୬,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୮୯୦ ଓ ୧,୩୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ଅବଧି ଶେଷ: ୮୧୫ ପଞ୍ଜିକୃତ ଚାଷୀ ବିକିପାରିଲେନି ଧାନ

## ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର

ନୀଳଗିରି,୭।୪ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ମାର୍ଚ୍ଚ ୩୧ତାରିଖ ଖରିଫ ଋତୁରେ ଅମଳ ହୋଇଥିବା ଧାନବିକ୍ରି ପାଇଁ ଶେଷ ଅବଧି ରଖିଥିଲେ। ଇତିମଧ୍ୟରେ ଅବଧି ଶେଷ ହୋଇସାରିଥିଲେ ମଧ୍ୟ ନୀଳଗିରି ଲ୍ୟାମ୍ପ ଅଧୀନରେ ଥିବା ୯ଟି ଧାନମଣ୍ଡିରେ ୮୧୫ଜଣ ପଞ୍ଜୀକୃତଚାଷୀ ସେମାନଙ୍କର କଷ୍ଟଅର୍ଜିତ ଧାନକୁ ସରକାରୀ ଦରରେ ବିକ୍ରିକରିବାରୁ ବଂଚିତ ହୋଇଛନ୍ତି। ସେମାନଙ୍କ ଧାନ କେବେ ଉଠିବ ସେନେଇ ଆଶାଆଶଙ୍କାରେ ଚାଷୀ।

ଏନେଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଏହି ଏକ ତଥ୍ୟ ସମ୍ବଳିତ ରିପୋର୍ଟ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ସମବାୟ ସମିତି ଅଧିନରେ ଥିବା ଧାନକ୍ରୟ କେନ୍ଦ୍ର ଯଥା- ପୁନ୍ଦାଳରେ ୧୦ଜଣ ଚାଷୀଙ୍କର ୩୩୫.୨୯କ୍ୱିଣ୍ଟାଲ, କାଂଶ ଅଧୀନରେ ୧୭ଜଣ ଚାଷୀଙ୍କ ୭୩୧.୮୯ କ୍ୱିଣ୍ଟାଲ, ମିତ୍ରପୁରରେ ୩୨୨ଜଙ୍କର ୧୦.୦୩୦ କ୍ୱିଣ୍ଟାଲ, ଅଯୋଧ୍ୟା ଅନ୍ତର୍ଗତ ୫୧ଜଣ ଚାଷୀଙ୍କ ୧୬୪୭.୮୯ କ୍ୱିଣ୍ଟାଲ, ଅମ୍ବିକାପୁର ଅଧୀନରେ ୬୯ଜଣ ଚାଷୀଙ୍କ ୧୯୬୨.୭୮ କ୍ୱିଣ୍ଟାଲ, ସିଆଡିମାଳରେ ୬୪ଜଣ ଚାଷୀଙ୍କ ୧୯୧୮.୩୮ କ୍ୱିଣ୍ଟାଲ, ସଜନାଗଡ ଅଧୀନରେ ୨୨୯ଜଣ ଚାଷୀଙ୍କର ୬୫୯୬.୬୧ କ୍ୱିଣ୍ଟାଲ, ମହିଷାପଟା ଅଧୀନସ୍ଥ ୧୪ଚାଷୀଙ୍କ ୫୧୭.୦୭କ୍ୱିଣ୍ଟାଲ ଏବଂ ଭଉଁରିଆବାଡ ଅନ୍ତର୍ଗତ ୩୯ଜଣ ଚାଷୀଙ୍କର ୧୫୮୦ କ୍ୱିଣ୍ଟାଲ ପାଖାପାଖି ୨୫୩୨ଟନ୍ ଧାନ ମହଜୁଦ ରହିଥିବା ସୂଚନା ଦେଇଛନ୍ତି।

ତେବେ ମିଲର ଏବଂ ପରିବହନ ସଂସ୍ଥା ପାଇଁ ଏଭଳି ସମସ୍ୟା ଉପୁଜୁଥିବା ବିଭାଗୀୟ ଅଧିକାରୀ ସୂଚନା ଦେଉଥିବାବେଳେ ପ୍ରଶାସନ ପକ୍ଷରୁ ଉଭୟ ସଂସ୍ଥାରେ ସମନ୍ୱୟ ରକ୍ଷାକରି ପଦକ୍ଷେପ ନେବାକୁ ଉପ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି।

ମହଜୁଦ ରହିଥିବା ଧାନ କେବେ ଉଠିବ ଏବଂ କେବେ ଚାଷୀମାନଙ୍କର ଆଶଙ୍କା ଦୂରହେବ, ତାହାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ପଦକ୍ଷେପ ନେବାକୁ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାର ନକଲ ମଧ୍ୟ ବାଲେଶ୍ୱର ଜିଲ୍ଲାପାଳ, ଚିଫ୍ ସିସିଓ ଡିଆରସିଏସ ବାଲେଶ୍ୱରଙ୍କ ଅବଗତ ନିମନ୍ତେ ଜଣାଇଥିବା ସୂଚନା ଜାଣିବାକୁ ମିଳିଛି ।

## ମା' ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା

# ରାଜରାଜେଶ୍ୱରୀ ବେଶରେ ଦେଲେ ଦର୍ଶନ

କାକଟପୁର/ଅସ୍ତରଙ୍ଗ,୭।୪ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ଅଧିଷ୍ଠାତ୍ରି ଦେବୀ ଜଗତଜନନୀ ମା' ମଙ୍ଗଳାଙ୍କ ପୀଠ। ଚୈତ୍ର ମାସର ପ୍ରଥମ ମଙ୍ଗଳବାରରୁ ଆରମ୍ଭ କରି ପଞ୍ଚମ ମଙ୍ଗଳବାର ପର୍ଯ୍ୟନ୍ତ ପୀଠର ଶ୍ରେଷ୍ଠ ପର୍ବ ଦିବସ। କିନ୍ତୁ ଚୈତ୍ର ମାସର ପ୍ରଥମ ଚାରିଟି ମଙ୍ଗଳବାର ମା ମଙ୍ଗଳାଙ୍କ ପୀଠରେ "ପାଳିଯାତ୍ରା "ଭାବେ ପାଳିତ ହେବା ବେଳେ ପଞ୍ଚମ ମଙ୍ଗଳବାର "ଝାମୁଯାତ୍ରା "ରୂପେ ପାଳିତ ହୋଇଥାଏ। ଚୈତ୍ର ମାସ ପ୍ରଥମ ମଙ୍ଗଳବାରରେ ମା ମଙ୍ଗଳାଙ୍କ ନେତ୍ରୋତ୍ସବ ଠାରୁ ଆରମ୍ଭ ହୋଇଥିବା ମା''ଙ୍କ ପାଳିଯାତ୍ରା ଆଜି ପଞ୍ଚମ ପାଳି ମଙ୍ଗଳବାରରେ ଝାମୁ ଯାତ୍ରା ପରେ ଏହି ପାଳିଯାତ୍ରା ଶେଷ ହୋଇଛି ।




ବିଳମ୍ବିତ ରାତ୍ର ୩ଟାରୁ ମାଙ୍କର ସ୍ନାନ ମାର୍ଜଣା, ସୂର୍ଯ୍ୟପୂଜା, ବଲ୍ଲଭ ପୂଜା, ସକାଳ ଧୂପ, ଦ୍ୱାରପାଳ ପୂଜା ପରେ ମା' ମଙ୍ଗଳା ରାଜା ରାଜେଶ୍ୱରୀ ବେଶ ପରେ ଭୋର ୫.୩୦ରେ ସାହାଣମେଳା ଓ ସର୍ବସାଧାରଣ ଦର୍ଶନ ପହଡ ଖୋଲିଥିଲା । ଏହି ଦୁର୍ଲ୍ଲଭ ବେଶ ଦେଖିବାକୁ ଲକ୍ଷାଧିକ ଭକ୍ତ ମା'ଙ୍କୁ ଦର୍ଶନ କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ସମୟରେ ଓଡିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମା'ମଙ୍ଗଳାଙ୍କୁ ଦର୍ଶନ କରିଥିଲେ।

ମଧ୍ୟାହ୍ନ ସମୟରେ ଝଙ୍କଡ ମା 'ଶାରଳାଙ୍କ ପୀଠରୁ ଆସିଥିବା ମାଳୀ ସମ୍ପ୍ରଦାୟର ପାଟୁକା ମାନେ ପାରମ୍ପାରିକ ଢୋଲ ମହୁରୀ ବାଦ୍ୟର ରୋଷଣୀରେ ମାଙ୍କ ଠାରୁ ଆଜ୍ଞାମାଳ ନେଇ ପୂର୍ଣ୍ଣତୋୟା ପ୍ରାଚୀ ନଦୀର ଘାଟରୁ ପାଣି ତୋଳିବା ପରେ ମନ୍ଦିର ସମ୍ମୁଖରେ ନିର୍ମିତ ୧୨ଫୁଟ ଲମ୍ବର ଏକ ନିଆଁ ଗର୍ତ୍ତରେ ଚାଲିଥିଲେ । ଏହି ଅଞ୍ଚଳର ମାନସିକଧାରୀ ଭୋଇ ସମ୍ପ୍ରଦାୟର ପାଟୁକାମାନେ ନିଆଁ ଗର୍ତ୍ତ ଚାଲିବା ସହ ମାଙ୍କ ସମ୍ମୁଖରେ ଘଣ୍ଟ ପାଟୁକା ନୃତ୍ୟ କରି ଏହି ଯାତ୍ରାର ସମାପନ କରିଥିଲେ । ମାଙ୍କ ଦର୍ଶନ ସହ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ମାଙ୍କର ଏହି ପ୍ରସିଦ୍ଧ ଝାମୁ ଦେଖିଥିଲେ । ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା।

# ଜଗତସିଂହପୁର ଜିଲ୍ଲାରେ ୧୬ ଇନ୍ସପେକ୍ଟରଙ୍କ ବଦଳି ନିର୍ଦ୍ଦେଶ

ପାରାଦୀପ,୭।୪ (ସଂଚାର ବ୍ୟୁରୋ):ଜଗତସିଂହପୁର ଜିଲାର ବିଭିନ୍ନ ଥାନାରେ ଥିବା ଇନ୍ସପେକ୍ଟରମାନଙ୍କ ବଦଳି ହୋଇଛି | ଜଗତସିଂହପୁର ଜିଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶ ମୁତାବକ ଏହି ବଦଳି କରାଯାଇଥିବା ଜଣାପଡିଛି | ନିର୍ଦ୍ଦେଶ ନମ୍ବର ୪୬୧/୦୬-୦୪-୨୦୨୬ ମୁତାବକ ବାଲିକୁଦା ଥାନାରେ ଥିବା ଇନ୍ସପେକ୍ଟର ସୁଶାନ୍ତ କୁମାର ସାହୁଙ୍କୁ ଜଗତସିଂହପୁର ଥାନାର ଥାନା ଅଧିକାରୀ ଭାବେ ନୂତନ ଦାୟିତ୍ୱ ମିଳିଥିବା ବେଳେ ଇନ୍ସପେକ୍ଟର ସୁଜାତା ବେହେରାଙ୍କୁ ବିରିଡି ଥାନାରୁ ବାଲିକୁଦା ଥାନାକୁ ବଦଳି କରାଯାଇଛି। ଇନ୍ସପେକ୍ଟର ବବିତା ଦେହୁରୀଙ୍କୁ ପାରାଦୀପ ସାମୁଦ୍ରିକ ଥାନାରୁ ପାରାଦୀପ ଆଦର୍ଶ ଥାନାକୁ ବଦଳି କରାଯାଇଥିବା ବେଳେ ପାରାଦୀପ ଆଦର୍ଶ ଥାନାର ଥାନା ଅଧିକାରୀ କାବୁଲି ବାରିକଙ୍କୁ ବିରିଡି ଥାନାକୁ ବଦଳି କରାଯାଇଛି | ଇନ୍ସପେକ୍ଟର ବଂଶୀଧର ପ୍ରଧାନଙ୍କୁ କୁଜଙ୍ଗ ଥାନାରୁ ତିର୍ତ୍ତୋଲ ଥାନାକୁ ବଦଳି କରାଯାଇଥିବା ବେଳେ ଇନ୍ସପେକ୍ଟର ଶିବାଶିଷ ଦାସଙ୍କୁ କୃଷ୍ଣାନନ୍ଦପୁର ଥାନାରୁ କୁଜଙ୍ଗ ଥାନାକୁ ବଦଳି କରାଯାଇଛି | ଇନ୍ସପେକ୍ଟର ପାର୍ଥ ପ୍ରତିମ ବେଉରାଙ୍କୁ ତିର୍ତ୍ତୋଲ ଥାନାର ଅତିରିକ୍ତ ଥାନା ଅଧିକାରୀ ପଦରୁ ବଦଳି କରାଯାଇ ଏରସମା ଥାନାର ନୂତନ ଥାନା ଅଧିକାରୀ ଭାବେ ନିଯୁକ୍ତି ମିଳିଛି | ଇନ୍ସପେକ୍ଟର ସରୋଜକାନ୍ତ ସାମଲଙ୍କୁ ଜଗତସିଂହପୁର ଥାନାରୁ ବନ୍ଦର ସାମୁଦ୍ରିକ ଥାନାକୁ ବଦଳି କରାଯାଇଥିବା ବେଳେ ଇନ୍ସପେକ୍ଟର ରଞ୍ଜନ କୁମାର ମାଝୀଙ୍କୁ ଏସାର ସେକସନରୁ କୃଷ୍ଣାନନ୍ଦପୁର ଥାନାକୁ ବଦଳି କରାଯାଇଛି | ଇନ୍ସପେକ୍ଟର ସୁଶାନ୍ତ କୁମାର ସେଠୀଙ୍କୁ ରଘୁନାଥପୁର ଥାନାରୁ ଡିଆଇବି ଜଗତସିଂହପୁରକୁ, ଇନ୍ସପେକ୍ଟର ପ୍ରଦୀପ୍ତ କୁମାର ସେଠୀଙ୍କୁ ତିର୍ତ୍ତୋଲ ଥାନାରୁ ପାରାଦୀପ ସାମୁଦ୍ରିକ ଥାନାକୁ ମଧ୍ୟ ବଦଳି କରାଯାଇଛି | ଇନ୍ସପେକ୍ଟର ପ୍ରେମଜୀତ ଦାସଙ୍କୁ ଏରସମା ଥାନାରୁ ରଘୁନାଥପୁର ଥାନା ଅଧିକାରୀ ଭାବେ,ଇନ୍ସପେକ୍ଟର ରଘୁନାଥ ଟୁଡୁଙ୍କୁ ବନ୍ଦର ସାମୁଦ୍ରିକ ଥାନାରୁ ତିର୍ତ୍ତୋଲ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ, ଇନ୍ସପେକ୍ଟର ସନ୍ତୋଷ କୁମାର ବଳଙ୍କୁ ସାଇବର ଥାନାରୁ ପାରାଦୀପ ଆଦର୍ଶ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ, ଇନ୍ସପେକ୍ଟର ମନ୍ଦାକିନୀ ବିଶୋୟୀଙ୍କୁ ଆରଓ ମୁଖ୍ୟ କାର୍ଯ୍ୟାଳୟରୁ ଜଗତସିଂହପୁର ସାଇବର ଥାନା ଓ ଇନ୍ସପେକ୍ଟର ସ୍ନେହଲତା ପ୍ରଧାନଙ୍କୁ ସାଇବର ଥାନାରୁ ପାରାଦୀପ ଲକ ଥାନାର ଅତିରିକ୍ତ ଥାନା ଅଧିକାରିଣୀ ଦାୟିତ୍ୱ ମିଳିଛି | ଜଗତସିଂହପୁର ଜିଲ୍ଲାରେ ନୂତନ ଭାବେ ଏସ୍‌ପି ଅଙ୍କିତ କୁମାର ବର୍ମା ଜିଲ୍ଲାର ଇନ୍ସପେକ୍ଟର ମାନଙ୍କ ମଧ୍ୟରେ ଏକକାଳୀନ ବଡ ଧରଣର ବଦଳି କରିଥିବା ଜଣାପଡିଛି |

# ରକ୍ତଦାନ ପାଇଁ ସଚେତନତା ଶିବିର

ନୀଳଗିରି,୭।୪ (ସଂଚାର ବ୍ୟୁରୋ): ରକ୍ତଦାନ ମହତ ଓ ପୁଣ୍ୟଦାନ । ରକ୍ତ ହିଁ ଜୀବନ ବଞ୍ଚିବାପାଇଁ ଶରୀରର ପ୍ରମୁଖ ଉପାଦାନ । ସର୍ବୋପରି ରକ୍ତଦାନକରି ଜୀବନର ତୃପ୍ତିପ୍ରାପ୍ତି ହେବାପାଇଁ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆସନ୍ତା ୮ତାରିଖ ବୁଧବାର ହେବାକୁ ଯାଉଥିବା ବିଶାଳ ରକ୍ତଦାନ ଶିବିର ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ନୀଳଗିରି ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ରକ୍ତ ଭଣ୍ଡାର ଡାକ୍ତର ମନୋଜ କୁମାର ବାରିକ ଓ ନୀଳଗିରି ରକ୍ତଦାତା ସଂଘର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଜୟ କୁମାର ପାତ୍ର, ସଂସ୍କୃତ ବିଭାଗର ଅଧ୍ୟାପକ ସଞ୍ଜୟ କୁମାର ପତି, ଗ୍ରାନ୍ଥଗାରିକ ପ୍ରସନ୍ନ ମହାପାତ୍ର ଯୋଗଦେଇ ରକ୍ତର ମୂଲ୍ୟ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ପ୍ରାରମ୍ଭରେ ୟୁଥ୍ ରେଡ୍ କ୍ରସ୍ ଓ ରେଡ ରିବନ୍ କ୍ଲବର କାଉନସେଲର ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଚେତନତା ଶିବିରର ଆଭିମୁଖ୍ୟ ବଖାଣି ଥିଲେ । ଶେଷରେ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମୌସୁମୀ ଭୋଳ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।। ଏହି ଆଲୋଚନାରେ ଦୁଇଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗଦାନ କରିଥିଲେ ।

# ରାଜନଗରରେ ୧୦୭ ୟୁନିଟ ରକ୍ତ ସଂଗୃହୀତ



ରାଜନଗର,୭।୪ (ସଂଚାର ବ୍ୟୁରୋ): ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ସେଚ୍ଛାକୃତ ରକ୍ତଦାନ ଶିବିରରେ ୧୦୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି | ଆମ ଓଡିଶା ଓ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା | ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମୀ ରଞ୍ଜନ ମହାନ୍ତି , ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର , ରାଜନଗର ଥାନାର ଆଇଆଇସି ନରେଶ ଚନ୍ଦ୍ର ସାହୁ , ଡାକ୍ତର ଆଦିତ୍ୟ ନାରାୟଣ ପ୍ରଧାନ , ସିଆରସିସି ତ୍ରୈଲୋଚନ ଦାସ , ଯୁବ ସମାଜସେବି ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ | ଏହି ଶିବିରରେ ଡାକ୍ତର ରୁଦ୍ର ପ୍ରସନ୍ନ ରାୟ , ନୀଳାଦ୍ରି ପଣ୍ଡା , ବିଶ୍ୱଜିତ ବେହୁରା , ଜ୍ଞାନ ରଞ୍ଜନ ସାହୁ, ଲଳିତ ମୋହନ ରଥ , ପୁଷ୍ପାଞ୍ଜଳି ମହାପାତ୍ର , ମନୋରଞ୍ଜନ ନାଥ,ଚିଟି ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ | ଏହି ଶିବିରରେ ପ୍ରବଳ ଗରମ ଓ ଗୁଳୁଗୁଳି ସତ୍ତେ ରକ୍ତଦାନ ପାଇଁ ସେଚ୍ଛାସେବୀଙ୍କ ଭିଡ ଲାଗି ରହିଥିଲା |

# ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ରାଜନଗର,୭।୪ (ସଂଚାର ବ୍ୟୁରୋ) :ରାଜନଗରବ୍ଲକସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅର୍ଥନୀତି ସ୍ନାତକ ଶ୍ରେଣୀ ର ଶେଷ ବର୍ଷ ଛାତ୍ରଛାତ୍ରୀ ମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗର ମୁଖ୍ୟ ବସନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଥମ ଏବଂ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମିୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନ ଆଦର୍ଶ ମୂଲ୍ୟବୋଧ ସହ ଭବିଷ୍ୟତରେ କିପରି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳ ପହଞ୍ଚି ହେବ ସେ ବିଷୟରେ ମତ ରଖିଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ବିଚିତ୍ରାନନ୍ଦ ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ର ଜୀବନର ମୂଲ୍ୟବାନ ସମୟ କୁ କିପରି ସଦୁପଯୋଗ କରି ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ନିଜକୁ ଗଢି ହେବ ସେ ବିଷୟରେ ମତ ରଖିଥିଲେ। ଅର୍ଥନୀତି ବିଭାଗ ର ଅଧ୍ୟାପକ ଅଭିଜିତ୍ ଖୁଣ୍ଟିଆ ସମାଜରେ ପାଠ୍ୟକ୍ରମ ସହିତ ଗବେଷଣା, ସୃଜନଶୀଳତା ଓ ନୈତିକ ମୂଲ୍ୟବୋଧର ଗୁରୁତ୍ୱ ସମ୍ବନ୍ଧରେ କହିଥିଲେ ଓ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଶ୍ୱଜିତ୍ ପ୍ରଧାନ, ଲିପ୍ସା ଦାସ, ଚନ୍ଦନ ପରିଡ଼ା, କ୍ରିଷ୍ଣା ପରିଡ଼ା, ଜ୍ଞାନରଞ୍ଜନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ସମୀକ୍ଷା ବୈଠକ



ଯାଜପୁର,୭।୪ (ସଂଚାର ବ୍ୟୁରୋ): ବିକାଶର କୌଣସି ଦଳ ନଥାଏ । ଆଗାମୀ ୩ ବର୍ଷ ଭିତରେ କିଭଳି ଉନ୍ନୟନମୂଳକ ଯୋଜନା କରିବାକୁ ପଡିବ, ସେଥିପ୍ରତି ସମସ୍ତଙ୍କର ଦାୟିତ୍ୱ ରହିଛି। କାରଣ ଲୋକଙ୍କ ଟିକସ ଅର୍ଥକୁ ସଠିକ୍ ଭାବେ ବିକାଶ ଦିଗରେ ବିନିଯୋଗ କରିବା ପାଇଁ ଆମେ ଉତ୍ତରଦାୟୀ ବୋଲି ନବନିଯୁକ୍ତ ଯାଜପୁର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସନାୟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ କହିଛନ୍ତି। ଆଜି କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ସମୀକ୍ଷା ବୈଠକରେ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ଲୋକକଲ୍ୟାଣକାରୀ ଯୋଜନା ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

ବିଧାୟକ ଶ୍ରୀ ଆକାଶ ଦାସନାୟକ କହିଥିଲେ ଯେ ପ୍ରଶାସନଠାରୁ ଯାଜପୁର ଜିଲ୍ଲାବାସୀଙ୍କ ଅନେକ ଆଶା ଓ ଆକାଂକ୍ଷା ରହିଛି। ଅତୀତରେ ଯାଜପୁର ଜିଲ୍ଲା ସାରା ଓଡ଼ିଶାକୁ ଦିଗଦର୍ଶନ ଦେଇଛି। ସ୍ୱଳ୍ପ ମିଆଦୀ, ମଧ୍ୟମ ମିଆଦୀ ଏବଂ ଦୀର୍ଘ ମିଆଦୀ- ଏହି ଭଳି ତିନୋଟି ଉପାୟରେ ଯୋଜନା କରିବାକୁ ପଡ଼ିବ। ସ୍ୱଳ୍ପମିଆଦୀ ଯୋଜନାରେ ଯେଉଁସବୁ ଅଧୁରା କାମ ଆମର ରହିଯାଉଛି, ସେଗୁଡ଼ିକୁ ସାରିବାକୁ ହେବ ବୋଲି ବିଧାୟକ କହିଥିଲେ।

ସାଇନ୍ସ ପାର୍କ ଭଳି ଆଉ କିଛି ପ୍ରକଳ୍ପ ଯାହା ରାଜ୍ୟ ସ୍ତରରେ ଅନୁମୋଦନ ବା ସହଯୋଗ ଅପେକ୍ଷାରେ ରହିଛି, ସେଗୁଡ଼ିକୁ ମଧ୍ୟ ଚିହ୍ନଟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ପ୍ରତିବର୍ଷ ବନ୍ୟାରୁ ମୁକ୍ତି ପାଇବା ପାଇଁ ଏକ ବ୍ୟାପକ ଯୋଜନା ବାହାର କରିବାକୁ ହେବ ବୋଲି ବିଧାୟକ କହିଥିଲେ। ଏହାସହ ମ୍ୟାନେଜମେଣ୍ଟ ଶାସ୍ତ୍ରର "ଷ୍ଟ୍ରେନ୍ଥ, ୱିକନେସ, ଅପର୍ଚ୍ଚୁନିଟି ଓ ଥ୍ରେଟ୍" ବିଶ୍ଳେଷଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଯାଜପୁର ଜିଲ୍ଲାରେ ଏକ ଦକ୍ଷ ମାନବ ସମ୍ବଳ ଏବଂ ପାଣ୍ଠି ରହିଛି। ଦୁର୍ବଳତା ଏବଂ ବିପଦକୁ ଆମେ ଚିହ୍ନଟ କରିବାକୁ ପଡିବ। ଏକ ପ୍ରଗତିଶୀଳ ସରକାରରେ ଆମ ପାଖରେ ଅନେକ ସମ୍ଭାବନା ମଧ୍ୟ ଅଛି ବୋଲି ଶ୍ରୀ ଆକାଶ ଦାସ ନାୟକ କହିଥିଲେ। ପାଣ୍ଠିର ସଦୁପଯୋଗ ଏବଂ ସୁପରିଚାଳନା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ କିଛି ଦିନ ମଧ୍ୟରେ ନିଜ ନିଜ ବିଭାଗର ଯୋଜନାଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ନୂତନ କାର୍ଯ୍ୟକର୍ତ୍ତା



ପଟ୍ଟାମୁଣ୍ଡାଇ,୭।୪ (ସଂଚାର ବ୍ୟୁରୋ): ତୃଣମୂଳ ସ୍ତରରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ସଂଗଠନକୁ ବିସ୍ତାର କରି ଉଭୟ ସଂଗଠନର ଲକ୍ଷ୍ୟ ଆଭିମୁଖ୍ୟ ସହ ବିଭିନ୍ନ ସାମାଜିକ ବାର୍ତ୍ତା ପ୍ରଦାନ କରିବା ପାଇଁ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ଓ ୱଜରଙ୍ଗ ଦଳର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯିବା ସହିତ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା ଙ୍କ ପୌରହିତ୍ୟରେ ବିଶ୍ୱହିନ୍ଦୁ ପରିଷଦ ଓ ୱଜରଙ୍ଗ ଦଳର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ଉପସଭାପତି ପ୍ରଦୀପ କିଶୋର ନାୟକ, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ ଶେଖର ରାଉତ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ଉପସଭାପତି ଅମ୍ବୁଜ ଭୂଷଣ ନାୟକ, ଲୋକନାଥ ଦାଶ ମକର ଚରଣ ସାହୁ ପ୍ରମୁଖ ଯୋଗ ଦେଇ ଉଭୟ ସଂଗଠନର ନୀତି ଆଦର୍ଶ ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସଂଗଠନ ବିସ୍ତାର ପାଇଁ ନୂତନ କାର୍ଯ୍ୟକର୍ତ୍ତା ଚୟନ କରି ଦାୟିତ୍ୱ ହସ୍ତାନ୍ତର କରିଥିଲେ । ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ସଭାପତି ଭାବେ ପୁନର୍ବାର ଦେବାଶିଷ ପଣ୍ଡାଙ୍କୁ ମନୋନୀତ କରାଯାଇଥିବାବେଳେ ଉପସଭାପତି ଅମ୍ବୁଜ ଭୂଷଣ ନାୟକ ସମ୍ପାଦକ ସନାତନ ମହାନ୍ତି, ସହ ସମ୍ପାଦକ ଅଜିତ ମଲ୍ଲିକ, ସତସଙ୍ଗ ପ୍ରମୁଖ ପ୍ରିୟବ୍ରତ ଦାଶ, ଦୁର୍ଗା ବାହିନୀ ସଂଯୋଜିକା ଶ୍ରୀୟା ମହାନ୍ତି, ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଅଜିତ ସିଂ, ମନ୍ଦିର ଅର୍ଚ୍ଚକ ପୁରୋହିତ ସମ୍ପର୍କ ପ୍ରମୁଖ ପ୍ରମୋଦ କୁମାର ସ୍ୱାଇଁ, ଧର୍ମ ପ୍ରଚାର ପ୍ରମୁଖ ପ୍ରଶାନ୍ତ କୁମାର ମହାପାତ୍ର, ସେବା ପ୍ରମୁଖ ତପନ କୁମାର ବେହେରା ,ପ୍ରଚାର ପ୍ରସାର ପ୍ରମୁଖ ପ୍ରଭୁଦତ୍ତ ଦାଶ, ମାତୃଶକ୍ତି ସଂଯୋଜିକା କାମିନୀ ତରାଇ, ୱଜରଙ୍ଗ ଦଳ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ସଂଯୋଜକ ଚନ୍ଦ୍ରକାନ୍ତ ଖଣ୍ଡାୟୀ ,ସହ ସଂଯୋଜକ ସଞ୍ଜୟ ମଲ୍ଲିକ ଓ ସୂର୍ଯ୍ୟକାନ୍ତ ବେହେରା, ବଳ ଉପାସନା ପ୍ରମୁଖ ବଳରାମ ମଳିକ, ସହ ବଳ ଉପାସନା ପ୍ରମୁଖ ଲକି ମଲିକ, ଗୋରକ୍ଷା ପ୍ରମୁଖ ପାତନ ମଲିକ ସହ ଗୋରକ୍ଷା ପ୍ରମୁଖ ଲିପୁ ମଲିକ ସୁରକ୍ଷା ପ୍ରମୁଖ ସମ୍ବେଶ କୁମାର ପ୍ରଧାନ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଛି ।

# ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଉପଲକ୍ଷେ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା



ଭୁବନେଶ୍ୱର,୭।୪ (ସଂଚାର ବ୍ୟୁରୋ): ଚଳିତ ମାସ ୨୫ ତାରିଖରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଉପଲକ୍ଷେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍‌ଏଏଚ୍), ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଆସନ୍ତା ୧୨ ତାରିଖ ଦିନ ସକାଳ ୯ଟାରୁ କୁଇଜ ଓ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଛି।

ସୋଆ କ୍ୟାମ୍ପସ-୪ର ଅଡିଟୋରିୟମରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ମଧ୍ୟରୁ ବକ୍ତୃତା ପ୍ରତିଯୋଗିତାର ବିଷୟ ବସ୍ତୁ ରହ÷ଛି 'ଆର୍ଟିଫିସିଆଲ ଇନ୍‌ଟେଲିଜେନ୍ସ ଆପ୍ଲିକେସନ୍ ଇନ୍ ଆନିମଲ ମ୍ୟାନେଜମେଣ୍ଟ ପ୍ରାକ୍ଟିସେସ୍ ପଜେସ୍ ମୋର ଏଥିକାଲ୍ ରିସ୍କ ଅର୍ ବେନିଫିଟ୍ସ"।

ଭୁବନେଶ୍ୱର ଏବଂ ଏହାର ଆଖପାଖ ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ଏଥିରେ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିବା ନିମନ୍ତେ ଆଇଭିଏସ୍‌ଏଏଚ୍‌ର ଡିନ୍ ପ୍ରଫେସର (ଡାକ୍ତର) ସୁଶାନ୍ତ କୁମାର ଦାସ ଜଣାଇଛନ୍ତି।

ଏହି ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱ ପ୍ରାଣୀ ଚିକିତ୍ସା ପାଳନ ଦିବସରେ ପୁରସ୍କୃତ କରିବା ସହ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ପ୍ରଫେସର (ଡାକ୍ତର) ଦାସ ପ୍ରକାଶ କରିଛନ୍ତି। ସବିଶେଷ ବିବରଣୀ ଜାଣିବା ପାଇଁ ଦିଆଯାଇଥିବା ଉକ୍ତ ଫୋନ୍ ନମ୍ବର ୯୯୩୭୫୧୩୫୯୯ ଦ୍ୱାରା ସହଯୋଗ କରିପାରିବେ।

# ଶାଳଜଙ୍ଗା ମଠରେ ପ୍ରବେଶ କଲେ ଗଦାଧର, ରୀନାରାଣୀ



ପାରାଦୀପ,୭।୪ (ସଂଚାର ବ୍ୟୁରୋ) :ବହୁ ଚର୍ଚ୍ଚିତ ଜଗତସିଂହପୁର ଜିଲ୍ଲା ନାଉଗାଁ ଶାଳଜଙ୍ଗା ମଠରେ ମଠାଧିଶ ବାବା ଗଦାଧର ଦାସ ଓ ଅନ୍ତେବାସୀନି ରିନାରାଣୀ ସ୍ୱାଇଁଙ୍କୁ ମାନ୍ୟବର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ଆଜି ପୁଲିଶ ପ୍ରଶାସନ ମଠ ମଧ୍ୟରେ ପ୍ରବେଶ କରାଇଛି | ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମଠ ପରିସରରେ କୌଣଷି ଆଇନଶୃଙ୍ଖଳା ପରିସ୍ଥିତି ନଉପୁଜିବା ପାଇଁ ସେଠାରେ ପୁଲିସ ମଧ୍ୟ ମୁତୟନ କରାଯାଇଛି। ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମଠ ଭିତରେ ସେମାନଙ୍କୁ ପ୍ରବେଶ କରାଯାଇଥିବା ଦେଖିବାକୁ ମିଳିଛି। ଗତକଲି ଅର୍ଥାତ ସୋମବାର ପ୍ରଶାସନ ପୁଲିସ ସହାୟତାରେ ଗ୍ରାମବାସୀ ଓ ଗଦାଧର ଏବଂ ରୀନାରାଣୀଙ୍କୁ ଡାକି ନାଉଗାଁ ଥାନାରେ ଏକ ଶାନ୍ତି କମିଟି କରି ଆଲୋଚନା କରିଥିଲେ ମଧ୍ୟ ତାହା ସୁଫଳ ମିଳିନଥିଲା। ମଠ ଆଗରେ ପ୍ରାୟ ତିନିଶହ ଗ୍ରାମବାସୀ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗଦାଧର ଓ ରୀନାରାଣୀଙ୍କୁ ପୁରାଇ ନଦେବାକୁ ଜଗି ବସିଥିବା ମଧ୍ୟ ଦେଖିବାକୁ ମିଳିଥିଲା | ଶେଷରେ ଆଜି ପୁଲିସ ବ୍ୟାପକ ଫୋର୍ସ ନେଇ ମାନ୍ୟବର ଉଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ମଠ ମଧ୍ୟରେ ଗଦାଧର ଓ ରୀନାରାଣୀଙ୍କୁ ପ୍ରବେଶ କରାଇଥିଲା | ମଠରେ ଦାନଧର୍ମ ସୂତ୍ରରେ ମିଳିଥିବା ଅର୍ଥ ତୋଷରପାତ ଓ ମଠ ଜମି ହଡ଼ପ ଅଭିଯୋଗ ପରେ ସ୍ଥାନୀୟ ଶାଳଜଙ୍ଗା ଗ୍ରାମବାସୀ ନାଉଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାପରେ କୌଶଳ କ୍ରମେ ଅନ୍ତେବାସୀନି ରିନାରାଣୀ ସ୍ୱାଇଁ ମଠ ଛାଡି ପଳାଇଥିବା ବେଳେ ବାବା ଗଦାଧର ଦାସ ମଠ ମଧ୍ୟରୁ ରାତି ଅଧରେ ପାଚେରୀ ଡେଇଁ ପଳାୟନ କରିଥିବା ଅଭିଯୋଗ ହୋଇଥିଲା

# ଡୁଡୁକା ପଞ୍ଚାୟତରେ ଗ୍ରାମସଭା ଭଣ୍ଡୁର



ସୁନ୍ଦରଗଡ଼,୭।୪ (ସଂଚାର ବ୍ୟୁରୋ): ଏପ୍ରିଲ ୭ ତାରିଖ ମଙ୍ଗଳବାର ବିଜିଆର କମ୍ପାନୀର ପ୍ରସ୍ତାବିତ ରେଲୱେ ସାଇଡିଂ ପାଇଁ ପ୍ରଶାସନ ଦ୍ୱାରା ଡକା ଯାଇଥିବା ଗ୍ରାମସଭାକୁ ବିରୋଧ କଲେ ଡୁଡୁକା ପଞ୍ଚାୟତ ବାସୀ। ଲୋକଙ୍କ ନିଷ୍ପତ୍ତି ଶେଷ ନିଷ୍ପତ୍ତି, ତାଙ୍କ ନିଷ୍ପତ୍ତିରେ ସହମତି ଦେଲେ ପଞ୍ଚାୟତର ସରପଞ୍ଚ ଓ ନାଏବ ସରପଞ୍ଚ। କିଛି ଦିନ ଆଗରୁ ବାଲାଜୀ କମ୍ପାନୀ ପାଇଁ ଗ୍ରାମସଭା ବିଫଳ ହୋଇଥିବା ବେଳେ ପ୍ରଶାସନ ବାଆଁ ଡାହାଣ କରି ଫର୍ଜି ଦସ୍ତଖତ ଦେଇ ଗ୍ରାମସଭା ପାଶ କରିବା କଥାକୁ ଲୋକେ ଜିଦ ଧରି ବସିଛନ୍ତି। ସେହି ସଭାର ତଦନ୍ତ ରିପୋର୍ଟ ସର୍ବ ସମ୍ମୁଖରେ ଉପସ୍ଥାପନ କରା ନ ଯିବା ଯାଏଁ କାହାରିକୁ ଗ୍ରାମସଭା କରିବାକୁ ଦିଆଯିବ ନାହିଁ ବୋଲି ରୋକଠୋକ୍ ମନା କରିଛନ୍ତି ପଞ୍ଚାୟତ ବାସୀ। କେବଳ ସେତିକି ନୁହେଁ ହେମଗିର ତହସିଲଦାରଙ୍କ କମ୍ପାନୀ ପ୍ରୀତିକୁ ନେଇ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ପଞ୍ଚାୟତବାସୀ।

ତେବେ ଲୋକଙ୍କ ବିରୋଧାଭାସ ଏତେ ଅଧିକ ଥିଲା ଯେ ସେମାନେ ହେମଗିର ବିଡ଼ିଓ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସିଥିବା ହେମଗିର ତହସିଲଦାରଙ୍କ ସହ କୌଣସି ଆଲୋଚନା କରିବେ ନାହିଁ ବୋଲି ସ୍ପଷ୍ଟ ମନା କରିବା ସହ ଉଭୟ ଅଧିକାରୀଙ୍କୁ ଶକ୍ତ ବିରୋଧ କରିଥିଲେ। ଫଳରେ ବିକଳ୍ପ ପନ୍ଥା ନ ପାଇ ଉଭୟ ପ୍ରାଶାସନିକ ଅଧିକାରୀ କେନ୍ଦୁଲିଭ୍ କାର୍ଯ୍ୟାଳୟ ପରିସରରେ ବସି ରହି ଅପରାହ୍ନ ୫ ଟାରେ ଫେରିଥିଲେ।

# ଜିଲ୍ଲା କଂଗ୍ରେସ ସମ୍ପାଦକଙ୍କ ମାତୃ ବିୟୋଗ



ପଟ୍ଟାମୁଣ୍ଡାଇ,୭।୪ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସମ୍ପାଦକ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅର୍ନ୍ତଗତ ଖଡିଅଣ୍ଟା ପଞ୍ଚାୟତ ଆମ୍‌ୱରେ ଗ୍ରାମର ବରିଷ୍ଠ କଂଗ୍ରେସ ନେତା ରବିନାରାୟଣ ମିଶ୍ରଙ୍କ ମାତା ବିଶିଷ୍ଟ ଧର୍ମପ୍ରାଣା ମହିଳା ଅମ୍ବିକା ମିଶ୍ରଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। କଟକରୁ ତାଙ୍କ ମୃତ୍ୟୁଦେହ ନିଜ ବାସଭବନରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ, ପୁତ୍ର, ପୁତ୍ରବଧୂ, କନ୍ୟା,ନାତି, ନାତୁଣୀ ମାନେ ଉପସ୍ଥିତ ଥିଲେ। ତାଙ୍କ ମରଶରୀର ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ବଡ ପୁଅ ସତ୍ୟନାରାୟଣ ମିଶ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଶୁଭ ପ୍ରବେଶ



ନବରଙ୍ଗପୁର,୭।୪ (ସଂଚାର ବ୍ୟୁରୋ): ସ୍ଥାନୀୟ ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀଙ୍କ ନୂତନ ପ୍ରକୋଷ୍ଠର ଶୁଭ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ଲୋକସଭା ସାଂସଦ ବଳଭଦ୍ର ମାଝୀ, ମାନ୍ୟବର ବିଧାୟକ ଝରିଗାଁ ନରସିଂ ଭତରା, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବାସନ୍ତୀ ମାଝୀ, ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିସରରେ ମାନ୍ୟବର ଲୋକସଭା ସାଂସଦଙ୍କ ନିମନ୍ତେ ଅନ୍ୟ ଏକ କାର୍ଯ୍ୟାଳୟ ପ୍ରକୋଷ୍ଠ କାର୍ଯ୍ୟ ଅଳ୍ପ ଦିନରେ ଶେଷ ହେବ। ପ୍ରକୋଷ୍ଠ ଶୁଭ ପ୍ରବେଶ କାର୍ଯ୍ୟକ୍ରମ ପରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଏକ ସଭାର ଆୟୋଜନ ହୋଇଥିଲା।

# ସେଇ ସାତ ଦିନ



ସତ୍ୟନାରାୟଣ ପ୍ରଧାନ

ଦୁଇ ବନ୍ଧୁଙ୍କ ଭିତରେ ଅତୁଟ ସମ୍ପର୍କ ଯାହାକୁ ନେଇ ଗାଁ ସାରା ଚର୍ଚ୍ଚାର ବିନ୍ଦୁ ପାଲଟି ଯାଇଥିଲା। କେହି କାହାରିକୁ ଦଣ୍ଡେ ନ ଦେଖିଲେ ପାଗଳ ହୋଇ ଯାଅନ୍ତି। ଜୀବନ ଆଉ ମୃତ୍ୟୁ ଯଦି ସେ ଦୁହିଁଙ୍କୁ ଅଲଗା କରି ପାରିବ ନ ହେଲେ କାହାରିକୁ ସେ ସୁଯୋଗ ମିଳିବ ନାହିଁ ବୋଲି ନିଶ୍ଚିନ୍ତ ହୋଇ ଯାଇଥିଲେ। ସେମାନଙ୍କ ଭିତରୁ ଜଣେ ଧନୀ ଅନ୍ୟଟି ଗରିବ ହେଲେ ବି ସେ ତାରତମ୍ୟ ବନ୍ଧୁତା ଉପରେ କୌଣସି ପ୍ରଭାବ ପକାଇ ପାରୁ ନ ଥିଲା।

ଧନୀ ବନ୍ଧୁର ବାପା ଦୀର୍ଘଦିନ ଆଗରୁ ହୃଦରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ ନିଜର ଶେଷ ସମୟ ଆସି ପହଞ୍ଚି ଗଲାଣି ବୋଲି ଜାଣି ପାରିଲେ। ସେଥିପାଇଁ ପାଇଁ ନିଜ ପୁଅକୁ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ପୁଅ କିନ୍ତୁ ଅଚାନକ ବିବାହ କରିବା ପରିସ୍ଥିତିରେ ନ ଥିଲା। କାଳେ କିଛି ହୋଇଯିବ ସେ ଭୟରେ କିଛି ଗୋଟେ ଉପାୟ ବାହାର କରିବା ଲାଗି ତା ବନ୍ଧୁ ନିକଟରେ ଯାଇ ହାଜର ହୋଇଗଲା। ସେ ନିଜ ତରଫରୁ ଗୋଟେ ସ୍ତ୍ରୀ ହେବାର ଅଭିନୟ କିଛି ଦିନ ପାଇଁ ହେଉ ପଛେ ଯଦି କିଏ ରାଜି ହୋଇଯାଏ ସେ ବାବଦକୁ ଯେତେ ଟଙ୍କା ଦରକାର ଦେବାକୁ ପ୍ରସ୍ତୁତ ବୋଲି ଶୁଣାଇ ଦେଇଥିଲେ। ବନ୍ଧୁ ଜଣଙ୍କ ଗରିବ ହେଲେ ବି ନିଜ ଦ୍ୱାରା ଯାହା ସମ୍ଭବ ତାହା କରିବାକୁ ମନରେ ଚିନ୍ତା କରି ଗୋଟେ ଉପାୟ ବାହାର କରିଥିଲା। ସେ ଯାହାକୁ ଭଲ ପାଏ ତାର ନିଜ ମାଆ ଆରପାରିକୁ ଚାଲି ଯିବାର ଅନେକ ବର୍ଷ ବିତି ଯାଇଛି। ଘରେ ସାବତ ମାଆ ଦିନ ରାତି ଚାକରାଣୀ ଭଳିଆ ନିଜ ଝିଅ ହୋଇ ନ ଥିବାରୁ ତାକୁ କାମ କରାଇ ମୋଟେ ମନ ବୁଝେନାହିଁ। ଏପରି ପରିସ୍ଥିତିକୁ ଆଖି ଆଗରେ ରଖି କାହାକୁ କିଛି ନ ଜଣାଇ ମିଛରେ ହେଉ ପଛେ କିଛି ମାସ ପାଇଁ ବୋହୂର ଅଭିନୟ କରି ବନ୍ଧୁର ବାପାଙ୍କ ଶେଷ ଇଚ୍ଛା ପୂର୍ଣ୍ଣ କରିବାରେ ପୁଣ୍ୟ ଅଛି ବୋଲି ଭାବି ବସିଥିଲା।

କିଛି ଦିନ ପରେ ସେ ତ ଆଉ ଏ ଦୁନିଆରେ ନ ଥିବେ ଖାଲି ବଞ୍ଚିଥିବା ଯାଏ ତାଙ୍କର ସେବା କରି ପାରିଲେ ବୃଦ୍ଧ ଲୋକଟିର ଆତ୍ମା ଶାନ୍ତିରେ ମରି ପାରିବ ବୋଲି ଅନେକ ଥର ବୁଝାଇବା ପରେ ବନ୍ଧୁ ଜଣଙ୍କର ପ୍ରେମିକା ବିବାହ କରିବା ପାଇଁ ରାଜି ହୋଇଥିଲା। ବାହାଘର କେବଳ ମନ୍ଦିରରେ ସେଇ ଦୁଇ ବନ୍ଧୁ ଓ ତାଙ୍କ ବାପାଙ୍କ ଛଡା ଅନ୍ୟ କେହି ନ ଥିଲେ। ଝିଅଟି ଆଗରୁ ଯାହା ଭାବି ଆସିଥିଲା ବାସ୍ତବତା ତା ଠାରୁ ଆହୁରି ଭୟଙ୍କର ସାବସ୍ତ୍ୟ ହୋଇ ପଡିଥିଲା। ପ୍ରତି ମୁହୂର୍ତ୍ତର ମିଛ ଅଭିନୟ ଗୁଡାକ ଅସହ୍ୟ ହୋଇ ପଡିଥିଲା। ବୋହୂ ହୋଇ ଆସିବାର ସାତ ଦିନ ବିତିଗଲା ପରେ ପୂର୍ବରୁ ରୋଗରେ ପୀଡ଼ିତ ଥିବା ବୃଦ୍ଧ ବାପା ମୃତ୍ୟୁ ବରଣ କରିଥିଲେ। ଦୁଇ ସାଙ୍ଗ ମନରେ ଭାବିଲେ ଯାହା ହେଉ ତା ଅଭିନୟର ଶେଷ ଦୃଶ୍ୟ ପହଞ୍ଚି ଯାଇଛି। ତାକୁ ଆଉ ମୁଣ୍ଡରେ ଓଢଣୀ ଦେବାକୁ ପଡିବ ନାହିଁ। ବିବାହ ହୋଇଥିଲା ସତ କିନ୍ତୁ ସେମାନଙ୍କ ଭିତରେ ଥିବା ସମ୍ପର୍କ ଗଙ୍ଗା ଠାରୁ ଆହୁରି ପବିତ୍ର। ଧନୀ ବନ୍ଧୁ ଜଣଙ୍କ ତାଙ୍କୁ ସମ୍ମାନର ସହିତ ପୁଣି ଗୋଟେ ଝିଅ ବେଶରେ ଘରେ ନେଇ ଛାଡି ଆସିବାକୁ ବାହାରିଲା ବେଳେ ସେ ଯିବାକୁ ଆଦୌ ମନା କରିଥିଲେ। ଶେଷରେ ବାଧ୍ୟ ହୋଇ ସେଇ ପିଲାଦିନ ବନ୍ଧୁକୁ ଡାକିବାକୁ ପଡିଲା। ସେ ନିଜ ଭଲ ପାଇବାକୁ ଆଉ କାହାର ସିନ୍ଦୁର ହେବାକୁ ତ୍ୟାଗ ରୂପକ ବଳି ଦେବା ପରେ କହିବା ପାଇଁ ତା ପାଖରେ ଆଉ କିଛି ବାକି ନ ଥିଲା।ସେ ମନରେ ଅନେକ ଦିନ ଆଗରୁ ଭାବି ନେଇଥିଲା ଯେ ସେ ତ ମୁଠେ ଖାଇବାକୁ ଦେବାର ସାମର୍ଥ୍ୟ ହରାଇ ବସିଥିଲା। ସେ ଆଉ କାହାର ହେବା ଆଗରୁ ନିଜ ବନ୍ଧୁ ସହିତ ଛନ୍ଦି ଦେଲେ ଦୁଃଖିନୀର ଜୀବନଟା ସୁଧୁରି ଯିବ ବୋଲି ଏପରି କରିବାକୁ ବାଛି ନେଇଥିଲା। ବନ୍ଧୁ ଜଣଙ୍କର ବାପା ଦୁନିଆ ଛାଡି ଯିବା ପରେ ସେ ଆଉ କାହିଁକି ଜଣେ ଝିଅକୁ ପାଖରେ ରଖିବେ ଯାହାକୁ ସେ କେବେ ସ୍ତ୍ରୀ ବୋଲି ଭାବିନାହିଁ।ସର୍ତ୍ତ ଅନୁସାରେ ତାକୁ ଛାଡି ଦେବାକୁ ଉଚିତ ବୋଲି ମନେ କରିଥିଲେ।

ଝିଅଟିଏ ଅଗ୍ନିକୁ ସାକ୍ଷୀ ରଖି ବିବାହ ବେଦୀରେ ଗୋଟେ ଧର୍ମପତ୍ନୀର ସ୍ୱୀକୃତି ପାଏ। ସେ ରାତି ପାହିଲେ ସବୁଦିନ ଗାଧୋଇ ସାରି ମଥାରେ ନିଜ ସ୍ୱାମୀ ନାମରେ ସିନ୍ଦୁର ପିନ୍ଧେ। ସେ ବଞ୍ଚିଥିବା ଯାଏ ଆଉ କାହାକୁ ଗ୍ରହଣ କରି ପାରି ପାପର ବୋଝକୁ ମୁଣ୍ଡେଇବା ପାଇଁ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥାଏ। ସେ ଆଉ କାହାର ହୋଇ ବଞ୍ଚିବା ଆଗରୁ ସାତ ଦିନର ହେଉ ପଛେ ସ୍ତ୍ରୀ ହେବାର ସୌଭାଗ୍ୟ ପାଇ ବାକି ଜୀବନ କାଟି ଦେବାର ନିଷ୍ପତ୍ତି ଗ୍ରହଣ କରିଥିଲା। ରାତିର ଅନ୍ଧାରେ କାହାର ନଜର ପଡିବା ଆଗରୁ ସବୁଦିନ ପାଇଁ ସେ ଗାଁ ଛାଡି ଗୋଟେ ଅଜଣା ରାଇଜରେ ଭିକ ମାଗି ପଛେ ପେଟ ପୋଷି ବଞ୍ଚିଯିବ ଭାବି ସମସ୍ତଙ୍କୁ ପର କରି ଘର ଛାଡି ଚାଲି ଯାଇଥିଲା।।

**ଅଣ୍ଟିଆ, ଯାଜପୁର, ମୋବାଇଲ୍: ୯୧୭୮୩୧୩୬୪୪**



---

## ଅଛୁଆଁ ନୀଡ଼ର ପକ୍ଷୀ



**ଡ. ଶୁଭେନ୍ଦୁ ମେହେର**

ଯେବେଠୁ ସେ' ନୀଡ଼ ବାନ୍ଧିଛି
ଡ଼ଙ୍ଗର ତଳର ସାହାଡ଼ା ଗଛ ଜୀବନ ପାଇଛି ।

ସେଇ ଦିନରୁ.....
ନୀଳ ରଙ୍ଗର ଆକାଶରେ
ମେଘମାନେ ମାଦଳ ବଜାନ୍ତି,
ଅସ୍ତାଚଳ ସୂର୍ଯ୍ୟ ସକାଳର ସଂଗୀତ ଗାଏ ।
କେଉଁ କାଳରୁ ବହି ଯାଉଥିବା
ଅଜଣା ନଈର ଅସ୍ଥାୟୀ ଠିକଣା
ତା' ସହ କେବେଠୁ ଏ ଅଚିହ୍ନା ପରିଚୟ ।

ଓଦା ସରସର ସ୍ନେହ ସମ୍ପର୍କର ପତ୍ରସମୂହ
ଗୋଜିଆ ଥଣ୍ଟରେ ଚିରି
ବିଶ୍ୱାସକୁ ଫାସକରେ
ଲୟ, ଛନ୍ଦ ଆଉ ସୁର ଦେଇ
ନୀଡ଼ ତିଆରେ କେତେ ଯତନରେ !
କୁଟା କାଠିର ଖୋଳପା ଭିତରେ
ତା'ର ସ୍ୱପ୍ନ ସମୂହ !
ଠିକ ପୂର୍ଣ୍ଣିମା ରଙ୍ଗର ଠିକଣା ପରି,
କାହିଁ କେବେଠୁ
ନୀରବତାର ନଗ୍ନରୂପରେ ସେ' ଖୋଜାପଡ଼େ.....

ନଈ ପାଣିରେ ତା'ର ଛାଇ ପଡିଲେ
ଢେଉ ସମୂହ ଚୁମ୍ବନ ଦିଅନ୍ତି
ସୃଷ୍ଟିର କେଉଁ ମଣିଷର ହାତ ପାଏନି
ତା'ର ସୁଖ ଦୁଃଖର ବାୟାବସାକୁ ।

ମାଟି ତଳେ ତାର କଳ୍ପନାର ଶ୍ୟାମବନ
ଆକାଶରେ ଆକାଶେ ସମ୍ମୋହନ
ଇଚ୍ଛାମତୀ ରାତିର ମୁକୁଳା ଦେହରେ ସେ'
ହଜାରେ ଦୁଃଖକୁ ଢ଼ୋକିପାରେ ।

ତା'ର ଡେଣାରେ ଆକାଶର ନୀଳ
ଆଖିରେ ଲୋହିତ ରଙ୍ଗର ସ୍ୱପ୍ନ
ଦେହରେ କୋଣାର୍କର ଯୁଗ୍ମ ଯୁଗଳ
ଭାବନାରେ........
ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱକୁ ଉଡିବାର ଅଦମ୍ୟ କୌଶଳ ।
କୁଆଁରୀ ଫୁଲ ହାଟରେ
ତା'ର ଚଗଲି ମନ
ପାପୁଲିଏ ରଙ୍ଗ ନେଇ ବଞ୍ଚେ
ସର୍ତ୍ତହୀନ ରଙ୍ଗୀନ ଜୀବନ ।।

**ଯାଲୋଏ, ସୁବର୍ଣ୍ଣପୁର**



---

## ସମର୍ପଣ



**ଡ. ଚନ୍ଦ୍ରକଳା ନାୟକ**

ସେ ଆସିଲେ ଦେହ ଶୀହରିତ ହୁଏ
ଭାବରେ ତରଙ୍ଗ ଖେଳେ
ନିର୍ଜୀବ ଶରୀରଟା ମନ୍ଦ ମନ୍ଦ ଲାଗେ
ଜୀବନରେ ହଠାତ ମଳୟ ବହେ
ତା ପଦଧ୍ୱନୀରେ ଛିଣ୍ଡିଯାଏ ତ ସତ
ଜାରାଗାରରେ ରୁଦ୍ଧ ବା ପ୍ରକୋଷ୍ଠ
ମୁଁ ବି ତ ଉନ୍ମୁକ୍ତ ହୋଇଉଠେ
ଅମାନିଆ ହୁଏ ବେଲଗାମ ମନ
ଠିକ ରଙ୍ଗୀନ୍ ପ୍ରଜାପତି ପରି ।

ମୁଁ ତ ତା ହାତଲେଖା କବିତାଟିଏ
ଖୁବ ସହଜିଆ ପଣରେ ନିଜକୁ ପଢ଼ିପାରେ
ସେଥିରେ ନଥାଏ ଅଛିଣ୍ଡା ଅଙ୍କର ଜଟିଳତା
ମୋ ନିଶ୍ୱାସରେ ଭରିଯାଏ ତାଡି
ଅମାବାସ୍ୟାରେ ବି ଖେଳିଯାଏ ଚନ୍ଦ୍ରମାର
ଜ୍ୟୋତି ।

ତା ସାନିଖରେ ଫୁଟିଉଠେ ଶତକଦମ୍ବ
ଖେଳିଉଠେ ସ୍ୱର୍ଗ ପାତିଜାତ
ମୁଁ କିନ୍ତୁ ଅମାନିଆ ବିନ୍ଦୁଟିଏ
ଲୋଟିପଡେ ତା ଦେହ ଓ ମନରେ
ତାର ଶରୀରର ଶୂନଶାନ ଇଲାକାରେ
ମୋ ଲାଜର ଗହଣା ଭିତରେ
ସମର୍ପଣର ସବୁ ସମାହାରରେ ।

**ଅଧ୍ୟାପିକା, ମହାପୁରୁଷ ହାଡିବାସ ମହାବିଦ୍ୟାଳୟ, ଛତିଆ, ସାଜପୁର, ମୋବାଇଲ୍: ୯୪୩୭୯୫୭୬୧୭**



---

## ଶିଶୁ



**ଡ଼ ଧୀରେନ୍ଦ୍ର କୁମାର ମଲ୍ଲିକ**

ଜାଣେନି ଶିଶୁ କପଟ ଛନ୍ଦ
ଜାଣେନି ହିଂସା ବାଦ,
ଜାଣେନି ପାପ ଅଧର୍ମ ଛଳ
ଜାଣେନି ଜାତି ଭେଦ।
ଯେମିତି ଶିକ୍ଷା ଦେବାଟି ତାକୁ
ସେମିତି ହେବ ଗଢ଼ି,
ସମୟ ସାଥେ ତାଳ ଦେଇକି
ଆଗକୁ ଯିବ ବଢ଼ି।
କହିବା ନାହିଁ ତାହାରି ପାଖେ
କଦାପି କୁଉ ଭାଷା,
କରିବା ନାହିଁ ତାହାରି ଆଗେ
କାହାକୁ ଲୋକହସା।
ନହେଲେ ଆମ ଠାରୁ ଶିଖିକି
ଖରାପ ସିଏ ହେବ,
ବଡ଼ ହୋଇକି ଆମରି ମୁହେଁ
ଜବାବ ପରା ଦେବ।
ତେଣୁ ଶିଶୁକୁ କରିବା ସ୍ନେହ
ଶିଖାଇ ଭଲ କଥା,
ଦିନେ ସେ ଭଲ ମଣିଷ ହୋଇ
ଉଚ୍ଚା କରିବ ମଥା।

**ନୀଳକଣ୍ଠପୁର,ମଙ୍ଗଳପୁର,ଯାଜପୁର**
**ଫୋନ-୭୯୦୪୩୯୨୬୮୬**



---

## କବିତା ପରା ମୋ ହୃଦସ୍ପନ୍ଦନ



**ଡଃ ତାନଶ୍ରୀ ପାଣିଗ୍ରାହୀ**

ମୋ ପାଇଁ କବିତା ତୋଫା ଜହ୍ନରାତି
ମୋ ଓଠ ନୀରବ ଭାଷା
କେବେ ଗାଏ ସେ ନିଃଶବ୍ଦର ଗୀତ
ତା ପ୍ରୀତି ମହୁଲି ନିଶା...

ମୋ ପାଇଁ କବିତା ନୀଳ ଆକାଶର
ମୁକ୍ତ ବିହଙ୍ଗଟିଏ
କେବେ ବାନ୍ଧିଦିଏ ବସାଟିଏ ପୁଣି
ଅମୃତ ତୃଷ୍ଣାର ମୋହେ...

କେବେ ପ୍ରେମ ଦିଏ ଓଠ ଧାରେ ହସ
କେବେ ଦିଏ ପୁଣି ଲୁହ
କେବେ ଭସାଏ ସେ ପ୍ରୀତିର ସୁଅରେ
କେବେ ଭରି ଦିଏ କୋହ...

କବିତା ଆସେ ମୋ ମନର ମଣିଷ
ପ୍ରଣୟ ଚିଠିକୁ ଧରି
କେବେ ଆଣିଦିଏ ଦେହେ ମାଦକତା
ଶିହରଣ ଦିଏ ଭରି...

ମୋ ମନ ଉଦ୍ୟାନେ ଭ୍ରମର ସାଜି ସେ
କରଇ ପ୍ରୀତି ଗୁଞ୍ଜନ
ସେ ମୋ ଭାବନା ସେ ମୋ ପ୍ରେରଣା
ବୋଲେ ସେ ପ୍ରୀତି ଚନ୍ଦନ...

କବିତା ପରା ମୋ ହୃଦୟ ସ୍ପନ୍ଦନ
କବିତା ମୋ ଆକର୍ଷଣ
ସୁଖରେ ଦୁଃଖରେ ସାଥୀଟିଏ ସିଏ
ଦେଖାଏ ନିତି ସେ ସ୍ୱପ୍ନ ।।

*ବାଲେଶ୍ୱର *
ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର
ବାଲିଆ, ବାଲେଶ୍ୱର
ମୋ - ୯୩୩୭୩୦୪୨୯୫



---

## ଏଇ ମୋର ଗାଁଟି



**କବିଭାରତୀ ବାସନ୍ତୀ ଲତା ଜେନା**

ଏଇ ମୋର ଗାଆଁଟି ଏଇ ମୋର ଗାଆଁଟି
ସବୁଠୁ ମଧୁର ଲାଗେ ମୋତେ ତାର ନାଆଁ ଟି ।୧।
ଏଇଠି ଏକୁଡିଶାଳ ଜଳିଥିଲା ଜୁଇଟି
ଖେଳି ବୁଲି ବଡ ହେଲି ରଖିବି ତା ନାଆଁଟି ।୨।
ଚାଟଶାଳୀ ପାଠ ପଢି ଗୁରୁ ଛାଟ ଖାଇଛି
ଅ ଆ ବର୍ଣ୍ଣବୋଧ ବହିଟିକୁ ପଢ଼ିଛି ।୩।
ଆଜି ସେହି ଚାଟଶାଳୀ ନା ଲୁଚି ଯାଇଛି
ଅଙ୍ଗନବାଡିରେ ପିଲା ପାଠ ପଢି ବସୁଛି ।୪।
ମାଟି ଘର ଥିଲା ଆମ ଆଜି ପକ୍କା ହୋଇଛି
ଗାଁ ଦାଣ୍ଡ କାଦୁଅରେ ନାଆଁ ଲୁଚି ଯାଇଛି ।୫।
ବରଷା ରେ ଭିଜି ଭିଜି ସାଙ୍ଗ ସାଥେ ଖେଳିଛି
ମାଆର ଆକଟ ସାଥେ ବାପା ଗାଳି ଖାଇଛି ।୬।
ଭଦୁଅରେ କଇଁ ଫୁଲ ପୋଖରୀରୁ ତୋଳିଛି
କୁଆଁର ପୁନେଇ ଗୀତ ଖୁସି ମନେ ବୋଲିଛି ।୭।
ଖରା ବେଳେ ନ ଶୋଇ ମୁଁ ଗଛ ମୂଳେ ଖେଳିଛି
ବୋଉ ଠାରୁ ବେତ ବାଡ଼ି କେତେ ଥର ଖାଇଛି ।୮।
ହଳ ଲଙ୍ଗଳକୁ ଧରି କୃଷକ ଟି ଯାଉଛି
କ୍ଷେତ କାମ ସାରି ଦେଇ ସନ୍ଧ୍ୟାରେ ସେ ଫେରୁଛି ।୯।
ସାହି ପିଲା କୋଳାହଳେ ଗାଆଁ ଦାଣ୍ଡ କମ୍ପୁଛି
ଖଞ୍ଜଣି ଭଜନ ଧ୍ୱନି ମନ୍ଦିରେ ନ ଶୁଭୁଛି ।୧୦।
ବୋଉ ମୋର ସଞ୍ଜବତୀ ଚଉଁରା ରେ ଦେଉଛି
ମନ୍ଦିରରୁ ଶଙ୍ଖ ଘଣ୍ଟା ଧ୍ୱନି ତାର ଶୁଭୁଛି ।୧୧।
ବାହୁଡା ବିହଙ୍ଗ ଦଳ ନୀଡ଼କୁ ଯେ ଫେରୁଛି
ଗୋରୁ ପଲ ଫେରୁଛନ୍ତି ଧୂଳି କେତେ ଉଡୁଛି ।୧୨।
ଘରେ ଘରେ ଶିଶୁଗଣ ପାଠ ପଢି ବସୁଛି
ଗୃହ କାମ ଲେଖା ପଢା କାମ ସାରି ଦେଉଛି ।୧୩।
ଅତୀତର ସ୍ମୃତି ସବୁ ମନେ ପଡି ଯାଉଛି
ଗାଆଁର ଚଳଣି ଏବେ ସହରଠୁ ବଳିଛି ।୧୪।
ପ୍ରାକୃତିକ ସୁନ୍ଦରରେ ଗାଆଁ ମୋର ହସୁଛି
ଗାଆଁର ସଂସ୍କୃତି ଏବେ ବଦଳିତ ଯାଇଛି ।୧୫।
ପରମ୍ପରା ଧୀରେ ଧୀରେ ଲୁଚି ଲୁଚି ଯାଉଛି
ଆଧୁନିକ ସଭ୍ୟତାରେ ଗାଆଁ ପାଦ ଦେଇଛି ।୧୬।
ତଥାପି ମୋ ଗାଆଁ ମୋତେ ଭାରି ଭଲ ଲାଗୁଛି
ଜନନୀ ମୋ ଜନ୍ମ ଭୂଇଁ ତା' ସ୍ନେହ ମୁଁ ପାଇଛି ।୧୭।

**ଗାନ୍ଧୀନଗର, ନବରଙ୍ଗପୁର**
**ମୋବାଇଲ୍: ୮୬୫୮୬୫୫୯୭୯**



---

## ଅଂଶୁଘାତ ଫୁଲ ନା ଫଳ



**ସୁନନ୍ଦା ମହାନ୍ତି**

ସୂର୍ଯ୍ୟଙ୍କ ବାଇଗଣୀ ରଶ୍ମିରୁ ଉତ୍ପନ୍ନ
ଅଂଶୁଘାତ ଫୁଲ ନା ଫଳ
ପୂର୍ବ ପ୍ରାରବ୍ଧ କର୍ମଫଳ
ଏବର ଆରବ୍ଧ ପାପ ପୁଣ୍ୟ ଫଳ
ଉପରକୁ ନାଲି ଭିତରେ ମହାକାଳ
ଜଳ ସ୍ଥଳ କଳ ବଳ କୌଶଳ
ଭୋଗିବାକୁ ହୁଏ ଜଳ ସ୍ଥଳ
ଆକାଶ ପାତାଳ ମାଟିତଳ
କୋଉଠି ଥିଲା ବାଦୁଡ଼ି
ଉଡିଆସିଲା ଯୋଜନ
ଦେଖି ବେଳ କାଳ ପାପଫଳ
ଆତଙ୍କ ସନ୍ତ୍ରାସ ଯୁଦ୍ଧ ଗୋଟେ ପଟେ
ଅଂଶୁଘାତ ଐଶ୍ୱର୍ଯ୍ୟୀକ ଅସ୍ତ୍ର ଅବା ଶସ୍ତ୍ର
ବୁଝିବାର ବେଳ
ପରାଣ ଆକୁଳ ବିକଳ
ଖୋଜ ଯେତେ ମୁନ୍ଦେ ଜଳ
ତଥାପି ଛତା ଛାତ ହୋଇ ବକଳ
ପାଣିବୋତଲ ଓଦାଗାମୁଛା
ବା କୁ ବତା କେବଳ
ଏହିତ ଅହିତ କର୍ମ ଫଳ
ସଜାଗ ହୋଇଯା ମଣିଷ
ନିଜ ଓ୍ୱୁଦ୍ଧି ବିଦ୍ୟା ଅହଙ୍କାର ଛାଡିବାର
ଏହି ପ୍ରକୃଷ୍ଟ ବେଳ
ସୂର୍ଯ୍ୟ ସକଳ ଶକ୍ତିର ଆଧାର
ଜପ ତପ କରିବାକୁ ସୁନେଲି ସକାଳ
ପକ୍ଷୀ କାକଳୀରେ ଶୁଭେ ଆକୁଳ ବିକଳ
ଜଳ ନଷ୍ଟ ଦେବ କଷ୍ଟ ଇଦଂ ଫଳ

**ସାକ୍ଷୀଗୋପାଳ, ପୁରୀ**
**ମୋବାଇଲ୍: ୯୦୪୦୯୭୭୩୨୭**



---

## ପ୍ରତିଶ୍ରୁତି



**ସନ୍ତୋଷ କୁମାର ସାହୁ**

ପ୍ରତିଶ୍ରୁତି ଏକ ବିଶ୍ୱାସ ଭରସା
ସମ୍ପର୍କକୁ ଦୃଢ଼ କରେ
ଆଶା ପୂରଣରେ ଖୁରାକ ଯୋଗାଏ
ମନରେ ସାନ୍ତ୍ୱନା ଭରେ ...

ପ୍ରତିଶ୍ରୁତି ଏକ ଆଶାର ଆଲୋକ
ମନ ଆଶ୍ୱାସନା ବାରି
ଅସ୍ଥିର ଚିତ୍ତକୁ ସ୍ଥିର କରିଦିଏ
ସନ୍ଦେହକୁ ଦୂର କରି ...

ପ୍ରତିଶ୍ରୁତି ଏକ ସତ୍ୟର ସଂକଳ୍ପ
ଛଳନା ବିହୀନ ପରି
କେବେ ପ୍ରତିଶ୍ରୁତି ଆନନ୍ଦ ଭାବନା
ନିବିଡ଼ ସମ୍ପର୍କ ଡୋରି...

ପ୍ରତିଶ୍ରୁତି ଏକ ବଚନ ପ୍ରତିଜ୍ଞା
ଉଲ୍ଲଙ୍ଘନ ଅନୁଚିତ
ଦାୟିତ୍ୱ ବିଚାର କର୍ତ୍ତବ୍ୟ ପାଳନ
ନୈତିକ ବନ୍ଧନ ହିତ...

ପ୍ରତିଶ୍ରୁତି ସତ୍ୟ ମହତ୍ତ୍ୱ ଭାବନା
ବିଶ୍ୱାସ ବଜାୟ ରଖି
ସମ୍ପର୍କ ସୁଦୃଢ଼ କରିବା ନିମନ୍ତେ
କାର୍ଯ୍ୟ କରେ ଶ୍ରଦ୍ଧା ଦେଖି...

ପ୍ରତିଶ୍ରୁତି ଚୁକ୍ତି ଯଥାର୍ଥ ମାର୍ମିକ
ଭରସାର ପ୍ରତିଛବି
ଅନାବିଳ ଭାବ ବିନୟ ନମ୍ରତା
ସତ୍ୟ ଧର୍ମ କଥା ଭାବି...

ଗାନ୍ଧୀ ନଗର
କୋରାପୁଟ





